# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧୩/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, May 13/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୧୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଶୁକ୍ରବାର, ମେ ୧୩/୨୦୨୨ (୧୪ ପୃଷ୍ଠା) | Friday, May 13/2022 | Page 14 | ପୃଷ୍ଠା-୧



**ଦୀକ୍ଷା ଡାଗରଙ୍କୁ ସ୍ୱର୍ଣ୍ଣ**
ଭାରତୀୟ ମହିଳା ଗଲ୍ଫ ଖେଳାଳି ଦୀକ୍ଷା ଡାଗର ବଧିର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

୧୦ ୦୯

**ସୋସିଆଲ ମିଡିଆରୁ ବ୍ରେକ୍**
ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ସୋସିଆଲ ମିଡିଆରୁ ବ୍ରେକ୍ ନେବେ ବୋଲି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରିଛନ୍ତି।



ପୁଣି ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ହେଲେ ରାନିଲ ବିକ୍ରମସିଂଘେ




# ଚକରା ଏନ୍‌କାଉଣ୍ଟର

## ରାଜଧାନୀରେ ପୋଲିସ-ଅପରାଧୀ ମୁହାଁମୁହିଁ

**ରାଜଧାନୀରେ କିଛିଦିନ ହେବ ଅପରାଧୀମାନେ ସାଧାରଣ ଲୋକଙ୍କୁ ଟାର୍ଗେଟ କରି ଆତଙ୍କ ରଚୁଛନ୍ତି। ବନ୍ଧୁକ, ଭୁଜାଲି ଭଳି ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ଟଙ୍କା ଓ ସୁନାଗହଣା ଲୁଟି ନେଉଛନ୍ତି। ଏହାକୁ ରୋକିବା କମିଶନରେଟ ପୋଲିସ ନିମନ୍ତେ ଚ୍ୟାଲେଞ୍ଜ ହୋଇଥିବାବେଳେ ବୁଧବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା କରୁଥିବା ଏକ ଗ୍ୟାଙ୍ଗର ମୁଖ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ଚକରାଙ୍କୁ ଏନ୍‌କାଉଣ୍ଟର କରାଯାଇଛି।**

ଭୁବନେଶ୍ୱର,୧୨।୫ (ବ୍ୟୁରୋ)


ଏନ୍‌କାଉଣ୍ଟର ପରେ ଚକରାଙ୍କୁ ହସ୍ପିଟାଲକୁ ନିଆଯାଉଛି।

- ■ ବୋମାମାଡ଼ରେ ୨ ପୋଲିସ କର୍ମଚାରୀ ଆହତ
- ■ ଡକାୟତି ଯୋଜନାବେଳେ ଚଢ଼ାଉ
- ■ ଖସିଗଲେ ୬ରୁ ଅଧିକ ସଦସ୍ୟ
- ■ କାର୍, ବନ୍ଧୁକ, ଗୁଳି, ମୋବାଇଲ ଜବତ

ରାଜଧାନୀରେ ଅପରାଧୀ ଗ୍ୟାଙ୍ଗ ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି। ଏକାଧିକ ଅପରାଧ ଘଟାଇ ରାଜଧାନୀରେ ଆତଙ୍କ ରଚୁଥିବା ଏକ ଗ୍ୟାଙ୍ଗ ଉପରେ କମିଶନରେଟ ପୋଲିସ ବୁଧବାର ବିଳମ୍ବିତ ରାତିରେ ଚଢ଼ାଉ କରି ମାଷ୍ଟରମାଇଣ୍ଡଙ୍କୁ ଏନ୍‌କାଉଣ୍ଟର କରିଛି। ବରମୁଣ୍ଡା ଖେଳପଡ଼ିଆରେ ଡକାୟତି ଯୋଜନା କରୁଥିବା ସୂଚନା ପାଇ ଖଣ୍ଡଗିରି ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ଏକ ମିଳିତ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦୁର୍ବୃତ୍ତମାନେ ବୋମା ପକାଇବା ସହ ଗୁଳିମାଡ଼ କରିଥିଲେ। ଫଳରେ ପୋଲିସ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଗୁଳିମାଡ଼ କରିଥିଲା। ଗୁଳିମାଡ଼ରେ ଗ୍ୟାଙ୍ଗର ମୁଖ୍ୟ ଦୁର୍ଦ୍ଦାନ୍ତ ଅପରାଧୀ ଚକରା ଓରଫ ଚକ୍ରଧର ବାରିକ ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ଅପରପକ୍ଷରେ ଦୁର୍ବୃତ୍ତଙ୍କ ବୋମାମାଡ଼ରେ ଖଣ୍ଡଗିରି ଥାନାର ଏସ୍‌ଆଇ ରାଜୀବ କୁମାର ନାୟକ ଓ ଦେବଦତ୍ତ ସାମନ୍ତରାୟ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ବୃତ୍ତମାନେ ଏକ କାର୍ ଘଟଣାସ୍ଥଳରେ ଛାଡ଼ି ପଳାଇଛନ୍ତି। ଏଥିସହ ଗୋଟିଏ ବ୍ୟାଗରେ ୩ ବୋମା, କାର୍‌ରେ ୩ ମୋବାଇଲ, ସେଠାରେ ପଡ଼ିଥିବା ୨ଟି ବନ୍ଧୁକ, ୨ଟି କଟୁରି, ୭ ରାଉଣ୍ଡ ଗୁଳି ଜବତ କରିଛି ପୋଲିସ। ☞ପୃଷ୍ଠା-୨




## ରାଜୀବ କୁମାର ନୂଆ ସିଇସି

ନୂଆଦିଲ୍ଲୀ,୧୨।୫(ପି.ଟି.)



ନିର୍ବାଚନ କମିଶନର ରାଜୀବ କୁମାରଙ୍କୁ ଗୁରୁବାର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତ କରାଯାଇଛି। ବର୍ତ୍ତମାନର ସିଇସି ସୁଶୀଲ ଚନ୍ଦ୍ରା ଆସନ୍ତା ୧୪ରେ ଅବସର ଗ୍ରହଣ କରୁଥିବାବେଳେ ୧୫ରେ ରାଜୀବ କୁମାର ନୂଆ ସିଇସି ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୨୪ର ଧାରା (୨) ଅନୁଯାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସିଇସି ଭାବେ ରାଜୀବ କୁମାରଙ୍କୁ ନିଯୁକ୍ତି ପ୍ରଦାନ ☞ପୃଷ୍ଠା-୨

## ୧୦ରେ ରାଜ୍ୟ ସଭା ନିର୍ବାଚନ | ଓଡ଼ିଶାରୁ ଯିବେ ୩ ଜଣ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ଓଡ଼ିଶାର ୩ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏନ୍.ଭାସ୍କର ରାଓ ଏବଂ ସସ୍ମିତ ପାତ୍ରଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହି ଆସନ ପାଇଁ ନିର୍ବାଚନ ହେବ। ୨୦୧୬ରେ ଏନ୍.ଭାସ୍କର ରାଓ, ପ୍ରସନ୍ନ ଆଚାର୍ଯ୍ୟ ଏବଂ ବିଷ୍ଣୁ ଦାସଙ୍କୁ ବିଜେଡି ରାଜ୍ୟ ସଭା ପଠାଇଥିଲା। ୨୦୧୭ରେ ବିଷ୍ଣୁ ଦାସଙ୍କୁ ରାଜ୍ୟ ସଭା ପଦ ଛାଡ଼ିବାକୁ ପଡ଼ିଥିଲା। ତାଙ୍କ ସ୍ଥାନରେ ପ୍ରତାପ ଦେବଙ୍କୁ ଦଳ ରାଜ୍ୟ ସଭା ପଠାଇଥିବା ବେଳେ ୨୦୧୯ରେ ଆଳି ନିର୍ବାଚନମଣ୍ଡଳୀରୁ ଲଢ଼ି ସେ ବିଜୟୀ ହୋଇଥିଲେ। ଏହାପରେ ତାଙ୍କୁ ରାଜ୍ୟ ସଭା ଆସନ ଛାଡ଼ିବାକୁ ପଡ଼ିଥିଲା। ତାଙ୍କ ସ୍ଥାନରେ ଦଳ ସସ୍ମିତ ପାତ୍ରଙ୍କୁ ରାଜ୍ୟ ସଭା ଛାଡିଥିଲା। ତେବେ ୨୧.୬.୨୦୨୨ରୁ ୧.୮.୨୦୨୨ ମଧ୍ୟରେ ଯେଉଁମାନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି ସେହି ଆସନ ପାଇଁ ନିର୍ବାଚନ ହେବ। ଜୁଲାଇ ୧ରେ ଏହି ୩ ଜଣଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଅନ୍ୟପକ୍ଷରେ ସୁବାସ ସିଂ କଟକ ମେୟର ହେବାପରେ ସେ ରାଜ୍ୟ ସଭାରୁ ଗତ ମାସରେ ଇସ୍ତଫା ଦେଇଥିଲେ। ତାଙ୍କ ଇସ୍ତଫାପତ୍ର ମଧ୍ୟ ଗୃହୀତ ହୋଇସାରିଛି। ହେଲେ ଏହି ଆସନ ଲାଗି ନିର୍ବାଚନ ହେବାକୁ ଘୋଷଣା କରାଯାଇ ନାହିଁ। ☞ପୃଷ୍ଠା-୨

### ୧୫ ରାଜ୍ୟର ୫୭ ଆସନ ପାଇଁ ହେବ ମତଦାନ

ନୂଆଦିଲ୍ଲୀ,୧୨।୫

୧୫ ରାଜ୍ୟର ୫୭ ରାଜ୍ୟ ସଭା ଆସନ ପାଇଁ ଜୁନ୍ ୧୦ରେ ନିର୍ବାଚନ ହେବ। ଏନେଇ ନିର୍ବାଚନ କମିଶନ ଗୁରୁବାର ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ମୁଖତାର ଅବ୍ବାସ ନକ୍‌ଭି, କଂଗ୍ରେସ ନେତା ଅମ୍ବିକା ସୋନି ଓ ଜୟରାମ ରମେଶ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ସତୀଶ ☞ପୃଷ୍ଠା-୨

## ରାନିଲ ବିକ୍ରମସିଂଘେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ



କଲମ୍ବୋ, ୧୨।୫: ଶ୍ରୀଲଙ୍କାରେ ଗମ୍ଭୀର ଆର୍ଥିକ ଓ ରାଜନୈତିକ ସଙ୍କଟ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାନିଲ ବିକ୍ରମସିଂଘେ ପୁଣି ଥରେ ଶାସନକୁ ଫେରିଛନ୍ତି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେଙ୍କ ସହ ବୁଧବାର ରୁଦ୍ଧଦ୍ୱାର ବୈଠକ ପରେ ୟୁନାଇଟେଡ୍ ନ୍ୟାଶନାଲ ପାର୍ଟି(ୟୁଏନ୍‌ପି) ନେତା ତଥା ୭୩ ବର୍ଷୀୟ ବିକ୍ରମସିଂଘେ ଗୁରୁବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏହି ଦ୍ୱୀପଦେଶରେ ସରକାର ବିରୋଧୀ ଆନ୍ଦୋଳନ ଓ ହିଂସା ତେଜିବାକୁ ନେଇ ମହିନ୍ଦା ରାଜପାକ୍‌ସେ ସୋମବାର ଇସ୍ତଫା ଦେଇଥିଲେ। ୫ ଥର ପ୍ରଧାନମନ୍ତ୍ରୀ ରହିଥିବା ବିକ୍ରମସିଂଘେଙ୍କୁ ୨୦୧୮ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ପରିବେଶ ପରିସଂସ୍ଥା ଓ ଆମ ସ୍ୱାସ୍ଥ୍ୟ**

## ପରିଚାଳନା ଦାୟିତ୍ୱ ନେଲେ ରାଜ୍ୟ ସରକାର

### ତାଳଚେର ମେଡିକାଲ କଲେଜ ଓ ହସ୍ପିଟାଲ
### ଏମ୍‌ସିଏଲ୍ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ତାଳଚେର ମେଡିକାଲ କଲେଜର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ନିଜ ହାତକୁ ନେଇଛନ୍ତି। ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ(ଏମ୍‌ସିଏଲ) ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବକୁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନିକ ଅନୁମୋଦନ କରିଛନ୍ତି। ଏହି ମେଡିକାଲ କଲେଜକୁ ମହାନଦୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ନାମରେ ନାମିତ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହାକୁ ପରିଚାଳନା କରିବା ବେଳେ ଏମ୍‌ସିଏଲ୍ ଏଥିପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବ। ଅନୁଗୋଳ ଓ ଏହାର ଆଖପାଖ ଜିଲା ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଶିକ୍ଷାକୁ ଦୃଢ଼ୀଭୂତ କରିବା ଦିଗରେ ରାଜ୍ୟ ସରକାରଙ୍କ ଏହା ଆଉ ଏକ ଉଦ୍ୟମ।

ଏହି ମେଡିକାଲ କଲେଜ ଚଳାଇବା ଏବଂ ଏଷ୍ଟାବ୍ଲିଶମେଣ୍ଟ ଖର୍ଚ୍ଚ ଏମ୍‌ସିଏଲ୍ ବହନ କରିବ। ରାଜ୍ୟ ସରକାର ଯୋଗାଇ ଦେଇଥିବା ୨୦ ଏକର ଜମିରେ ଏମ୍‌ସିଏଲ୍ ଏହି ମେଡିକାଲ କଲେଜ ନିର୍ମାଣ କରିଛି। ପ୍ରତ୍ୟେକ ବର୍ଷ ଏହି ମେଡିକାଲ କଲେଜରେ ୧୦୦ ସିଟ୍‌ରେ ନାମଲେଖା ହେବ।



ଏଥିସହିତ ୫୦୦ ଶଯ୍ୟା ଚିକିତ୍ସା ସୁବିଧା ରହିବ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ମେଡିକାଲ କଲେଜ ଓ ହସ୍ପିଟାଲକୁ ସରକାରୀ ଓ ଘରୋଇ ଭାଗୀଦାରି(ପିପିପି) ସହାୟତାରେ ଚଳାଇବାକୁ ଏମ୍‌ସିଏଲ୍ ନିଷ୍ପତ୍ତି ନେଇଥିଲା। ତେବେ ପରବର୍ତ୍ତୀ ସମୟରେ ମେଡିକାଲ କଲେଜକୁ ଚଳାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ☞ପୃଷ୍ଠା-୨

# ଫିଟିବନି ତାଜମହଲ ରହସ୍ୟ

ଲକ୍ଷ୍ନୌ,୧୨।୫

- ■ ୨୨ ବନ୍ଦ କୋଠରି ଖୋଲାଇବାକୁ ମନାକଲେ ହାଇକୋର୍ଟ
- ■ ଆବେଦନକାରୀଙ୍କୁ କହିଲେ ଯାଅ, ଗବେଷଣା କର

ଆଗ୍ରାସ୍ଥିତ ବିଶ୍ୱ ପ୍ରସିଦ୍ଧ ତାଜମହଲ ପଛର ବାସ୍ତବ ଇତିହାସ ଉପରେ ଗବେଷଣା କରିବା ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ ଦାବିକୁ ଗୁରୁବାର ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଛନ୍ତି। ତାଜମହଲରେ ଥିବା ୨୨ ବନ୍ଦ କୋଠରି ଭିତର ସତ ଜାଣିବା ପାଇଁ କବାଟ ଖୋଲିବା ନେଇ ହୋଇଥିବା ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏହା କୋର୍ଟ ବାହାର ପ୍ରସଙ୍ଗ ହୋଇଥିବାରୁ ଭିନ୍ନ ପଦ୍ଧତିରେ ସତ୍ୟ ପଦାକୁ ଆଣିବା ପାଇଁ ଐତିହାସିକମାନଙ୍କ ଉପରେ ଛାଡ଼ିଦିଆଯାଉ ବୋଲି ହାଇକୋର୍ଟ କହିଛନ୍ତି।

ଅଯୋଧ୍ୟାର ଭାଜପା ଯୁବ ମିଡିଆ ପ୍ରଭାରୀ ରଜନୀଶ ସିଂ ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ଖଣ୍ଡପୀଠରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିଲେ। ତାଙ୍କ ମତରେ ଶିବମନ୍ଦିର ଉପରେ ନିର୍ମିତ ତାଜମହଲରେ ବନ୍ଦ ଥିବା ୨୨ କୋଠରିରେ ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ରହିଛି। କିନ୍ତୁ ତାଜମହଲ ସମ୍ପର୍କରେ ମିଥ୍ୟା ଇତିହାସ ପଢ଼ାଯାଉଛି। ତେଣୁ କୋଠରିଗୁଡ଼ିକର ରହସ୍ୟ ଜାଣିବା ପାଇଁ



ଭାରତର ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍‌ଆଇ)କୁ ଯାଞ୍ଚ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ଅନୁରୋଧ କରିଥିଲେ। ହାଇକୋର୍ଟ କହିଥିଲେ, ଏଭଳି ବିତର୍କ ଡ୍ରଇଂରୁମ୍ ପାଇଁ ଉଦ୍ଦିଷ୍ଟ, କୋର୍ଟରେ ଏସବୁ ଚାଲିବ ନାହିଁ। ଆବେଦନକାରୀ ଏହା ଉପରେ ଏମ୍‌ଏ, ପିଏଚ୍.ଡି. କରନ୍ତୁ। ପିଆଇଏଲ୍‌କୁ ଉପହାସ କରନ୍ତୁ ନାହିଁ। ଆବେଦନକାରୀ ଭବିଷ୍ୟତରେ ଆସି ଆମକୁ ବିଚାରପତିଙ୍କ ଚ୍ୟାମ୍ବରକୁ ଯିବାକୁ କହିବେ। ଏହା ଅବାନ୍ତର କଥା ବୋଲି ଜଷ୍ଟିସ୍ ଡି.କେ. ଉପାଧ୍ୟାୟ ଏବଂ ସୁଭାଷ ବିଦ୍ୟାର୍ଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ।

ପ୍ରକାଶ ଯେ, ମୋଗଲ ଶାସନ କାଳର ଐତିହ୍ୟ ତାଜମହଲର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍‌ଆଇ ହାତରେ ନ୍ୟସ୍ତ କରାଯାଇଛି। ଏହାକୁ ମୋଗଲ ସମ୍ରାଟ ଶାହଜାହାନ୍ ନିଜ ସ୍ତ୍ରୀ ମୁମ୍‌ତାଜଙ୍କ ସ୍ମୃତିରେ ନିର୍ମାଣ କରାଇଥିଲେ। ଏହି ମାର୍ବଲ ମନୁମେଣ୍ଟର ନିର୍ମାଣ କାର୍ଯ୍ୟ ୧୬୩୨ରେ ଆରମ୍ଭ ହୋଇ ୨୨ ବର୍ଷ ଧରି ଚାଲିଥିଲା। ୧୬୫୩ରେ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା। ୧୯୮୨ରେ ୟୁନେସ୍କୋ ଏହାକୁ ବିଶ୍ୱ ଐତିହ୍ୟ ମାନ୍ୟତା ଦେଇଥିଲା।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି କାଲି କହି ହେଲା ବରଷେ,**
**ପଅରଦିନକୁ ହେବ ପୁରୁଷେ ।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। କରଜ ବା ଉଧାର ନେଇ ପରିଶୋଧ କରିପାରୁ ନ ଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡେଇ ଗୋଡେଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉନଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆ ବଳଦ,**
**ମତେ ବିନ୍ଧ।**

ଅଯଥାରେ ବିପଦକୁ ଡାକି ଆଣିବା। ଜାଣିଶୁଣି ନିଜେ ନିଜ ପାଇଁ ଅସୁବିଧା ସୃଷ୍ଟି କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆଗୁଆ ଆସିବ ମୌସୁମୀ

## ୧୫ରେ ଆଣ୍ଡାମାନ ସାଗରରେ ସକ୍ରିୟ ହେବ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)** ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗୁଆ ଆସିବ। ନିର୍ଦ୍ଧାରିତ ସମୟର ୫ଦିନ ପୂର୍ବରୁ ଅର୍ଥାତ୍ ମେ' ୧୫ ସୁଦ୍ଧା ଦକ୍ଷିଣ ଆଣ୍ଡାମାନ ସାଗରରେ ସକ୍ରିୟ ହେବା ସହ ଦକ୍ଷିଣପୂର୍ବ ବଙ୍ଗୋପସାଗର ଆଡ଼କୁ ଅଗ୍ରସର ହେବ। ଏଥିଲାଗି ପାଗ ଅନୁକୂଳ ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାଧାରଣତଃ ମେ' ୨୦ ବେଳକୁ ମୌସୁମୀ ସକ୍ରିୟ ହେଉଥିବାବେଳେ ଜୁନ୍ ୧ ବେଳକୁ କେରଳରେ ପହଞ୍ଚୁଥିଲା। ଚଳିତ ବର୍ଷ ଅସମ୍ଭାଳ ତାତି ଦେଶବାସୀଙ୍କୁ ଅସ୍ତବ୍ୟସ୍ତ କରି ପକାଇଥିବା ବେଳେ ଆଗୁଆ ମୌସୁମୀ ଆସିବା ସୂଚନା ଆଶ୍ୱସ୍ତି ଆଣିଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି, ଆଗାମୀ ୫ଦିନ ମଧ୍ୟରେ ଆଣ୍ଡାମାନ ନିକୋବରରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ମେ' ୧୪ରୁ ୧୬ ତାରିଖ ମଧ୍ୟରେ କେତେକ ସ୍ଥାନରେ ଭୀଷଣ ବର୍ଷା ହୋଇପାରେ। ଦକ୍ଷିଣ ଆଣ୍ଡାମାନ୍ ସାଗର ଉପରେ ୪୦ରୁ ୫୦ କି.ମି. ମଧ୍ୟରେ ପବନ ପ୍ରବାହିତ ହେବ ବୋଲି ଅନୁମାନ କରାଯାଇଛି। ଚଳିତବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ଅନ୍ୟପକ୍ଷରେ ବାତ୍ୟା ସ୍ଥଳଭାଗ ଛୁଇଁସାରିଥିବାରୁ ଓଡ଼ିଶାର ସବୁ ବନ୍ଦରରୁ ବିପଦ ସଙ୍କେତ ଉଠାଇ ଦିଆଯାଇଛି। ଦିନେ ଦୁଇଦିନ ମଧ୍ୟରେ ରାଜ୍ୟରେ ପାଗ ପରିବର୍ତ୍ତନ ହେବ। ମେଘମୁକ୍ତ ଆକାଶ ସହ ତାପମାତ୍ରା ବୃଦ୍ଧି ପାଇବ। ଆସନ୍ତା ୧୪ ତାରିଖରୁ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବା ସମ୍ଭାବନା ରହିଛି। ଉପକୂଳ ଓଡ଼ିଶାରେ ମଧ୍ୟ ଅନୁରୂପ ସ୍ଥିତି ରହିବ। ଉପକୂଳ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ୪୪ ଡିଗ୍ରୀ ସେଲ୍‌ସିୟସ୍ ଟପିଯାଇପାରେ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ଚକରା ଏନ୍‌କାଉଣ୍ଟର...

ଚକରାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ଅଧିକ ଚିକିତ୍ସା ପାଇଁ ସେଠାରୁ ପୁଣି କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡିସିପି ପ୍ରତୀକ ସିଂ କହିଛନ୍ତି। ଏଥିସହ ଅନ୍ୟ ସହଯୋଗୀଙ୍କୁ କାବୁ କରିବାକୁ ଏକ ସ୍ୱତନ୍ତ୍ର ଚଢ଼ାଉ ଜାରି ରଖିଥିବା ଡିସିପି ସିଂ କହିଛନ୍ତି। ଏନେଇ ଖଣ୍ଡଗିରି ଥାନାରେ ଆର୍ମ୍ସ ଆକ୍ଟ ସହ ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୩୯/୨୦୨୨) ରୁଜୁ କରାଯାଇଛି। ସେପଟେ ପୋଲିସ ହେପାଜତରେ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଚକରା ସୁସ୍ଥ ହେବାପରେ ତାଙ୍କୁ ଗିରଫ କରାଯିବ ବୋଲି ଖଣ୍ଡଗିରି ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ଅଭିଯୁକ୍ତ ଚକରାଙ୍କ ନାମରେ କମିଶନରେଟ ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ଆର୍ମସ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ୧୬ଟି ମାମଲା ରହିଛି। ସେଥିମଧ୍ୟରେ ମଞ୍ଚେଶ୍ୱର ଥାନାରେ ୪, ଖଣ୍ଡଗିରିରେ ୬ ଏବଂ ବାଲିଅନ୍ତା, ଧଉଳୀ, ଏୟାରପୋର୍ଟ, ନନ୍ଦନକାନନ, ନୟାପଲ୍ଲୀ ଓ ବଡ଼ଗଡ଼ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି।

ବୁଧବାର ରାତି ପ୍ରାୟ ୨ଟା ୩୦ରୁ ୩ଟା ମଧ୍ୟରେ ଚକରା ତାଙ୍କ ସହଯୋଗୀଙ୍କ ସହ ବରମୁଣ୍ଡା ଖେଳ ପଡ଼ିଆରେ ମଦ୍ୟପାନ କରିବା ସହ ଏକ ବଡ଼ଧରଣର ଡକାୟତି ଯୋଜନା କରୁଥିଲେ। ସେମାନଙ୍କ ପାଖରେ ଏକ କାର୍ ସହ ୩ଟି ବାଇକ ଥିଲା। କାର୍‌ରେ ବୋମା, କଟୁରୀ, ବନ୍ଧୁକ ଆଦି ରଖି କିପରି ଡକାୟତି କରିବେ ସେନେଇ ପୂର୍ବପ୍ରସ୍ତୁତି କରୁଥିଲେ। ୭ରୁ ଅଧିକ ଅପରାଧୀ ଏନେଇ ଯୋଜନା କରୁଥିବା କମିଶନରେଟ ପୋଲିସକୁ ଖବର ମିଳିଥିଲା। ଖଣ୍ଡଗିରି ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡର ଏକ ମିଳିତ ଟିମ୍ ତୁରନ୍ତ ସେଠାରେ ପହଞ୍ଚି ଚଢ଼ାଉ କରିଥିଲା। ଘଟଣାସ୍ଥଳରେ ଅତି ନିକଟରୁ ପୋଲିସ ଟିମ୍ ଓ ଅପରାଧୀମାନେ ମୁହାଁମୁହିଁ ହୋଇଥିଲେ। ଚକରା ଏବଂ ସହଯୋଗୀମାନେ ପୋଲିସକୁ ଦେଖି ଏକ ବୋମା ପକାଇବା ସହ ଗୁଳି ଚାଳନା କରିଥିଲେ। ବୋମାର କିଛି ଅଂଶ ଆସି ୨ପୋଲିସ କର୍ମୀଙ୍କ ଦେହରେ ବାଜିଥିଲା। ପୋଲିସ ସେମାନଙ୍କୁ କାବୁ କରିବାକୁ ଗୁଳିଚାଳନା କରିଥିଲା। ଚକରାଙ୍କ ଡାହାଣ ଗୋଡ଼ାରେ ଏକ ଗୁଳି ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଚକରାଙ୍କ ଅନ୍ୟ ସହଯୋଗୀମାନେ କାର୍ ଛାଡ଼ି ବାଇକରେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ଗୁରୁବାର ଭୋରୁ ଡିସିପି ପ୍ରତୀକ ସିଂ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସମୀକ୍ଷା କରିଥିଲେ। ଉକ୍ତ ସ୍ଥାନକୁ ପୋଲିସ କର୍ଡନ କରି ଜଗି ରହିଥିଲା। ସେଠାରେ ଥିବା କାର୍ ୨ଟି ବ୍ୟାଗରେ କିଛି ଆଶବାବପତ୍ର ଓ ଅନ୍ୟ ଏକ ଜରି ବ୍ୟାଗରେ ବୋମା ଥିଲା। କାର୍ ଉପରେ ମଦ ବୋତଲ ସହ ଗୋଟିଏ ବନ୍ଧୁକ ଓ କିଛି ଦୂରରେ ଆଉ ଏକ ବନ୍ଧୁକ ସହ ଚାରିଆଡ଼େ ଗୁଳି ଓ ଖୋକା ପଡ଼ିଥିଲା। ପୂର୍ବାହ୍ନରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ସମସ୍ତ ସାମଗ୍ରୀରୁ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରିଥିଲା। ଏଥିସହ ବୋମା ନିଷ୍କ୍ରିୟକାରୀ ଟିମ୍ ଉକ୍ତ ୩ ବୋମାକୁ ଅତି ସୁରକ୍ଷିତର ସହ ନେଇ କିଛି ଦୂରରେ ଫୁଟାଇ ଦେଇଥିଲା।

ସୂଚନା ଅନୁଯାୟୀ, ଚକରାଙ୍କ ଘର ନୟାଗଡ଼ ଅଞ୍ଚଳରେ ହୋଇଥିବାବେଳେ ସେ ତମାଣ୍ଡୋରେ ରହୁଛନ୍ତି। ସେ ଜେଲରେ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ରବି ରାଓଙ୍କ ସହଯୋଗୀ। ୨୦୧୯ ଅଗଷ୍ଟରେ ରବିଙ୍କ ସମେତ ୫ ସହଯୋଗୀଙ୍କୁ କମିଶନରେଟ ପୋଲିସ ଏନ୍‌କାଉଣ୍ଟର କରି ଆହତ କରିଥିଲା। ମଞ୍ଚେଶ୍ୱର ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଚକରା ମାସେ ପୂର୍ବରୁ ଜାମିନ୍‌ରେ ଆସି ଏକ ନୂଆ ଗ୍ୟାଙ୍ଗ ଗଢ଼ିଥିଲେ। ଗ୍ୟାଙ୍ଗରେ ୮ରୁ ଅଧିକ ସଦସ୍ୟଙ୍କୁ ସାମିଲ କରି ରାଜଧାନୀର ବିଭିନ୍ନ ଅଞ୍ଚଳରେ ଅପରାଧ ଘଟାଉଥିଲେ। ମାସେ ଭିତରେ ବିଭିନ୍ନ ସ୍ଥାନରେ ଲୁଟ୍ କରି ଆତଙ୍କ ରଚି ପୋଲିସର ନିଦ ହଜାଇ ଦେଇଥିଲେ। ନିକଟରେ ନୂଆ ଡିସିପି ଭାବେ ଆସିଥିବା ପ୍ରତୀକ ସିଂ ବୈଠକ କରି ଅପରାଧୀଙ୍କୁ ଧରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

## ଓଡ଼ିଶାରୁ ଯିବେ...

ନିୟମିତ ଭାବେ ଗୋଟିଏ ସମୟରେ ଶେଷ ହେଉଥିବା ଦେଶର ୫୭ଟି ଆସନ ପାଇଁ ଘୋଷଣା ହେଉଥିବା ବେଳେ ସୁବାସ ନିଜ ପଦରୁ ଇସ୍ତଫା ଦେଇଥିବା କାରଣରୁ ଏନେଇ କିଛି ହୋଇନାହିଁ। କୌଣସି ସମୟରେ ଏହି ଆସନ ଲାଗି ତାରିଖ ଘୋଷଣା ହୋଇପାରେ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ରାନିଲ ବିକ୍ରମସିଂଘେ...

ଅକ୍ଟୋବରରେ ତତ୍କାଳୀନ ରାଷ୍ଟ୍ରପତି ମୈତ୍ରିପାଲା ସିରିସେନା ପଦରୁ ହଟାଇଥିଲେ। ଏହାର ୨ ମାସ ପରେ ସିରିସେନା ତାଙ୍କୁ ପୁନଃ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ଶାସକ ଦଳ ଶ୍ରୀଲଙ୍କା ପୋଦୁଜାନା ପେରାମୁନା (ଏସ୍‌ଏଲ୍‌ପିପି), ବିରୋଧୀ ସାମାଗି ଜନ ବାଲାୱେଗୟା (ଏସ୍‌ଜେବି) ସମେତ ଅନ୍ୟ ଦଳଗୁଡ଼ିକ ସଂଖ୍ୟାଗରିଷ୍ଠତା ପାଇଁ ବିକ୍ରମସିଂଘେଙ୍କୁ ପାର୍ଲାମେଣ୍ଟରେ ସମର୍ଥନ ଦେବେ ବୋଲି ଜଣାପଡ଼ିଛି। ୨୦୨୦ରେ ହୋଇଥିବା ନିର୍ବାଚନରେ ଦେଶର ସର୍ବପୁରାତନ ଦଳ ୟୁଏନ୍‌ପି ଗୋଟିଏ ବି ଆସନ ଜିତିପାରି ନ ଥିଲା। ଏପରିକି ନିଜେ ବିକ୍ରମସିଂଘେ ମଧ୍ୟ ନିର୍ବାଚନରେ ପରାଜିତ ହୋଇଥିଲେ। ପରେ ସେ ମିଳିତ ନ୍ୟାଶନାଲ ଭୋଟ ଜରିଆରେ ୟୁଏନ୍‌ପିରୁ ପାର୍ଲାମେଣ୍ଟକୁ ଯାଇଥିଲେ। ତାଙ୍କ ଡେପୁଟି ସାଜିତ ପ୍ରେମାଦାସା ଏସ୍‌ଜେବିର ନେତୃତ୍ୱ ନେଇ ଦଳକୁ ମୁଖ୍ୟ ବିରୋଧୀ କରାଇବାରେ ସକ୍ଷମ ହୋଇଥିଲେ। ଦେଶର ଅର୍ଥନୀତିକୁ ଉପଯୁକ୍ତ ଢଙ୍ଗରେ ପରିଚାଳନା କରିବା ସହ ଦୂରଦୃଷ୍ଟିସମ୍ପନ୍ନ ନୀତି ଓ ଅନ୍ତର୍ଜାତୀୟ ସହଯୋଗ ହାସଲ ଦିଗରେ ଆବଶ୍ୟକ ପଦକ୍ଷେପ ନେବାରେ ବିକ୍ରମସିଂଘେ ଜଣେ ଦକ୍ଷ ରାଜନେତା ଭାବେ ଜଣା। ୧୯୪୮ରେ ବ୍ରିଟେନଠାରୁ ସ୍ୱାଧୀନତା ପାଇବା ପରଠାରୁ ଶ୍ରୀଲଙ୍କା ଏବେ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ବିଦେଶୀ ମୁଦ୍ରା ଭଣ୍ଡାର ପ୍ରାୟ ଶେଷ ହୋଇଯାଇଥିବାରୁ ଶ୍ରୀଲଙ୍କା ବାହାରୁ କୌଣସି ସାମଗ୍ରୀ ଆମଦାନୀ କରିପାରୁନାହିଁ। ଏଥିସହ ଖାଦ୍ୟ, ଔଷଧ ଆଦିର ଦରଦାମ୍ ଆକାଶଛୁଆଁ ହୋଇଥିବାରୁ ସରକାରୀ ବିରୋଧୀ ଆନ୍ଦୋଳନ ତୀବ୍ର ହୋଇଛି।

## ୧୫ ରାଜ୍ୟର...

ଚନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟ କେତେକ ଦଳର ନେତାମାନେ ରାଜ୍ୟ ସଭା ସଦସ୍ୟ ଭାବେ ଜୁନ୍ ୨୧ରୁ ଅଗଷ୍ଟ ୧ ମଧ୍ୟରେ ଅବସର ନେଉଛନ୍ତି। ଫଳରେ ଖାଲି ହେବାକୁ ଥିବା ଆସନଗୁଡ଼ିକରେ ନିର୍ବାଚନ କରାଇବା ଆବଶ୍ୟକ ହୋଇଛି। ଉତ୍ତର ପ୍ରଦେଶର ୧୧ ଆସନ ଖାଲି ହେଉଥିବାବେଳେ ତାମିଲନାଡୁ ଓ ମହାରାଷ୍ଟ୍ରର ୫ଟି ଲେଖାଏ, ବିହାର ୫ ଏବଂ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ, କର୍ନାଟକର ୪ଟି ଲେଖାଏ ଆସନ ଖାଲି ପଡ଼ିବ। ସେହିପରି ଓଡ଼ିଶା ଓ ମଧ୍ୟପ୍ରଦେଶର ୩ଟି ଲେଖାଏ, ତେଲଙ୍ଗାନା, ଛତିଶଗଡ଼, ପଞ୍ଜାବ, ହରିୟାଣାର ୨ଟି ଲେଖାଏ ଏବଂ ଉତ୍ତରାଖଣ୍ଡର ଗୋଟିଏ ଆସନରେ ନିର୍ବାଚନ କରାଯିବ। ଏଥିପାଇଁ ମେ' ୨୪ରେ ବିଜ୍ଞପ୍ତି ଜାରି ହେବାକୁ ଥିବାବେଳେ ଜୁନ୍ ୧୦ରେ ଭୋଟଗ୍ରହଣ କରାଯିବ। ପ୍ରତିଷ୍ଠିତ ପରମ୍ପରା ଅନୁସାରେ ମତଦାନ ଶେଷ ହେବାର ଘଣ୍ଟାଏ ପରେ ଭୋଟ ଗଣତି କରାଯିବ। ନୂଆକରି ରାଜ୍ୟ ସଭାକୁ ନିର୍ବାଚିତ ହେବାକୁ ଥିବା ଏହି ସଦସ୍ୟମାନେ ଆସନ୍ତା ଜୁଲାଇରେ ରାଷ୍ଟ୍ରପତି ନିର୍ବାଚନ ବେଳେ ଭୋଟ ଦେବେ।

## ରାଜୀବ କୁମାର...

କରିଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ୧୯୬୦ରେ ଜନ୍ମିତ ରାଜୀବ ୨୦୨୫ ଫେବୃୟାରୀ ମଧ୍ୟଭାଗ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ନିକଟରେ ହେବାକୁ ଯାଉଥିବା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ସମେତ ୨୦୨୪ ସାଧାରଣ ନିର୍ବାଚନ ଓ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ରାଜୀବ ୨୦୨୦ ସେପ୍ଟେମ୍ବର ୧ରେ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ସାଧାରଣ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି)ର ଅଧ୍ୟକ୍ଷ ଥିଲେ। ବିହାର/ଝାଡ଼ଖଣ୍ଡ କ୍ୟାଡରର ୧୯୮୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ରାଜୀବ ୨୦୨୦ ଫେବୃୟାରୀରେ ସେବାନିବୃତ୍ତ ହୋଇଥିଲେ।

## ପରିଚାଳନା ଦାୟିତ୍ୱ ନେଲେ...

ନେଇଛନ୍ତି। ଏହାର ପରିଚାଳନା ଓ ପ୍ରଶାସନିକ ବାବଦରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି। ମେଡିକାଲ କଲେଜ ପାଇଁ ରାଜ୍ୟ ସରକାର ୨୦ ଏକର ଜାଗା ଯୋଗାଇ ଦେବା ସହ ସମସ୍ତ ସହଯୋଗ କରିଥିଲେ। ୨୦୧୫ରେ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫୦୦କୋଟି ଟଙ୍କା ବ୍ୟୟରେ ଏହି ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।


# classifieds Everyday
0674-2580101, 2549302




**SALE**

**Luxurious 2/3BHK Apartment sale in Hanspal, Palasuni and duplex in Kalarahanga. 8763887357, 7992736330.** D-73246

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ Immediate ଘରକରି ରହିବା ପାଇଁ Low cost plot ମିଳୁଛି. 9692213354. D-71898

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଳିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**BDA, RERA & SBI Approved 2/3BHK flats, duplex and triplex for sale at Bhubaneswar with all amenities. Contact: 8599097575, 9853089975.** D-73245

3BHK duplex 22,00,000/- corehouse Balianta (Bainchua), finance available- 8093465134, 9668194157. D-73318

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-422

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/flat ଅଛି। 9658122456, 8327785834.** D-73241

Full furnished 2BHK, flat near Hundai Show Room, Uttara Square, Bhubaneswar. @ 50lakhs. 9861037729, 9040337729. D-73604

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

Gharabadi residential plot for sale near Daisipatana- 450/-, Uttara- 1300/-, Sundarapada- 1200/-, duplex near Gudiapokhari- 55lakhs. Contact: 7978551614, 9439049194. D-71990

**Premium 3BHK, 2BHK ready to move house for sale at Patia with 2free Air Conditioner. 7437998131.** D-71636

**30' road, gharabari boundary plot electricity gate ଥାଇ ଭୁବନେଶ୍ୱର-ପୁରୀ ମଙ୍ଗଳପୁର ଛକରୁ 1k.m. ପିଚୁ ରାସ୍ତାକୁ ଲାଗି 1500sqft. 6,00,000/-, 9937373013.** D-73247




**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




1200sqft. Office Space 1st floor Lewis Road, Bhubaneswar available. Contact: 7008264670, 9937211223. D-70797




Newly open SPA positively health benefit with expert. Contact: 7749976301. D-71995

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Take wellness relax body massage by experienced lady therapist. 7008773793. D-73601

Refreshing your mind and body with the best therapy, 7873794731. D-317

Newly open SPA positively health benefits expert therapist, Kalpana. 7846814019. D-73602

Ayurvedic full body massage ladies & jents. Contact: 8093860513, 8658994614. D-71897

"Call me for only professional body massage, steam bath. 9861550765". D-396

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71994

**AFFIDAVIT**

I, Gopa Mitra, Wife of Debashis Mitra (Address: A/M-30, Kapil Prasad Housing Board Colony, Bhimtangi, Bhubaneswar-751002) have changed my name from Gopa Pradhan (daughter of Late Pankaj Kumar Pradhan) to Gopa Mitra (vide affidavit sworn before Executive Magistrate, Bhubaneswar, on 21.03.2001 and Notary Public, Bhubaneswar and 05.11.2004 respectively) by virtue of my marriage with Debashis Mitra as per Hindu marriage Act/Right/Customs. Henceforth, I have been known as Gopa Mitra and my surname has been changed from Pradhan to Mitra which has been reflected in some records. Thus Gopa Pradhan, Gopa Pradhan (Mitra) and Gopa Mitra is one and the same person. D-71899

I, M.Animesh, S/o Sadanana Mahanta, R/o Plot No. 288/2370, Lakshmi Vihar, Sisupalgarh, P.S Dhauli, Bhubaneswar-751002 Dist.- Khorda, Odisha have changed my name to Animesh. D-415

I Pankaja Kumar Sipa, S/o- Billiyan Sipa of Kosagumuda state that, my name is wrongly mentioned as Pankaj Kumar Sipa instead of Pankaja Kumar Sipa in my Pan Card, Aadhaar Card and Voter ID Card. Both Pankaj Kumar Sipa and Pankaja Kumar Sipa is one and same person. D-421

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଓ ରାଶ୍ୟାଧିପତି ଷଡ଼ାଷ୍ଟକ ସ୍ଥିତି ହେତୁ ମାନସିକ ସନ୍ତୁଳନ ରକ୍ଷାରେ ଅସମର୍ଥ ହେବେ। ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ସମ୍ପନ୍ନ ହେବ। ପରୋକ୍ଷ ଶତ୍ରୁତା କାରଣରୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ଅଟକିଥିବା କାମଟି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କରାଇନେବେ।

**ବୃଷ** ପାପଗ୍ରହ ମଧ୍ୟସ୍ଥ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟହାନି ଘଟିପାରେ। ପୁନଶ୍ଚ ବିଭିନ୍ନ ପ୍ରକାରର ଘରୋଇ ଅଶାନ୍ତି କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଶୁଭଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ହଜିଯିବାର ସମ୍ଭାବନା ରହିଛି ।

**ମିଥୁନ** ଚନ୍ଦ୍ର କେନ୍ଦ୍ରସ୍ଥ ଗୁରୁ ହେତୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ପ୍ରୀତିପ୍ରଦ ରହିବ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଉପାୟ ଅବଲମ୍ବନ କରିପାରନ୍ତି। କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲରେ ଆଜିର ଯାତ୍ରାରେ ସଫଳତା ପାଇବାରେ କୌଣସି ଅସୁବିଧା ରହିବନାହିଁ ।

**କର୍କଟ** ଶୁଭଗ୍ରହ ପ୍ରଭାବରେ ପରିସ୍ଥିତିକୁ ଯେତେଟା ଜଟିଳ ମଣୁଛନ୍ତି ସେମିତି କିଛି ହେବନି। ଅଷ୍ଟମସ୍ଥ ଶନିଙ୍କ ହେତୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ତିକ୍ତତା ଆଶଙ୍କା ରହିଛି । ବୈବାହିକ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଗୁରୁଜନମାନଙ୍କ ପରାମର୍ଶ ଗ୍ରହଣ କରିବା ଭଲ ହେବ ।

**ସିଂହ** ଶନିଙ୍କ ଦୃଷ୍ଟିରେ ରବିଥିବାରୁ ପଦସ୍ଥ ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହେବେ। କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ଯେକୌଣସି ପ୍ରତିଯୋଗିତାରେ ଯୋଗଦେଲେ ସଫଳତା ଯୋଗୁ ମନ ଖୁସି ରହିବ। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ।

**କନ୍ୟା** ଷଷ୍ଠସ୍ଥ ମଙ୍ଗଳ ହେତୁ ସକାଳୁ ବନ୍ଧୁଙ୍କ ଅନୁରୋଧରେ ଯାତ୍ରା କରି ବାଟରୁ ଲେଉଟି ଆସିପାରନ୍ତି। ଖଳଲୋକଙ୍କ କଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବେ । ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ବିରକ୍ତି ପ୍ରକାଶ ଲାଗି ପରିବାରରେ ବିବାଦ ବଢ଼ିପାରେ। ଶନିଙ୍କ ନକ୍ଷତ୍ରସ୍ଥ ବୃହସ୍ପତିଙ୍କ ଯୋଗୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବିବାହ ପ୍ରସ୍ତାବ ଭାଙ୍ଗିଯିବା କାରଣରୁ ମନ ଭଲ ରହି ନ ପାରେ।

**ବିଛା** ଅନୁକୂଳ ଗ୍ରହ ପ୍ରଭାବରୁ ଅଭିଳାଷ ପୂରଣଜନିତ ମନ ପ୍ରଫୁଲ୍ଲ ରହିବ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଜ୍ୟେଷ୍ଠା ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ାକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ଧନୁ** ସହକର୍ମୀଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି । ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ଦୂରେଇବା ସହ ସମସ୍ୟାକୁ ସୁଧାରି ନେବେ। ସ୍ୱଗୃହୀ ବୃହସ୍ପତିଙ୍କ ପ୍ରଭାବରେ ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ନିକଟରେ ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** ଭାଗ୍ୟସ୍ଥାନରେ ଗୁରୁଦୃଷ୍ଟ ଚନ୍ଦ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ କରାଇବ। ଉତ୍ତରାଷାଢ଼ା ନକ୍ଷତ୍ରର ମତାନ୍ତରଜନିତ ମାନସିକ ଅଶାନ୍ତି କାରଣରୁ ମନରେ ସରସତା ରହିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଗବେଷଣା, ସାହିତ୍ୟ କୃତି ତଥା ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ବଳଶାଳୀ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ନିକଟ ସମ୍ପର୍କୀୟଙ୍କ ସହିତ ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ** ଦୀର୍ଘଦିନରୁ ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। କିନ୍ତୁ ଉଚ୍ଚସ୍ଥ ମଙ୍ଗଳ ହେତୁ ଅର୍ଥ ଓ ସମ୍ମାନ ପାଇବାରେ ଅସୁବିଧା ହେବନାହିଁ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣକ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୯୩,୯୩,୪୦୬ | ୬୨,୮୩,୧୨୨ | ୪୭,୪୨,୬୬,୦୦୩ |
| ଭାରତ | ୪,୩୧,୧୩,୪୧୩ | ୫,୨୪,୧୮୧ | ୪,୨୫,୭୦,୧୬୫ |
| ଓଡ଼ିଶା | ୧୨,୮୮,୨୫୩ | ୯୧୨୬(+୫୩) | ୧୨,୭୮,୯୭୨ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ, ୨ ମୃତ

**ଧରାକୋଟ,୧୨।୫(ଡି.ଏନ.ଏ):** ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଅନ୍ତର୍ଗତ ଉସ୍ତା ଗ୍ରାମ ନିକଟରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଶେରଗଡ଼ ଥାନା ବାକିଲିକଣା ଗ୍ରାମର ଓମ୍ ଓ ସୁନ୍ଦରଗଡ଼ ଗ୍ରାମର ନାରାୟଣ ଭୂୟାଁ । ଉଭୟେ ଗୋଟିଏ ବାଇକ୍‌ରେ ବଡଗଡ଼ରୁ ଶେରଗଡ଼ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ୩ ଜଣ ଆସୁଥିବା ଅନ୍ୟ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଓମ୍ ଓ ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ୩ ଆହତଙ୍କୁ ବଡଗଡ଼ ଥାନାର ପୋଟ୍ରୋଲିଂ ଗାଡିରେ ପ୍ରଥମେ ବଡଗଡ଼ ମେଡିକାଲକୁ ନିଆଯାଇଥିଲା। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନାକୁ ପଠାଯାଇଛି ।

### ଦୁର୍ଘଟଣାରେ ମାଇଁ ଭାଣିଜୀ ମୃତ ୬ ଗୁରୁତର

ଭୋଗରାଇ, ୧୨।୫ (ଡ଼ି.ଏନ.ଏ.):ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ ଥାନା ଅଧୀନ ଚନ୍ଦନେଶ୍ୱର ରାସ୍ତାରେ ଗୁରୁବାର ଅପରାହ୍ନରେ ଟାଟା ମ୍ୟାଜିକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଘଟଣାସ୍ଥଳରେ ଜଣେ ଶିଶୁଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଛି। ୬ଜଣ ଗୁରୁତର ଆହତ ହୋଇ ପଶ୍ଚିମବଙ୍ଗ ଦୀଘା ଜେନାରାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମୃତକଦ୍ୱୟ ସମ୍ପର୍କରେ ମାଇଁ, ଭାଣିଜୀ ଅଟନ୍ତି। ପୋଲିସ ପହଞ୍ଚି ଦୁଇଟି ଗାଡିକୁ ଜବତ କରି ଥାନାରେ ରଖି ତଦନ୍ତ ଆରମ୍ଭ କରିଛି। ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ଭଗବାନପୁର ଥାନା ଖନାବଣିଆ ଗ୍ରାମର ୧୦ଜଣ ଚନ୍ଦନେଶ୍ୱର ଶୈବପୀଠକୁ ଏକ ଅଟୋ ଯୋଗେ ଆସି ପୂଜାର୍ଚ୍ଚନା କରି ଘରକୁ ଫେରୁଥିଲେ। ଚନ୍ଦନେଶ୍ୱର ରାସ୍ତା ମହାନ୍ତି ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ ଟାଟା ମ୍ୟାଜିକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋରେ ବସିଥିବା ଗଙ୍ଗାମଣୀ ଭୂୟାଁ (୨୩) ଓ ତାଙ୍କ ୩ ବର୍ଷର ଭାଣିଜୀ ଅସ୍ମିତାଙ୍କ ମୃତ୍ୟୁ ହୋଇଥିଲା।

# 'ବନାଗ୍ନି ହ୍ରାସ ପାଇଁ ଯୋଜନା ପ୍ରସ୍ତୁତ କର'

- ଦୁଇଦିନିଆ ଡିଏଫ୍‌ଓ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ତାରାରୋପଣକୁ '୫-ଟି'ରେ ସାମିଲ କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ରାଜ୍ୟରେ ଜଙ୍ଗଲ ସମ୍ପଦ ବୃଦ୍ଧି ପାଇଛି। ତା' ସହିତ ବନାଗ୍ନି ପ୍ରକୋପ ମଧ୍ୟ ବଢୁଛି। ହାତୀ-ମଣିଷ ଲଢ଼େଇ, ବନ୍ୟପ୍ରାଣୀ ଅଙ୍ଗ ଚୋରା ଚାଲାଣ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ଏହାକୁ ହ୍ରାସ କରିବା ପାଇଁ ଏକ ସମନ୍ୱିତ ଯୋଜନା (ଇଣ୍ଟିଗ୍ରେଟେଡ ପ୍ଲାନ) ପ୍ରସ୍ତୁତ କରିବାକୁ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ବୃଦ୍ଧି ଏବଂ ଜଙ୍ଗଲ ତଳି ଅଞ୍ଚଳର ଗ୍ରାମବାସୀଙ୍କ ଜୀବନ ଧାରଣରେ ଉନ୍ନତି ଆଣିବା ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

ଲୋକସେବା ଭବନଠାରେ ଗୁରୁବାର ଆୟୋଜିତ ବନଖଣ୍ଡ ଅଧିକାରୀଙ୍କ ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, କେନ୍ଦ୍ର ସରକାରଙ୍କ ଷ୍ଟେଟ୍ ଫରେଷ୍ଟ ରିପୋର୍ଟ-୨୦୨୧ ତଥ୍ୟ ଅନୁଯାୟୀ


ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଗତ ଦୁଇବର୍ଷରେ ରାଜ୍ୟରେ ଜଙ୍ଗଲ ସମ୍ପଦ ବୃଦ୍ଧି ପାଇଛି। ୨୦୧୯-୨୦୨୧ ମଧ୍ୟରେ ଓଡ଼ିଶା ଦେଶର ତୃତୀୟ ସର୍ବାଧିକ ହେକ୍ଟାର ବନ ସୃଷ୍ଟି କରିପାରିଛି। ବନ ବିଭାଗ କର୍ମଚାରୀ, ବନ ସୁରକ୍ଷା ସମିତି ଏବଂ ଲୋକମାନଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଛି। ବନୀକରଣ ଯୋଗୁ ସୃଷ୍ଟି ହେଉଥିବା ଜଙ୍ଗଲ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ରାଜ୍ୟ ସରକାରଙ୍କ ଯୁଗ୍ମ ଜଙ୍ଗଲ ପରିଚାଳନା ଏବଂ ଓଡ଼ିଶା ଜଙ୍ଗଲ କ୍ଷେତ୍ର ବିକାଶ ପ୍ରକଳ୍ପ ଯୋଜନା ଲୋକଙ୍କୁ ଜୀବିକା ଯୋଗାଇବା ସହ ସଶକ୍ତ କରିବାରେ ସହାୟତା କରିଛି। ବିବିଧ ଜଙ୍ଗଲ ଯୋଜନାରେ ୨୦ଲକ୍ଷରୁ ଅଧିକ ଲୋକ ଉପକୃତ ହୋଇଛନ୍ତି। ୫-ଟି କାର୍ଯ୍ୟକ୍ରମରେ ଚାରାରୋପଣକୁ ସାମିଲ କରିବା, ବନୀକରଣ କାର୍ଯ୍ୟରେ ଏସ୍‌ଏଚ୍‌ଜିକୁ ସାମିଲ କରିବା ଲାଗି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଜଙ୍ଗଲ କାର୍ଯ୍ୟରେ ନିୟୋଜିତ ସଂସ୍ଥା, ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଓ ଟିମ୍‌ୱାର୍କ ସୃଷ୍ଟି ହେବବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ, ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ବହୁ ପଦକ୍ଷେପ ନେଇଛି। ପୂର୍ବବର୍ଷ ତୁଳନାରେ ଜଙ୍ଗଲ ନିଆଁ ହ୍ରାସ ପାଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ଗତ ୨୦ରୁ ୨୫ ବର୍ଷ ମଧ୍ୟରେ ରାଜ୍ୟରେ ସବୁଜ ବଳୟ ବୃଦ୍ଧି ପାଇଛି। ଜଙ୍ଗଲ ସଂରକ୍ଷଣ, ବନ୍ୟପ୍ରାଣୀଙ୍କ ସୁରକ୍ଷା, ଜଙ୍ଗଲ ତଳି ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଜୀବନଜୀବିକାରେ ଉନ୍ନତି ଆଣିବା ଲାଗି ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ। ସମ୍ମିଳନୀରେ ବିଭାଗୀୟ ସଚିବ ମୋନା ଶର୍ମା ସ୍ୱାଗତ ଭାଷଣ ଏବଂ ପିସିସିଏଫ୍ ଶିଶିର କୁମାର ରଥୋ ଧନ୍ୟବାଦ ଦେଇଥିଲେ। ଶେଷରେ ଜଙ୍ଗଲ ପରିଚାଳନା ନେଇ ଏକ କ୍ଷୁଦ୍ର ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା।

# ଏଏସ୍‌ଆଇ କହିଥିଲା ଅନୁମୋଦନ ଜରୁରୀ

- ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିଥିଲା

**ପୁରୀ ଅଫିସ,୧୨।୫**

ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିଷିଦ୍ଧାଞ୍ଚଳରେ ନିର୍ମାଣ କାର୍ଯ୍ୟର ଅନୁମତି ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ମହାନିର୍ଦ୍ଦେଶକ (ଡିଜି)ଙ୍କୁ ଚିଠି କରାଯିବା ଦରକାର ବୋଲି ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍‌ଆଇ ପୂର୍ବରୁ ଜଣାଇଥିଲା। ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟର ସ୍ଥିତି ସମୀକ୍ଷା କରିବା ପରେ ଗତବର୍ଷ ମେ ୨୮ରେ ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍‌ଆଇ ଅବଗତ କରାଇଥିଲା। ମାତ୍ର ପ୍ରଶାସନ ଏଏସ୍‌ଆଇ ଚିଠିକୁ ଖାତିର ନ କରି କେବଳ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍‌ଏମ୍‌ଏ) କର୍ତ୍ତୃପକ୍ଷଙ୍କ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍ (ଏନ୍‌ଓସି) ଆଧାରରେ ନିର୍ମାଣ କାର୍ଯ୍ୟ ଚଳାଇଥିଲା। ଫଳରେ ସମ୍ପ୍ରତି ଉକ୍ତ ପ୍ରକଳ୍ପ ମାମଲା ହାଇକୋର୍ଟକୁ ଯିବା ପରେ ରାଜ୍ୟ ସରକାର ହରଡ଼ଘଣାରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଏଏସ୍‌ଆଇର ଟିମ୍ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଏନେଇ ଏକ ଚିଠି କରିଥିଲେ। ଚିଠିରେ



ଉଲ୍ଲେଖ ଥିଲା ଯେ, ଶ୍ରୀମନ୍ଦିର ପ୍ରଶାସନ ନିର୍ମାଣ କାର୍ଯ୍ୟ ପାଇଁ ଏନ୍‌ଏମ୍‌ଏ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ମାତ୍ର ନିଷିଦ୍ଧାଞ୍ଚଳର କର୍ତ୍ତୃତ୍ୱ ଏଏସ୍‌ଆଇ ଡିଜିଙ୍କ ପାଖରେ ରହିଛି। ଏ ସମ୍ପର୍କିତ ଅନୁମୋଦନ କେବଳ ଏଏସ୍‌ଆଇ ଡିଜିଙ୍କ ଦ୍ୱାରା ହେବା ଦରକାର। ଏଣୁ ଏ ନେଇ ଏଏସ୍‌ଆଇ ଡିଜିଙ୍କ ନିକଟରେ ପୃଥକ ଭାବେ ଆବେଦନ କରାଯାଉ। କେବଳ ନବୀକରଣ ଓ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିର୍ମାଣ ପାଇଁ ଏନ୍‌ଏମ୍‌ଏ ପାଖରେ ଆବେଦନ କରାଯାଇପାରିବ। ବଡ଼ଛତା ମଠ ଓ ଛାଉଣି ମଠର ନବୀକରଣ କାର୍ଯ୍ୟ ପାଇଁ ଏନ୍‌ଏମ୍‌ଏ ଅନୁମୋଦନ ଯଥେଷ୍ଟ ଏବଂ ଉଭୟ ମଠର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଉକ୍ତ ଚିଠିରେ ଉଲ୍ଲେଖ ଥିଲା। ସେହିଭଳି ଶ୍ରୀଜଗନ୍ନାଥ ରିସେପଶନ୍ ସେଣ୍ଟର ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟର ଉଚ୍ଚତା ଯଥାକ୍ରମେ ୧୩.୮ ମିଟର ଓ ୧୪.୧୫ ମିଟର କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଏହି ଦୁଇ କୋଠାର ପ୍ରସ୍ତାବିତ ଉଚ୍ଚତା ମେଘନାଦ ପ୍ରାଚୀରର ଉଚ୍ଚତାଠାରୁ ଅଧିକ ହେଉଥିବାରୁ ଏହା ଗ୍ରହଣୀୟ ନୁହେଁ। କୋଠାଗୁଡ଼ିକର ଉଚ୍ଚତାକୁ ୧୦ ମିଟର କମ୍ କରାଯିବା ଉଚିତ। ଯାହାଦ୍ୱାରା ମେଘନାଦ ପ୍ରାଚୀରର ସୌନ୍ଦର୍ଯ୍ୟ ଓ ସ୍ୱତନ୍ତ୍ରତା ଦୃଶ୍ୟମାନ ହୋଇପାରିବ ବୋଲି ଏଏସ୍‌ଆଇ କର୍ତ୍ତୃପକ୍ଷ ଚିଠିରେ ଜଣାଇଥିଲେ। ସେହିଭଳି କ୍ଲକ୍‌ରୁମ୍, ମିନି କ୍ଲକ୍‌ରୁମ୍, ରିସେପଶନ୍ ସେଣ୍ଟର, ଇନଫରମେଶନ୍ କିଓସ୍କୋ, ଶେଲଟର୍ ପାଭିଲିୟନ୍, ଶୌଚାଳୟ, ପୋଲିସ ସର୍ଭିସ୍ ସେଣ୍ଟର, ଏଟିଏମ୍ କିଓସ୍କୋ, ଇଲେକଟ୍ରିକ୍ ରୁମ୍, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଇତ୍ୟାଦି ନିର୍ମାଣର ସମ୍ପୂର୍ଣ୍ଣ ତଥ୍ୟ ସମ୍ପର୍କରେ ଏଏସ୍‌ଆଇ ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିରେ ଏଏସ୍‌ଆଇ ଭୁବନେଶ୍ୱର ସର୍କଲର ଅଧିକାରୀ ଧିଲୋନ୍ ମିଶ୍ର, ପି.କେ ରାଉତ, ସହକାରୀ ପ୍ରତ୍ନତତ୍ତ୍ୱବିତ୍ ରାହୁଲ ଶ୍ରୀବାସ୍ତବ, ପ୍ରତ୍ନତତ୍ତ୍ୱ ବିଭାଗ ଯନ୍ତ୍ରୀ ସି.ଆର୍. ଦାଶ ଏବଂ କୋଣାର୍କ ସଂଗ୍ରହାଳୟର ପ୍ରତ୍ନତତ୍ତ୍ୱବିତ୍ ପି. କେ. ନାୟକ ପ୍ରମୁଖଙ୍କ ଦସ୍ତଖତ ରହିଛି। ଏସମ୍ପର୍କରେ ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ଅନୁମୋଦନ ପାଇଁ ଏଏସ୍‌ଆଇ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି କରିଥିଲେ ମଧ୍ୟ କେବଳ ଏନ୍‌ଏମ୍‌ଏର ଏନ୍‌ଓସି ବଳରେ ନିର୍ମାଣ କାର୍ଯ୍ୟ କରାଯାଉଛି। ମାମଲା ହାଇକୋର୍ଟକୁ ଯିବା ପରେ ଏଏସ୍‌ଆଇ ଅନୁମୋଦନ ନ ଥିବା ସ୍ପଷ୍ଟ ହୋଇଛି। ତେବେ ଜିଲା ପ୍ରଶାସନ କାହିଁକି ଏଏସ୍‌ଆଇ ଅନୁମୋଦନ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ କଲେ ତାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଚିଠି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

# ୭୦ଲକ୍ଷ ଟଙ୍କା, ୧୩୩.୧୭ କୋଟିର ବଣ୍ଡ୍ ଜବତ




## ଚମ୍ପୁଆ ପୂର୍ବତନ ବିଧାୟକଙ୍କ ଘରେ ଇଡି ଚଢ଼ାଉ ଘଟଣା
### ୨୨ରେ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,(ବ୍ୟୁରୋ)/ ଯୋଡ଼ା,୧୨।୫(ଡି.ଏନ୍.ଏ.)**

ବେଆଇନ ଅର୍ଥ କାରବାର ମାମଲାରେ କେନ୍ଦୁଝର ଜିଲା ଚମ୍ପୁଆର ପୂର୍ବତନ ବିଧାୟକ ତଥା ଖଣି ମାଲିକ ଜିତେନ୍ଦ୍ର ନାଥ ଓରଫ ଜିତୁ ପଟ୍ଟନାୟକଙ୍କ ଯୋଡ଼ା ଏବଂ ଭୁବନେଶ୍ୱରସ୍ଥିତ ଘର ଓ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବୁଧବାର ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଜିତୁଙ୍କ ଘରୁ ନଗଦ ୭୦ଲକ୍ଷ ଟଙ୍କା ସହ ବିଭିନ୍ନ ବ୍ୟାଙ୍କରେ ଥିବା ୧୨୪ଟି ଫିକ୍ସ ଡିପୋଜିଟ୍ ବଣ୍ଡ୍( ଜମା ୧୩୩.୧୭କୋଟି ଟଙ୍କା)କୁ ଜବତ କରାଯାଇଥିବା ନେଇ ଇଡି ପକ୍ଷରୁ ଗୁରୁବାର କୁହାଯାଇଛି। ଏଥିସହ ଆସନ୍ତା ୨୨ତାରିଖରେ ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇ ଟଙ୍କା ଓ ଫିକ୍ସଡ ବଣ୍ଡ୍‌ର ଉତ୍ସ ସହ ସମସ୍ତ କାଗଜପତ୍ର ଦାଖଲ କରିବାକୁ ଇଡି ପକ୍ଷରୁ ଜିତୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବେଆଇନ ଟଙ୍କା କାରବାର ମାମଲାରେ ବୁଧବାର ଜିତୁଙ୍କ ଭୁବନେଶ୍ୱରର ସୂର୍ଯ୍ୟନଗର ବାସଭବନ ଓ ରସୁଲଗଡ଼ କାର୍ଯ୍ୟାଳୟ ସମେତ କେନ୍ଦୁଝର ଜିଲା ଯୋଡ଼ା ସାଇମନ୍ଦିର ନିକଟ ବାସଭବନ ଏବଂ ବଣେଇକଳା ଛକ ଖଣି କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ବ୍ୟାଙ୍କ ପାସ୍‌ବୁକ୍, କାଗଜପତ୍ର, କମ୍ପ୍ୟୁଟର ଆଦି ଯାଞ୍ଚ କରାଯାଇଛି। ଜିତୁ କେତେ ଟଙ୍କା କେଉଁଠି ନିବେଶ କରିଛନ୍ତି, କାହାକୁ ଦେଇଛନ୍ତି, କେତେ ସମ୍ପତ୍ତି ହାତେଇଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଇଡି ଖୋଳତାଡ଼ କରୁଛି।

ଇଡିର ଚଢ଼ାଉ ସମ୍ପର୍କରେ ଜିତୁ କହିଛନ୍ତି, ରାଜ୍ୟ ସରକାରଙ୍କ ଭିଜିଲାନ୍ସ ବିଭାଗ ବଂଶୀଧର ପଟ୍ଟନାୟକ ଖଣିର ଅନିୟମିତତା ତଦନ୍ତ ବେଳେ ଏହି ଖଣି ସମ୍ପର୍କରେ ଭିଜିଲାନ୍ସ ବିଭାଗ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ତଥ୍ୟ ଦେବା ସହିତ ତଦନ୍ତ ପାଇଁ ସୁପାରିସ କରିଥିଲା। ବଂଶୀଧର ପଟ୍ଟନାୟକଙ୍କ ୧୩ଜଣ ଉତ୍ତରାଧିକାରୀ ଥିବାବେଳେ ସେ ଏହାର ମୁଖ୍ୟ ପରିଚାଳନା ଦାୟିତ୍ୱରେ ଥିଲେ। ଏଣୁ ଏହି କ୍ରମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବୁଧବାର ଏହାର ତଦନ୍ତ କରିଥିଲା। ଏହି ଟଙ୍କା କଳା ଟଙ୍କା ନୁହେଁ,ଏହା ଘର ଭଡ଼ା, ଦୋକାନ ଭଡ଼ା, ତେଲ ଟାଙ୍କିରୁ ଆମଦାନୀ ହୋଇଛି। ସେ ପଟ୍ଟନାୟକ ଷ୍ଟିଲ୍ କାରଖାନାର ନିର୍ଦ୍ଦେଶକ ଅଛନ୍ତି। ଏଥିସହ ପଟ୍ଟନାୟକ ଷ୍ଟିଲ୍‌ର ଡିଭିଡେଣ୍ଟ (ଲାଭାଂଶ)ରୁ ମଧ୍ୟ ଟଙ୍କା ପାଇଥାନ୍ତି। କେନ୍ଦୁଝରଠାରେ ଥିବା ତାଙ୍କର ପ୍ରାୟ ୧୫ଏକର ଚାଷ ଜମିରୁ ମଧ୍ୟ ସେ ଲାଭ ପାଆନ୍ତି। ସେ ରାଜ୍ୟ ବାହାରେ ଥିଲେ। ଏଣୁ ତାଙ୍କ କର୍ମଚାରୀମାନେ ଏହି ଟଙ୍କାକୁ ଅଫିସ ଏବଂ ଘରେ ଜମା ଦେଇଥିଲେ। ସେ ଫେରିବା ପରେ ଟଙ୍କାର ସବିଶେଷ ହିସାବ କରି ବ୍ୟାଙ୍କରେ ଜମା ଦେଇଥାନ୍ତେ। ଏହି ସମସ୍ତ ଟଙ୍କାର ହିସାବ ଇଡି କାର୍ଯ୍ୟାଳୟରେ ଆସନ୍ତା ୨୨ତାରିଖରେ ରଖିବେ ବୋଲି ଜିତୁ କହିଛନ୍ତି ।

ସୂଚନାଯୋଗ୍ୟ, ୧୯୯୯ରୁ ୨୦୦୦ ମଧ୍ୟରେ ଜିତୁ ବେଆଇନ ଭାବେ ଖଣି ଖନନ କରିଥିଲେ। ଫଳରେ ରାଜ୍ୟ ସରକାର ୧୩୦କୋଟି ୩୯ଲକ୍ଷ ଟଙ୍କା କ୍ଷତି ସହିଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୦୯ ନଭେମ୍ବର ୧୮ରେ ଭିଜିଲାନ୍ସ ପକ୍ଷରୁ ଏହି ବେଆଇନ ଖଣି ଖନନର ତଦନ୍ତ କରାଯାଇଥିଲା। ଜିତୁଙ୍କ ସମେତ ୧୫ଜଣଙ୍କ ନାଁରେ ମାମଲା ହୋଇଥିଲା। ୨୦୧୩ ଜୁନ୍ ୧୧ରେ ଭିଜିଲାନ୍ସ ଚାର୍ଜଶିଟ ଦାଖଲ କରିଥିଲା। ବେଆଇନ ଅର୍ଥ କାରବାର ତଦନ୍ତ କରିବାକୁ ଇଡି ୨୦୨୧ରେ ନିଜଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ହରିୟାଣାରେ ଓଡ଼ିଆ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

**ବାରିପଦା ଅଫିସ,୧୨।୫:** ଭଉଣୀ ବାହାଘର ସାରି କର୍ତ୍ତବ୍ୟସ୍ଥଳକୁ ଫେରିବା ବାଟରେ ଓଡ଼ିଆ ଯବାନ ଚନ୍ଦ୍ରକାନ୍ତ ସେଜପଡ଼ାଙ୍କ ହରିୟାନାରେ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯବାନଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଖାନୁଆ ଗ୍ରାମରେ। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦ୍ରକାନ୍ତ ଭାରତୀୟ ପଦାତିକ ବାହିନୀର ଯବାନ ଭାବେ ଦୀର୍ଘ ୧୨ବର୍ଷ ଧରି ଚାକିରି କରିଆସୁଛନ୍ତି। ସେ ରାଜସ୍ଥାନ ବର୍ଡରରେ ଡ୍ୟୁଟି କରୁଥିବା ବେଳେ ଭଉଣୀ ବାହାଘର ପାଇଁ ଛୁଟି ନେଇ


ଚନ୍ଦ୍ରକାନ୍ତ ସେଜପଡ଼ା।

ପୈତୃକ ଗ୍ରାମକୁ ଆସିଥିଲେ। ବାହାଘର କାମ ସାରି ରାଜସ୍ଥାନସ୍ଥିତ କାର୍ଯ୍ୟାଳୟରେ ଯୋଗଦେବାକୁ ଗତ ୯ତାରିଖରେ ଘରୁ ବାହାରିଥିଲେ। ବାଲେଶ୍ୱର ଷ୍ଟେଶନରୁ ଟ୍ରେନ ଯୋଗେ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ନିର୍ଦ୍ଧାରିତ ସମୟ (୧୧ ତାରିଖ) ମଧ୍ୟରେ କାର୍ଯ୍ୟାଳୟରେ ନ ପହଞ୍ଚିବାରୁ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ଘରକୁ ଫୋନ ଆସିଥିଲା । ପରେ ତାଙ୍କ ମୃତଦେହ ହରିୟାନା ପୋଲିସ ରାହାତ ରେଳ ଷ୍ଟେଶନ ନିକଟରୁ ଉଦ୍ଧାର କରିଥିବା ଜଣାପଡ଼ିଥିଲା। ଶୁକ୍ରବାର ମରଶରୀର ଭୁବନେଶ୍ୱରରେ ପହଞ୍ଚିବା ପରେ ଗାଁକୁ ଆସିବ ବୋଲି ପରିବାର ଲୋକେ କହିଛନ୍ତି। ତାଙ୍କର ଏକ ମାତ୍ର ଶିଶୁ କନ୍ୟା ଥିବା ବେଳେ ବୃଦ୍ଧ ମାତାପିତା ପୁଅକୁ ହରାଇ ଭାଙ୍ଗି ପଡ଼ିଛନ୍ତି ।



"ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। **–ଶ୍ରୀଅରବିନ୍ଦ**



# ପରିବେଶ ପରିସଂସ୍ଥା ଓ ଆମ ସ୍ୱାସ୍ଥ୍ୟ





**ଅନୁଜା ମାଲହୋତ୍ରା**
ପଲିସି ଆନାଲିଷ୍ଟ, ସେଣ୍ଟର ଫର୍ ପଲିସି ଡିଜାଇନ, ଅଶୋକା ଟ୍ରଷ୍ଟ ଫର୍ ରିସର୍ଚ୍ଚ ଇନ୍ ଇକୋଲୋଜି ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ

**ଅବି ବନକ**
ଅନରାରି ପ୍ରଫେସର ୟୁନିଭର୍ସିଟି ଅଫ୍ କ୍ୱାଜୁଲୁ–ନାଟାଲ, ଡର୍ବାନ

ମାନବଜାତି ଏବେ ଅନେକ ପ୍ରକାର ତଥା ପରସ୍ପର ସମ୍ବନ୍ଧିତ ଅସ୍ତିତ୍ୱ ସଙ୍କଟକୁ ସାମ୍ନା କରୁଛି। ଜଳବାୟୁ ପରିବର୍ତ୍ତନର ପ୍ରଳୟଙ୍କରୀ ପରିଣାମ, ପରିବେଶୀୟ ଅଧଃପତନ ଏବଂ ଜୈବବିବିଧତା କ୍ଷତି ମାନବ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ଘୋର ପ୍ରଭାବିତ କରୁଛି। ପରିବେଶ ପରିସଂସ୍ଥା(ଇକୋସିଷ୍ଟମ୍)ର କ୍ଷତି କିଭଳି ସାର୍ବଜନୀନ ସ୍ୱାସ୍ଥ୍ୟରେ ଜରୁରୀ ସ୍ଥିତି ସୃଷ୍ଟି କରେ ତାହା କୋଭିଡ୍–୧୯ ମହାମାରୀ ଦର୍ଶାଇ ଦେଇଛି। କିନ୍ତୁ ବୈଜ୍ଞାନିକମାନେ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ ମାଟି, ଜୈବବିବିଧତା, ପାଣି ଏବଂ ଅନ୍ୟ ଇକୋସିଷ୍ଟମ ସେବାଗୁଡ଼ିକ ପ୍ରତି ଥିବା ବିପଦ ଦୂର କରାଯାଇପାରିଲେ ପରିବେଶର ପୁନରୁଦ୍ଧାର ହୋଇପାରିବ ଓ ସ୍ୱାସ୍ଥ୍ୟ ଲାଭ ଯୋଗାଇ ଦିଆଯାଇପାରିବ। ପରିବେଶ ପରିସଂସ୍ଥା ଓ ମାନବ ସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ବନ୍ଧକୁ ଜାଣିବା ଲାଗି ବହୁ ଚେଷ୍ଟା କରାଯାଇଛି। ନିକଟରେ ୬ ମହାଦେଶରେ ୬,୮୦୦ ପରିବେଶ ପରିସଂସ୍ଥାଗୁଡ଼ିକ ଉପରେ କରାଯାଇଥିବା ଅନୁଧ୍ୟାନ ପ୍ରମାଣ କରିଛି ଯେ, ଜଙ୍ଗଲ ଧ୍ୱଂସ ଏବଂ ଜୀବ ପ୍ରଜାତିର ବିଲୁପ୍ତି ଅଧିକ ମହାମାରୀ ଆଣିପାରେ। ଇକୋସିଷ୍ଟମର କ୍ଷତି ଯୋଗୁ ଜଳ ଦୂଷିତ ହେବ ଏବଂ ସଂକ୍ରାମକ ରୋଗ ଲାଗି ଅନୁକୂଳ ସ୍ଥିତି ସୃଷ୍ଟି କରିବ। ସେହିପରି ମୃତ୍ତିକା କ୍ଷୟ କୃଷି ଉତ୍ପାଦକତା ହ୍ରାସ କରିବା ସହ ରୋଗ ଓ ମୃତ୍ୟୁହାର ବୃଦ୍ଧି କରୁଥିବା ଜଣାପଡ଼ିଛି। କୋଭିଡ୍–୧୯ ଭଳି ଜୋନୋଟିକ୍ ( ପ୍ରାଣୀଠାରୁ ମଣିଷଙ୍କୁ ବ୍ୟାପେ) ରୋଗ ପ୍ରକାଶ ପାଇବା ଓ ସଂକ୍ରମଣ ସହିତ ପରିବେଶ ପରିସଂସ୍ଥାର ସମ୍ପର୍କ ରହିଛି। ଦୃଷ୍ଟାନ୍ତସ୍ୱରୂପ, ପ୍ରକାଶ ପାଉଥିବା ସଂକ୍ରାମକ ରୋଗଗୁଡ଼ିକ ମଧ୍ୟରୁ ୭୫% ହେଉଛି ଜେନୋଟିକ୍। ପରିବେଶ ଅନୁପଯୋଗୀ ପ୍ରାକୃତିକ ସଂଶାଧନଗୁଡ଼ିକର ବ୍ୟବହାର, ବ୍ୟବସାୟିକଭିତ୍ତିରେ ପ୍ରାଣୀପାଳନ ଏବଂ ଅନ୍ୟ ଶିଳ୍ପ ଦ୍ୱାରା ମଣିଷ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପରିବେଶ ପ୍ରଦୂଷଣ ବୃଦ୍ଧି କରି ଏଭଳି ରୋଗ ସୃଷ୍ଟି କରୁଛି।

ପରିବେଶ ପରିସଂସ୍ଥାର ଅବନତି ଯୋଗୁ କିଛି ଦଶନ୍ଧି ହେଲା ମଣିଷର ରୋଗପ୍ରତିରୋଧକ ଶକ୍ତି ହ୍ରାସ ହେବା ସହ ଆଲର୍ଜିକ୍ ସମସ୍ୟା ବୃଦ୍ଧି ହୋଇଛି। କେବଳ ଶାରୀରିକ ସ୍ୱାସ୍ଥ୍ୟରେ ଏହାର ପ୍ରଭାବ ସୀମିତ ରହିନାହିଁ, ବରଂ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯଥା ପରିବେଶୀୟ କ୍ଷତିର ଭୟ ମଧ୍ୟ ଦେଖାଯାଉଛି। ଏହା ବ୍ୟତୀତ ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୂର କରିବା ଲାଗି ବାଟ ଦେଖାଇବ ଓ ବିଶ୍ୱରେ ଦୀର୍ଘମିଆଦୀ ରୋଗର ଚାପ ହ୍ରାସ କରିବ। ଏହା ଯୋଗୁ ମାନବ ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଷେତ୍ରରେ ଉନ୍ନତି ଆସିବ। ନିକଟରେ ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ମୃତ୍ତିକା ସଂରକ୍ଷଣ ଏବଂ ଦେଶୀ ପ୍ରଜାତି ଗଛ ଫେରାଇଆଣିବା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ରୋଗ ଯୋଗୁ ସୃଷ୍ଟି ଶାରୀରିକ ଓ ମାନସିକ ପ୍ରଭାବକୁ ହ୍ରାସ କରାଯାଇପାରିବ। ପରିସଂସ୍ଥାର ପୁନରୁଦ୍ଧାର ଭୟଙ୍କର ଜଳବାୟୁଜନିତ ଘଟଣା ଯୋଗୁ ଉପୁଜୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିପାରିବାର ମଧ୍ୟ ପ୍ରମାଣ ମିଳିଛି।



ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ସହ ଆର୍ଥିକ ପ୍ରସଙ୍ଗର ବି ସମ୍ବନ୍ଧ ରହିଛି। ସାର୍ବଜନୀନ ସ୍ୱାସ୍ଥ୍ୟର କ୍ଷତି ଏବଂ ମହାମାରୀର ଭୟଙ୍କର ପ୍ରଭାବ ଆର୍ଥିକ ଦିଗକୁ ଅତ୍ୟଧିକ ପ୍ରଭାବିତ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ଆକଳନ କରିଛି ଯେ,ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୦୦ରୁ ୨୦୧୮ ମଧ୍ୟରେ ବିଶ୍ୱସ୍ତରରେ ଲଗାତର ବ୍ୟୟ ବୃଦ୍ଧି ପାଇ ୮.୩ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ବିଶ୍ୱର ମୋଟ ଘରୋଇ ଉତ୍ପାଦର ୧୦%। ପୃଥିବୀ ଏବଂ ମାନବ ସ୍ୱାସ୍ଥ୍ୟକୁ ଲାଭ ପହଞ୍ଚାଇବା ଓ ପରିବେଶ ପରିସଂସ୍ଥାର ପୁନରୁଦ୍ଧାରରୁ ଲାଭ ପାଇବା ପାଇଁ ବିଶ୍ୱରେ କେତେକ ପ୍ରମୁଖ ପଦକ୍ଷେପ ଜାରି ରହିଛି। ୨୦୨୧ରୁ ୨୦୩୦ ଯାଏ ଚାଲିବାକୁ ଥିବା 'ୟୁନାଇଟେଡ୍ ନେସନ୍ସ ଡିକେଡ୍ ଅନ୍ ଇକୋସିଷ୍ଟମ ରେଷ୍ଟୋରେଶନ' (ଜାତିସଂଘର ପରିବେଶ ପୁନରୁଦ୍ଧାର ଦଶନ୍ଧି) ଏବଂ 'ୟୁଏନ୍ କନଭେନ୍‌ଶନ ଟୁ କମ୍ବାଟ ଡେଜର୍ଟିଫିକେଶନ'ର ମୃତ୍ତିକା କ୍ଷୟ ହ୍ରାସ କାର୍ଯ୍ୟକ୍ରମ ପରିବେଶ ପରିସଂସ୍ଥା ପୁନରୁଦ୍ଧାରର ଗୁରୁତ୍ୱକୁ ସ୍ୱୀକାର କରିବା ଲାଗି ଚୁକ୍ତିଭୁକ୍ତ ଦେଶଗୁଡ଼ିକୁ ଉତ୍ସାହିତ କରିଛି। ସେହିଭଳି ସ୍ୱାସ୍ଥ୍ୟ ପୁନରୁଦ୍ଧାର କାର୍ଯ୍ୟକ୍ରମରେ ୯୦ ଦେଶର ୪,୫୦୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ ବିଶେଷଜ୍ଞ ସ୍ୱାକ୍ଷର କରିଛନ୍ତି ଓ ଏଥିପାଇଁ ପାଣ୍ଠି ଯୋଗାଇଦେବାକୁ ଜି୨୦କୁ ନିବେଦନ କରାଯାଇଛି। ଜି୨୦ର ମହାମାରୀ ପ୍ରୋତ୍ସାହନ ପ୍ୟାକେଜ ଭଳି ଏହା ପରିବେଶ ପରିସଂସ୍ଥାର ପୁନରୁଦ୍ଧାରରେ ସାହାଯ୍ୟ କରିବ। ଦୁଇ ତିନି ଦଶନ୍ଧି ହେଲା ଗବେଷକମାନେ ବିଭିନ୍ନ ମଡେଲ ବିକାଶ କରିଛନ୍ତି। ଏହା ମଧ୍ୟରେ ମାଣ୍ଡାଲା ଅଫ୍ ହେଲ୍‌ଥ, ହ୍ୱିଲ ଅଫ୍ ଫଣ୍ଡାମେଣ୍ଟାଲ ହ୍ୟୁମାନ ନିଡ୍ସ ଏବଂ ନିକଟରେ ବିକାଶ କରାଯାଇଥିବା ୱାନ୍ ହେଲ୍‌ଥ ଅନ୍ୟତମ। ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସମ୍ବନ୍ଧକୁ ଜାଣିବା ଲାଗି ଏହି ସବୁ ପଦକ୍ଷେପ ନିଆଯାଇଛି। ତେବେ ଏବେ ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ଓ ସ୍ୱାସ୍ଥ୍ୟ ପାଇଁ ବୈଶ୍ୱିକ ସମନ୍ୱୟ ବୃଦ୍ଧି କରିବା ସକାଶେ ଏକ ସମ୍ମିଳିତ ଢାଞ୍ଚା ବିକାଶର ଆବଶ୍ୟକତା ରହିଛି। ସମସ୍ୟାର ସମାଧାନ ପାଇଁ ନିଆଯାଉଥିବା ନୀତିଗୁଡ଼ିକରେ କେହି କାହାକୁ ବାଦ ଦେଇ କରାଯିବା ଉଚିତ ନୁହେଁ। ଆମେ ପରିସଂସ୍ଥାର ଅବନତିକୁ ପୁନଃ ନିର୍ଦ୍ଧାରଣ କରିବା ଦରକାର, ମାନବ ସ୍ୱାସ୍ଥ୍ୟ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ସବୁକୁ ବୁଝିବା ଆବଶ୍ୟକ ଏବଂ ଏହି ସମସ୍ୟାଗୁଡ଼ିକୁ ବିନା ଢାଞ୍ଚାଗତ ତଥା ନିର୍ଦ୍ଦିଷ୍ଟ ପୁନରୁଦ୍ଧାର ଯୋଜନାରେ ସମ୍ପୂର୍ଣ୍ଣ ସମାଧାନ କରାଯାଇପାରିବ ନାହିଁ ବୋଲି ସ୍ୱୀକାର କରିବା ଉଚିତ। ଏହା ହାସଲ କରିବା ପାଇଁ ବିଭିନ୍ନ ସଂସ୍ଥାକୁ ଏଥିରେ ସାମିଲ କରିବା ସହ ବିଭିନ୍ନ କ୍ଷେତ୍ରରେ ବୈଜ୍ଞାନିକ ଏବଂ ପରିବେଶ, ସ୍ୱାସ୍ଥ୍ୟ, ପରିବେଶ ଉପଯୋଗୀ କ୍ଷେତ୍ରଗୁଡ଼ିକର ଭାଗୀଦାରିମାନଙ୍କ ମଧ୍ୟରେ ସହଯୋଗକୁ ଗତିଶୀଳ କରିବା ଆବଶ୍ୟକ।

ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ପରିବେଶ ପରିସଂସ୍ଥା ପୁନରୁଦ୍ଧାର ପାଇଁ ଗ୍ରହଣ କରାଯାଉଥିବା ଢାଞ୍ଚାଗତ ଯୋଜନାଗୁଡ଼ିକୁ ନିଜର ମନେକରିବା ଏବଂ ଐକ୍ୟ ଭାବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଉଦାହରଣ ସ୍ୱରୂପ, ଜୋନୋଟିକ ରୋଗ ନିୟନ୍ତ୍ରଣରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଭାରତରେ ବିଭିନ୍ନ ପଦକ୍ଷେପକୁ ମୁଖ୍ୟଧାରାକୁ ଆଣି ସରକାର, ବୈଜ୍ଞାନିକ ଏବଂ ସ୍ଥାନୀୟ ଅଂଶୀଦାର ଏବଂ ଭାଗୀଦାରମାନଙ୍କୁ ଏକାଠି କରିବାର ପ୍ରୟାସ କରାଯାଇଛି। ଏଭଳି ଏକ ଢାଞ୍ଚା ଯେ କୌଣସିଠାରେ ସମାନ ପ୍ରକାର ସମନ୍ୱୟୀ ପଦକ୍ଷେପ ପାଇଁ ମୂଲ୍ୟବୋଧଭିତ୍ତିକ ଜ୍ଞାନ ଓ ଦୂରଦୃଷ୍ଟି ସୃଷ୍ଟି କରିପାରିବ । ବିଶ୍ୱରେ ରୋଗଜନିତ ଚାପକୁ ଆୟତ୍ତ କରି ସାର୍ବଜନୀନ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସକାଶେ ପରିବେଶ ପରିସଂସ୍ଥାର ପୁନରୁଦ୍ଧାର ଏକ ସ୍ପଷ୍ଟ ଏବଂ ସ୍ୱୀକୃତଯୋଗ୍ୟ ପଥ। ୟୁଏନ୍ ଡିକେଡ୍ ଅନ୍ ଇକୋସିଷ୍ଟମ ରେଷ୍ଟୋରେଶନ ଆରମ୍ଭ ହୋଇଥିବାରୁ ନୀତିନିର୍ଦ୍ଧାରକମାନେ ସମ୍ମିଳିତ, ଆନ୍ତଃଶୃଙ୍ଖଳିତ କାର୍ଯ୍ୟକ୍ରମଗୁଡ଼ିକୁ ଆଗକୁ ନେବା ଦରକାର। ଏଥିପାଇଁ ସାମୂହିକ ପଦକ୍ଷେପକୁ ଉତ୍ସାହିତ କରିବା ଉଚିତ, ଯାହାଦ୍ୱାରା ସାମାଜିକ, ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ପୁନରୁଦ୍ଧାରର ସକାରାତ୍ମକ ବୈଶ୍ୱିକ ଲାଭଗୁଡ଼ିକ ପ୍ରଦର୍ଶିତ ହେବ। ଆମ ଲାଗି ତଥା ପୃଥିବୀ ପାଇଁ ଅତିକମ୍‌ରେ ଆମେ ସୃଷ୍ଟି କରିଥିବା ଭୟକୁ କିଛି ପରିମାଣରେ କମାଇବାକୁ ହେବ ଓ ଏଥିପାଇଁ ଆମର ମଧ୍ୟ ଗୁରୁ ଦାୟିତ୍ୱ ରହିଛି।

## ଏଇ ଭାରତରେ

ଜଙ୍ଗଲ ସୃଷ୍ଟି କରିବାରେ ସାରା ଜୀବନ ଉତ୍ସର୍ଗ କରିଆସିଥିବା ତେଲଙ୍ଗାନାର ଦୁସର୍ଲା ସତ୍ୟନାରାୟଣଙ୍କ କାହାଣୀ ପ୍ରେରଣାଦାୟକ। ସତ୍ୟପୁରା ଜିଲା ରାଘବପୁରାରେ ୭୦ ଏକର ଜମିରେ ସେ ଲକ୍ଷାଧିକ ଫଳଗଛ ଲଗାଇ ଆକର୍ଷଣୀୟ ଜଙ୍ଗଲ କରିଛନ୍ତି। କେବଳ ଏତିକି ନୁହେଁ, ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କ ପାଇଁ ୧୩ଟି ପୋଖରୀ ଖୋଳିଛନ୍ତି। ୫୦ ବର୍ଷ ହେଲା ସେ ନିଜସ୍ୱ ଉଦ୍ୟମରେ ଏହି ଜଙ୍ଗଲ କରିପାରିଛନ୍ତି। ସତ୍ୟନାରାୟଣଙ୍କ ବୟସ ୬୮। ସେ ପିଲାଦିନରୁ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ଜଙ୍ଗଲରେ ବହୁ ଗଛ ୫୦ବର୍ଷର ହୋଇଗଲେଣି। ଏହି ଜାଗାକୁ ସେ କିଣିନାହାନ୍ତି କିମ୍ବା ଲିଜ୍‌ରେ ଆଣିନାହାନ୍ତି। ଏହା ତାଙ୍କ ପୈତୃକ ସମ୍ପତ୍ତି। ତାଙ୍କ ପୂର୍ବପୁରୁଷ ନିଜାମଙ୍କ ପାଖରେ କାମ କରୁଥିବାରୁ ୩୦୦ ଏକରି ଜମି ପାଇଥିଲେ। ପରିବାରରେ ଜମି ଭାଗ ହୋଇଯିବା ପରେ ତାଙ୍କ ଭାଗରେ ରହିଥିବା ୭୦ ଏକର ଜମିକୁ ସେ ସମ୍ପୂର୍ଣ୍ଣ ଜଙ୍ଗଲ କରିଦେଇଛନ୍ତି। ସତ୍ୟନାରାୟଣ କୃଷି ବିଜ୍ଞାନରେ ଡିଗ୍ରୀ ହାସଲ କରି ୟୁନିୟନ ବ୍ୟାଙ୍କରେ ଡେଭଲପ୍‌ମେଣ୍ଟ ଅଫିସର ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ଜଙ୍ଗଲ ପ୍ରତି ତାଙ୍କ ମୋହ ତୁଟି ନାହିଁ। ସେ ଚାକିରିରୁ ଯାହା ରୋଜଗାର କରିଛନ୍ତି ତାହାକୁ ଏହି ଜଙ୍ଗଲ କରିବା ଏବଂ ତା'ର ରକ୍ଷଣାବେକ୍ଷଣରେ ଖର୍ଚ୍ଚ କରିଛନ୍ତି। ଜଙ୍ଗଲରେ ପିଜୁଳି, ଆମ୍ବ, ଜାମୁ, ବାଉଁଶ ଓ ଅନ୍ୟ ଫଳଗଛ ସବୁ ରହିଛି। ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଚଢ଼େଇ, ମାଙ୍କଡ଼, ସାପ, ଠେକୁଆ, ଗୁଣ୍ଡୁଚିମୂଷା, ମୟୂର, ହରିଣ ଏବଂ ଅନ୍ୟ ବନ୍ୟଜନ୍ତୁ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ମେ ୧୯୯୭**

- ଆପୋସ ସମ୍ପର୍କ ବୃଦ୍ଧି କରିବା ପାଇଁ କେତେକ ନୀତି ନିର୍ଦ୍ଧାରଣ କରି ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଓ ଚେଚେନିୟାର ପ୍ରତିପକ୍ଷ ଆସ୍ଲାନ ମାସ୍କାଦୋଭଙ୍କ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- ପୂର୍ବଦିଲ୍ଲୀ ଲୋକସଭା ଉପନିର୍ବାଚନ ପାଇଁ ଦଳୀୟ ଟିକେଟ ନ ପାଇବାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଚ୍.କେ. ଏଲ୍. ଭଗତଙ୍କ କଂଗ୍ରେସରୁ ଇସ୍ତଫା ପ୍ରଦାନ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟିକା ତଥା ସର୍ବୋଦୟ ନେତ୍ରୀ କିରଣଲେଖା ମହାନ୍ତିଙ୍କ ୭୧ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 7 | | | | | | 8 |
| | | | | | | | | |
| | | | 9 | | 8 | | | 1 |
| | 5 | | | | | | 4 | |
| | | | 2 | 1 | | | 9 | |
| | | 2 | 7 | | | | | 3 |
| | | 4 | 3 | | | | 6 | |
| 5 | 1 | | | 9 | | 8 | | 4 |
| | 6 | | 5 | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 1 | 2 | 4 | 7 | 6 | 3 | 5 |
| 4 | 5 | 6 | 1 | 9 | 3 | 8 | 7 | 2 |
| 3 | 2 | 7 | 8 | 5 | 6 | 1 | 9 | 4 |
| 5 | 4 | 8 | 9 | 7 | 2 | 3 | 1 | 6 |
| 1 | 6 | 3 | 5 | 8 | 4 | 7 | 2 | 9 |
| 9 | 7 | 2 | 6 | 3 | 1 | 5 | 4 | 8 |
| 6 | 1 | 4 | 3 | 2 | 8 | 9 | 5 | 7 |
| 2 | 8 | 9 | 7 | 1 | 5 | 4 | 6 | 3 |
| 7 | 3 | 5 | 4 | 6 | 9 | 2 | 8 | 1 |

ଗତକାଲିର ଉତ୍ତର

# ଅନ୍‌ଲାଇନ୍ ଜୁଆ



ବିଚିତ୍ର ବିଶ୍ୱାଳ

ଗତ ଦେଢ଼ମାସ ହେବ ଆଇପିଏଲ୍ ଖେଳ ଟିଭିରେ ସିଧା ପ୍ରସାରଣ ହେଉଛି। ସନ୍ଧ୍ୟାଠାରୁ ରାତି ସାଢ଼େ ଏଗାରଟା ଯାଏ ଟିଭିରେ ପ୍ରସାରିତ ହେଉଥିବା ଏହି ଖେଳକୁ ଯେଉଁମାନେ ଦେଖୁଥିବେ, ସେମାନେ ନିଶ୍ଚିତ ଭାବେ ଲକ୍ଷ୍ୟକରୁଥିବେ ଯେ, ଖେଳ ମଝିରେ ଦେଉଥିବା ବିଜ୍ଞାପନର ସିଂହ ଭାଗ ଅକ୍ତିଆର କରିଛି ଅନ୍‌ଲାଇନ୍ ଖେଳର ଆପ୍। ଡ୍ରିମ୍ ଇଲେଭେନ୍, ଏରୁଥ୍ରି, କ୍ରେଡ୍ ବାଉଂଟି, ମାଇଁ ଇଲେଭେନ୍ ସର୍କଲ, ୟୁଓ, ଏମ୍‌ପିଏଲ୍, ବଲ୍ଲେବାଜି, ମାଇଁ ଟିମ୍ ଇଲେଭେନ୍, ରମି ସର୍କଲ, କ୍ରିକ୍ ପ୍ଲେ ଆଦି ଆପ୍‌ର ବିଜ୍ଞାପନ ପ୍ରମୁଖ ଭାବେ ଆଇପିଏଲ୍ ଖେଳର ପ୍ରସାରଣ ସମୟରେ ଦେଖାଉଛି। ଏହି ସବୁ ବିଜ୍ଞାପନ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକ ସମୟରେ ମଧ୍ୟ ଟିଭିରେ ପ୍ରସାରଣ ହେଉଛି। ଖେଳର ପ୍ରସାରଣ ସମୟରେ ବା ଅନ୍ୟ କାର୍ଯ୍ୟକ୍ରମରେ ବିଜ୍ଞାପନ ଦେବାରେ ଅସୁବିଧା ନାହିଁ। କିନ୍ତୁ ଚିନ୍ତାର ବିଷୟ ହେଉଛି, ଆର୍ଥିକ ସମ୍ପୃକ୍ତି ଥିବା ଏହିପରି ଅନ୍‌ଲାଇନ୍ ଖେଳର ବିଜ୍ଞାପନ ଟିଭିରେ ପ୍ରସାରଣ ହେବା ଓ ତାହାକୁ ଉତ୍ସାହିତ କରାଯିବା। ଏହି ସବୁ ବିଜ୍ଞାପନ ପ୍ରଚାରର ଶେଷରେ କୁହାଯାଉଛି, ଉକ୍ତ ଅନ୍‌ଲାଇନ୍ ଖେଳରେ ଆର୍ଥିକ କ୍ଷତି ସହିବାର ସମ୍ଭାବନା ଅଛି। ନିଜ ରିସ୍କରେ ନିଜେ ଖେଳନ୍ତୁ। ଏଥିରୁ ସିଧା ବୁଝିହେଉଛି ଯେ, ଏହି ସବୁ ଖେଳରେ ଆର୍ଥିକ କାରବାର ନିହିତ ରହିଛି। ଯଦି ଜିତିବ ଟଙ୍କା ପାଇବ ଓ ହାରିଲେ ଟଙ୍କା ହରେଇବ। ସିଧା ଅର୍ଥରେ କହିଲେ ଏହା ଏକ ପ୍ରକାର ଜୁଆ, ଯାହା ଅନ୍‌ଲାଇନ୍ ବା ଡିଜିଟାଲ୍ ପ୍ଲାଟଫର୍ମରେ ଖେଳାଯାଉଛି। କୋମଳମତି କିଶୋର ଓ ଯୁବକମାନେ ସହଜ ଟଙ୍କା ପାଇବା ଆଶାରେ ଏହିସବୁ ଖେଳ ମାୟାରେ ପଡ଼ି ଲକ୍ଷ ଲକ୍ଷ ଟଙ୍କା ହରାଉଥିବା ଖବର ଶୁଣିବାକୁ ମିଳୁଛି। ଏହି ଡିଜିଟାଲ୍ ଜୁଆ ଭବିଷ୍ୟତର ଯୁବ ସମାଜକୁ ଘୋର ଅନ୍ଧାର ମଧ୍ୟକୁ ଟାଣିନେବ।

ଜ୍ଞାନକୌଶଳର ବିକାଶ ଓ ସ୍ମାର୍ଟଫୋନ୍‌ର ବହୁଳତା ଯୋଗୁ ଅନ୍‌ଲାଇନ୍‌ରେ ବହୁତ ଖେଳ ଉପଲବ୍ଧ ହୋଇଛି। ତାହାରି ସୁଯୋଗ ନେଇ ଅନେକ କମ୍ପାନୀ ଅନ୍‌ଲାଇନ୍ ଜୁଆ ମାଧ୍ୟମରେ ନିଜ ବେପାର ବଢ଼େଇବାରେ ଲାଗିଛନ୍ତି। ଆମ ଦେଶରେ ଆର୍ଥିକ ସମ୍ପୃକ୍ତି ଥିବା ଏହି ଅନ୍‌ଲାଇନ୍ ଖେଳର ବଜାର ଆକାର ୨୦୨୧ରେ ୭୯୦୦ କୋଟି ଥିବା ବେଳେ ୨୦୨୦ରେ ଏହାର ଆକାର ୬୫୦୦ କୋଟି ଟଙ୍କା ଥିଲା। ୨୦୨୪ରେ ଏହା ୧୫୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏକ ରିପୋର୍ଟ ଅନୁସାରେ ୨୦୧୮ରେ ଆମ ଦେଶରେ ୨୫ କୋଟି ବ୍ୟବହାରକାରୀ ଏପରି ଅନ୍‌ଲାଇନ୍ ଗେମ୍ ଖେଳୁଥିବା ବେଳେ ୨୦୨୧ରେ ଏହା ୪୦ କୋଟିକୁ ବୃଦ୍ଧି ପାଇଛି। ଦୁର୍ଭାଗ୍ୟର ବିଷୟ ଯେ, ଏପରି ଭାବେ ଅନ୍‌ଲାଇନ୍ ଜୁଆ ବଢ଼ିଚାଲୁଥିବା ବେଳେ ସରକାରଙ୍କ ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା କରା ନ ଯାଇ ଓଲଟି ଟିଭିରେ ଏହାର ବିଜ୍ଞାପନ ଦିଆଯାଉଛି। କୋମଳମତି କିଶୋର ଓ ଯୁବକମାନେ ନିଜ ପ୍ରିୟ କ୍ରିକେଟ୍‌ତାରକା ଓ ସେଲିବ୍ରିଟିଙ୍କ ମୁହଁରୁ ଏପରି ଜୁଆର ପ୍ରଚାର ଶୁଣି ସେ ଦିଗରେ ମନ ବଳେଇ ଭବିଷ୍ୟତକୁ ଘୋର ସଂକଟ ମଧ୍ୟକୁ ଠେଲି ଦେଉଛନ୍ତି।

ଆମ ଦେଶରେ ଜୁଆ ଖେଳ ରାଜ୍ୟର କ୍ଷମତା ଅଧୀନରେ ଆସୁଛି। ଆର୍ଥିକ ସମ୍ପୃକ୍ତି ଥିବା ଅନ୍‌ଲାଇନ୍ ଖେଳ ତଥା ଅନ୍‌ଲାଇନ୍ ଜୁଆକୁ ନେଇ ଆମ ଦେଶରେ କୌଣସି ପ୍ରକାର ସ୍ପଷ୍ଟ ଆଇନ ନାହିଁ। ଅନ୍‌ଲାଇନ୍ ଖେଳରୁ ହେଉଥିବା ରୋଜଗାର ଉପରେ ସରକାରଙ୍କର ୩୦% ଜିଏସ୍‌ଟିର ବ୍ୟବସ୍ଥା ମଧ୍ୟ ଅଛି। କିଛି ରାଜ୍ୟ ଏପରି ଖେଳକୁ ନେଇ ଆଇନ ତିଆରି କରିଛନ୍ତି। ଆସାମ, ଓଡ଼ିଶା ଓ ତେଲଙ୍ଗାନାରେ ଅନ୍‌ଲାଇନ୍ ଜୁଆକୁ ନିଷେଧ କରାଯାଇଛି।



ଆର୍ଥିକ ସମ୍ପୃକ୍ତି ଥିବା ଦକ୍ଷତାଭିତ୍ତିକ ଖେଳଗୁଡ଼ିକୁ ଜୁଆ ଭାବେ ପରିଗଣିତ କରାଯାଏ ନାହିଁ। କିନ୍ତୁ ଦିଲ୍ଲୀର ଏକ ଜିଲା କୋର୍ଟଙ୍କ ମତରେ ଆର୍ଥିକ ସମ୍ପୃକ୍ତି ଥିବା ଦକ୍ଷତାଭିତ୍ତିକ ଅନ୍‌ଲାଇନ୍ ଖେଳ ଜୁଆ ଭାବେ ପରିଗଣିତ ହେବ। ଏହା ବେଆଇନ। କାରଣ ଏପରି ଅନ୍‌ଲାଇନ୍ ଖେଳରେ ଖଳ କାରସାଦି ଓ ଠକେଇ ଆଦିର ସମ୍ଭାବନା ରହିଛି। ଯଦିଓ ଆମ ଦେଶରେ ଅନ୍‌ଲାଇନ୍ ଜୁଆକୁ ନେଇ କୌଣସି ଆଇନ ନାହିଁ, କିନ୍ତୁ କମ୍ପାନୀଗୁଡ଼ିକୁ କେତେକ ବୈଷୟିକ ବୈଧତାକୁ ପାଳନ କରିବାକୁ ପଡ଼େ, ଯାହା ଏପରି ଆପ୍ ତିଆରି କରୁଥିବା ଓ ଚଳାଉଥିବା କମ୍ପାନୀଗୁଡ଼ିକ କରୁନାହାନ୍ତି। ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଘୋଷଣା ୨୦୧୫ ଅନୁସାରେ ଆମ ଦେଶରେ ଲଟେରି ବ୍ୟବସାୟ କ୍ଷେତ୍ରରେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶକୁ ନିଷେଧ କରାଯାଇଛି। ନିକଟ ଅତୀତରେ ଆନ୍ଧ୍ରପ୍ରଦେଶ ସରକାର ପ୍ଲେ ୱିନ୍ ଆପ୍ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଅନ୍‌ଲାଇନ୍ ଜୁଆ ଖେଳକୁ ନେଇ ଆମ ଦେଶରେ କୌଣସି ସ୍ପଷ୍ଟ ଆଇନ ନ ଥିବାରୁ କମ୍ପାନୀଗୁଡ଼ିକ ତା'ର ସୁଯୋଗ ନେଇ ଦରକାରୀ ନିୟମଗୁଡ଼ିକ ମଧ୍ୟ ପାଳନ ନ କରି ଅନ୍‌ଲାଇନ୍ ଜୁଆ ଚଳାଇ ରଖିଛନ୍ତି। ବ୍ୟାଙ୍କ୍ ଓ ପେମେଣ୍ଟ ଗେଟ୍‌ୱେଗୁଡ଼ିକ ମଧ୍ୟ ଏପରି ଅନ୍‌ଲାଇନ୍ ଜୁଆକୁ ସମର୍ଥନ ଦେଉଛନ୍ତି। ଏପରି ଅନ୍‌ଲାଇନ୍ ଜୁଆକୁ ନେଇ କୌଣସି ଆଇନ ନ ଥିବାରୁ କୋର୍ଟ ମଧ୍ୟ କିଛି ନିଷ୍ପତ୍ତି ନେଇପାରୁନାହିଁ। ଜୁଆ ଓ ଅନ୍‌ଲାଇନ୍ ଖେଳକୁ ନେଇ ଏଯାବତ୍ ଆମ ଦେଶରେ କେନ୍ଦ୍ରୀୟ ସ୍ତରରେ କେବଳ ପବ୍ଲିକ୍ ଗ୍ୟାମ୍ବଲିଂ ଆକ୍ଟ–୧୮୬୭ ହିଁ ବଳବତ୍ତର ଅଛି। ବର୍ତ୍ତମାନର ଆଧୁନିକ ଅନ୍‌ଲାଇନ୍ ଖେଳକୁ ଏହି ଆଇନ ଛୁଇଁ ପାରୁନାହିଁ। ଫଳରେ ଅନ୍‌ଲାଇନ୍ ଖେଳର ଆପ୍ କମ୍ପାନୀଗୁଡ଼ିକ ଅନାୟାସରେ ତାଙ୍କ କାରବାର ଚଳାଇ ରଖିଛନ୍ତି। ନିକଟ ଅତୀତରେ ଏହି ସନ୍ଦର୍ଭରେ ଡି. ସିଲୁଭାଇ ଭେନାନ୍‌ସ ବନାମ ରାଜ୍ୟ ମାମଲାରେ ମାଡ୍ରାସ୍ ହାଇକୋର୍ଟର ମଦୁରାଇ ବେଞ୍ଚ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । କୋର୍ଟ କହିଛନ୍ତି ଯେ, ଭାରତର ଯୁବକମାନଙ୍କୁ ଆର୍ଥିକ ସମ୍ପୃକ୍ତି ଥିବା ଅନ୍‌ଲାଇନ୍ ଖେଳର ମାୟାରୁ ବଞ୍ଚାଇବା ପାଇଁ ହେଲେ ଆଧୁନିକ ଅନ୍‌ଲାଇନ୍ ଖେଳକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ପଷ୍ଟ ଓ ଦୃଢ଼ କେନ୍ଦ୍ରୀୟ ଆଇନ୍‌ର ଆବଶ୍ୟକତା ରହିଛି। କୋର୍ଟ ଆହୁରି ପୋଲିସକୁ ପଚାରିଛନ୍ତି ଯେ, ତାସ୍ ମାଧ୍ୟମରେ ଖେଳା ଯାଉଥିବା ଜୁଆକୁ ପ୍ରତିରୋଧ କରାଯାଉଥିବା ବେଳେ ଅନ୍‌ଲାଇନ୍ ପ୍ଲାଟଫର୍ମରେ ଖେଳା ଯାଉଥିବା ଜୁଆକୁ ପୋଲିସ ମୌନ ଅନୁମତି ଦେଉଛି କିପରି। ଉତ୍ତରରେ ପୋଲିସ ବିଭାଗ କହିଛି ଯେ, ଅନ୍‌ଲାଇନ୍ ଜୁଆକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନ୍‌ର ବ୍ୟବସ୍ଥା ନାହିଁ। ମାଡ୍ରାସ ହାଇକୋର୍ଟ ଆହୁରି କହିଛନ୍ତି ଯେ, ତାମିଲନାଡୁ ସରକାର ଅନ୍‌ଲାଇନ୍ ଜୁଆକୁ ନିୟନ୍ତ୍ରଣ କରିବା ପାଇଁ ଯଥାଶୀଘ୍ର ସିକିମ୍, ନାଗାଲାଣ୍ଡ ଓ ତେଲଙ୍ଗାନା ପରି ଏକ ଦୃଢ଼ ଆଇନ ଆଣନ୍ତୁ।

କଥାରେ ଅଛି ମଦ ଓ ଜୁଆ ଯୁବ ସମାଜକୁ ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେଣୁ ଯଥାଶୀଘ୍ର ସରକାର ଅନ୍‌ଲାଇନ୍ ଜୁଆକୁ ନିୟନ୍ତ୍ରଣ କରିବା ପାଇଁ ଦୃଢ଼ ଆଇନ ଆଣିବାର ବ୍ୟବସ୍ଥା କରିବା ଉଚିତ। ତା' ପୂର୍ବରୁ ପ୍ରଥମେ ଏପରି ଅନ୍‌ଲାଇନ୍ ଜୁଆ ଆପ୍‌ର ବିଜ୍ଞାପନକୁ ନିଷେଧ କରାଯିବା ଉଚିତ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ–୯୪୩୮୪୬୮୪୭୪**

# ପ୍ରଭୁପ୍ରସାଦ



ନିମାଇଁ ଚରଣ ଲେଙ୍କା

ମନ୍ଦିର ସମ୍ମୁଖରେ ଅସମ୍ଭବ ଭିଡ଼। ପ୍ରଭୁଙ୍କ ପ୍ରସାଦ ପାଇବା ପାଇଁ ସାଧାରଣ ଗରିବଠାରୁ ଆରମ୍ଭକରି କୋଟିପତିମାନେ ମଧ୍ୟ ଲମ୍ବାଧାଡ଼ିରେ ଠିଆହୋଇ ଅତି ଉତ୍କଣ୍ଠାର ସହ ସେହି ସୁଯୋଗକୁ ଅପେକ୍ଷା କରିଛନ୍ତି। ପ୍ରସାଦ କହିଲେ ମାତ୍ର ଗୋଟିଏ ଲଡୁ। ଅଧିକ ଭିଡ଼ ଦେଖି ପୂଜକ ଲଡୁଟିକୁ ଭାଙ୍ଗି ଗୋଟିଏ ଲେଖାଏଁ ଦାନା ଦେଉଛନ୍ତି। ଏଠି ପ୍ରଶ୍ନ ଉଠେ, ଯେଉଁ ଧନୀ ବ୍ୟକ୍ତିମାନେ ଗୋଟିଏ ମାତ୍ର ଦାନା ପାଇଁ ସେଠାରେ ଏତେ ସମୟ କଷ୍ଟକରି ଠିଆ ହୋଇଛନ୍ତି, ସେମାନଙ୍କ ଘରେ କ'ଣ ଲଡୁନାହିଁ? ତେବେ ଏଇ ଲଡୁଦାନାଟିଏ ପାଇବା ପାଇଁ ଏତେ ଉତ୍କଣ୍ଠା, ଅନୁନୟ କାହିଁକି? ତାହାର କାରଣ ହେଲା, ଲଡୁଟି ପ୍ରଭୁ(ଈଶ୍ୱର)ଙ୍କ ନିକଟରେ 'ଭୋଗ' ବା 'ଅର୍ପିତ' ହୋଇଯାଇଛି। ପ୍ରଭୁଙ୍କୁ ଅର୍ପିତ ହେଲା ପରେ ତାହା ପବିତ୍ର, ଶକ୍ତିଶାଳୀ ଅର୍ଥାତ ଭଗବତ ସ୍ୱରୂପ ହୋଇଯାଇଛି। ଠିକ୍ ସେହିପରି ଆମେ ପ୍ରଭୁଙ୍କୁ ଯାହାକିଛି ବି ଅର୍ପଣ କରିଦେବା, ତାହା ପ୍ରସାଦ ହୋଇଯିବ।

ଆମେ ନିଜ ଶରୀର, ପରିବାର, ଧନ ଓ ସମ୍ପତ୍ତି ଆଦିଙ୍କୁ ଯେତେ ନିଜର ମନେକରୁ, ସେଗୁଡ଼ିକ ଅଶୁଦ୍ଧ ହୋଇଯାଏ ଏବଂ ମାର୍ଜିତ ହେବାରେ ବିଘ୍ନ ସୃଷ୍ଟିହୁଏ। ତାହାକୁ ବିଷୟଭୋଗ କୁହାଯାଏ। ଗାନ୍ଧିଜୀ କହିଛନ୍ତି,''ଯେଉଁ ପଦାର୍ଥ ପ୍ରଭୁଙ୍କୁ ଅର୍ପଣ ନ ହୁଏ, ତାହା ବିଷୟଭୋଗ ହୋଇଯାଏ ଏବଂ ତାହାହିଁ ସମସ୍ତ ଦୁଃଖର ଜନନୀ''। ଏ ବିଷୟରେ ସ୍ୱାମୀ ଶିବାନନ୍ଦ କହିଛନ୍ତି,''ଏକ ଆଉନ୍ସ ବିଷୟଭୋଗ ସହିତ ଅନେଶତ ଆଉନ୍ସ ଦୁଃଖ ମିଶ୍ରିତ ହୋଇଥାଏ''। ବେଳେବେଳେ ଦୁଃଖ ସୁଖ ବେଶରେ ଆସେ। ତେଣୁ ତା'କୁ ଚିହ୍ନିବା ଉଚିତ। ''ଭୋଗକୁ ଭୋଗକରି ପାରିଲେନି, ବରଂ ଆମେ ଭୋଗ୍ୟହେଲେ। ତପ ତପ୍ତ ହେଲାନି, ବରଂ ଆମେ ହିଁ ତପ୍ତହେଲେ। ସମୟ ଗତି କରୁନାହିଁ, ବରଂ ଆମେ ହିଁ (ମୃତ୍ୟୁ ଆଡକୁ) ଗତି କରୁଛେ''(ବୈରାଗ ଶତକ)। ତେଣୁ ନିଜ ଶରୀର ସହିତ ସମସ୍ତ ସାଂସାରିକ ବସ୍ତୁକୁ ଭଗବାନଙ୍କର ମାନିନେଲେ, ତାଙ୍କ ଶକ୍ତି ଦ୍ୱାରା ସମସ୍ତେ ଶୁଦ୍ଧ ଓ ପ୍ରସାଦ ହୋଇଯାଆନ୍ତି। ସେମାନଙ୍କଠାରେ ବୈଚିତ୍ର୍ୟ ଆସିଯାଏ, କାରଣ ସେମାନେ ବସ୍ତୁତଃ ଭଗବାନଙ୍କର। ଭଗବାନଙ୍କୁ ସବୁ ଅର୍ପଣ କରିଦେଲେ, ଅର୍ପିତ ବସ୍ତୁ (କ୍ରିୟା ଓ ପଦାର୍ଥ)ତଥା ଅର୍ପକ ଉଭୟେ ଭଗବତ ସ୍ୱରୂପ ହୋଇ ଦୀପ୍ତିମାନ ହୋଇଉଠନ୍ତି। ଏପରି ଭାବନା ରଖିବା ଯେ, ମୁଁ ଭଗବାନଙ୍କର, ତା'ଙ୍କ ଘରେ ରହୁଛି, ତାଙ୍କର ହିଁ କାମ(ସେବା) କରୁଛି, ତାଙ୍କ ପ୍ରଦତ୍ତ ପ୍ରସାଦ ସେବନ କରୁଛି ଏବଂ ଭଗବାନଙ୍କ ସନ୍ତାନମାନଙ୍କର ସେବା କରୁଛି। ସମସ୍ତେ କ୍ରିୟା ଓ ପଦାର୍ଥଗୁଡ଼ିକୁ ତଥା ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ କରିପାରିବେ। ଏପରି ସମର୍ପଣ କଲେ କ'ଣ ହୁଏ ତାହା ଭଗବାନ କହିଛନ୍ତି,''ଏହିପରି ମୋତେ ଅର୍ପଣ କରିଦେଲେ କର୍ମବନ୍ଧନ ହେଉଥିବା ଶୁଭ ବା ପୁଣ୍ୟ(ବିହିତ) ଓ ଅଶୁଭ ବା ପାପ(ନିଷିଦ୍ଧ) କର୍ମର ଫଳରୁ ତୁମେ ମୁକ୍ତ ହୋଇଯିବ। ନିଜ ସହିତ ସବୁକିଛି ମୋତେ ଅର୍ପଣକରି ଏବଂ ସବୁଥିରୁ ମୁକ୍ତହୋଇ ତୁମେ ମୋତେ ପାଇଯିବ, ଅର୍ଥାତ ମୋର ସ୍ୱରୂପ ହୋଇଯିବ।''

ଜଣେ ଲେଖକ ଭଗବାନଙ୍କ ନିମିତ୍ତ ଲେଖିବା, ଚିତ୍ରକର ତାଙ୍କର ଚିତ୍ରପଟ ଆଙ୍କିବା, ସଙ୍ଗୀତଜ୍ଞ ତାଙ୍କ ଉଦ୍ଦେଶ୍ୟରେ ଗାଇବା ଓ ଚିକିତ୍ସକ ରୋଗୀଙ୍କୁ ତାଙ୍କର ଜ୍ଞାନକରିବା ଉଚିତ। ଜଣେ ତା'ର ନିଜର ସାମର୍ଥ୍ୟ, ଯୋଗ୍ୟତା ଓ ପେସାକୁ ଭଗବାନଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରିପାରେ। ସମଗ୍ର ବିଶ୍ୱରେ ଭଗବତ ଚେତନାର ପ୍ରଚାର, ପ୍ରସାର କରିବା ନିମିତ୍ତ ଧନ ଓ ଜ୍ଞାନକୁ ବିନିଯୋଗ କରିବା ଉଚିତ। କିନ୍ତୁ ଧନ ସ୍ୱଉପାୟରେ ଅର୍ଜନ ହୋଇଥିବା ଆବଶ୍ୟକ, କାରଣ ତାହା ପ୍ରଭୁଙ୍କ ସେବାରେ ଲାଗିବ। ସଦା ସ୍ମରଣ ରହିବା ଉଚିତ ଜୀବନରେ ଯେତେ ଘାତ, ପ୍ରତିଘାତ ବା ପରିସ୍ଥିତି ଆସୁନା କାହିଁକି, ଆମେ ତାକୁ ପରମପିତାଙ୍କ ପ୍ରସାଦ ଭାବେ ଗ୍ରହଣ କରିନେବା। ଯେଉଁ ପଦାର୍ଥ ସାଂସାରିକ ଜୀବମାନଙ୍କ ଉଦ୍ଧାର ଓ ସେବାକାର୍ଯ୍ୟ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦିଆଯାଏ, ସେ ସବୁ ସାର୍ଥକ ବା ପ୍ରଭୁପ୍ରସାଦ ହୋଇଯାଏ। ତେଣୁ କୁହାଯାଇଛି, ଭକ୍ତି ଖାଦ୍ୟରେ ମିଶିଲେ ପ୍ରସାଦ, ଜଳରେ ମିଶିଲେ ଅମୃତ, ପର୍ଯ୍ୟଟନରେ ମିଶିଲେ ତୀର୍ଥ, ସଙ୍ଗୀତରେ ମିଶିଲେ କୀର୍ତ୍ତନ, ପରିବାରରେ ମିଶିଲେ ମନ୍ଦିର, କ୍ରିୟାରେ ମିଶିଲେ ସେବା, କାର୍ଯ୍ୟରେ ମିଶିଲେ କର୍ମ ଓ ବ୍ୟକ୍ତିରେ ମିଶିଲେ ମନୁଷ୍ୟ ହୋଇଯାଏ। ''ହେ ମନୁଷ୍ୟ! ମୁଁ ଓ ମୋର ବୋଲି କହିବା ଛାଡ଼। କାରଣ ଏହାହିଁ ବିନାଶ ତଥା ସର୍ବନାଶର ଲକ୍ଷଣ ଅଟେ। ମୁଁ ଓ ମୋର, ଏହିପରି ଭାବନା ପାଦରେ ବେଡି ଓ ଗଳାରେ ଫାଶୀ ସମାନ ହୋଇଯାଏ''(ସନ୍ଥ କବୀର)। ତେଣୁ ଏହା ହୃଦୟଙ୍ଗମ କରି ସକଳ ଜୀବଙ୍କର ପରମ (ନିଷ୍କାମ)ସେବା କରିବା ଉଚିତ।

**ମୋ–୯୨୩୮୬୧୫୪୭୮**

## ଚିରନ୍ତନୀ

ଅସ୍ତଗାମୀ ରବି ସମ ନିବିଡ଼ ଏ ଅନ୍ଧାର ମୁଖରେ
ଚାଲିଛି ମୁଁ ଗୋଧୂଳିର ଶୀର୍ଣ୍ଣ କ୍ଳାନ୍ତ କ୍ଷୀଣ ମୟୂଖରେ
ଶୀକର ପବନ ମୋର ଲାଗେ ଗଣ୍ଡେ ଲାଗେ ଭାଲଦେଶେ
ଚାଲିଛି ମୁଁ ଆଜି ନିରୁଦ୍ଦେଶ୍ୟେ !

–(ଚକ୍ରବାକ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ପାଠକ ଶ୍ରେଷ୍ଠ ବିଚାରକ

### ଭେଣ୍ଡିଂ ଜୋନ୍ ସଂଖ୍ୟା ବଢୁ

ମହାଶୟ,

ଉଠାଦୋକାନୀମାନଙ୍କୁ ସ୍ଥାୟୀ ଭାବେ ଥଇଥାନ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ କେତେକ ଅଞ୍ଚଳରେ ଭେଣ୍ଡିଂଜୋନ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହା ଉଠାଦୋକାନୀମାନଙ୍କୁ ଆଶ୍ୱସ୍ତ କରିଥିଲା। ମାତ୍ର ବିଭିନ୍ନ ଅଞ୍ଚଳରେ ଏବେ ମଧ୍ୟ ବହୁ ସଂଖ୍ୟାରେ ଉଠାଦୋକାନ ରାସ୍ତାକଡ଼ରେ ଚାଲିଛି। ସବୁ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ଯୋଗାଇ ଦେବାକୁ ସେମାନଙ୍କ ପକ୍ଷରୁ ବାରମ୍ବାର ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଫଳରେ ଉଠାଦୋକାନୀମାନେ ଖରା, ବର୍ଷା, ଶୀତରେ ରାସ୍ତାକଡ଼ରେ ନିଜର ବ୍ୟବସାୟ କରି କୁଟୁମ୍ବ ପୋଷୁଛନ୍ତି। ଭେଣ୍ଡିଂଜୋନ୍ ନିର୍ମାଣ ବ୍ୟବସ୍ଥା ବିଏମ୍‌ସିର ଏକ ସୁନ୍ଦର ପଦକ୍ଷେପ। ମାତ୍ର ଏହା ବିଭିନ୍ନ ଅଞ୍ଚଳର ଉଠାଦୋକାନୀଙ୍କୁ ଯୋଗାଇ ଦେବା ଉଚିତ । ଯଦ୍ଦ୍ୱାରା ସେମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ। ଯେଉଁ ଅଞ୍ଚଳରେ ଭେଣ୍ଡିଂଜୋନ୍ ନିର୍ମାଣ କରାଯାଇଛି, ସେଠାରେ ମଧ୍ୟ କେତେକ ଉଠାଦୋକାନ ରାସ୍ତାକଡ଼ରେ ଚାଲିଛି। ଫଳରେ ରାସ୍ତା ଅବରୋଧ ହେଉଛି। ଏଣୁ ଅଧିକ ଭେଣ୍ଡିଂ ଜୋନ୍ କରାଯାଉ। ଉଠାଦୋକାନୀମାନେ ଭେଣ୍ଡିଂଜୋନ୍ ପାଇଲେ ସେମାନଙ୍କର ଦୀର୍ଘଦିନର ଆଶା ପୂରଣ ହୋଇପାରିବ।

**–ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୫ ବଖରା

**ବିପନ୍ନ ମୁଣ୍ଡ ଗୁଞ୍ଜିଲେ ପଡ଼ିଶା ଘରେ**



**ମହାକାଳପଡ଼ା, ୧୨।୫(ଡି.ଏନ୍.ଏ.):** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ଅନ୍ତର୍ଗତ ବିଲକାଲୁପଡ଼ା ଗାଁରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ବଖରା ଚାଳଘର ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ହେଲେ ସତ୍ୟଭାମା ପରିଡ଼ା, ମନମୋହନ ପରିଡ଼ା, କେଦାର ପରିଡ଼ା, ରମ୍ଭାଳି ପରିଡ଼ା ଓ ମୋନାଲିସା ପରିଡ଼ା। ଅଗ୍ନିକାଣ୍ଡରେ ବିପନ୍ନ ଲୋକ ପିନ୍ଧାଲୁଗା ବ୍ୟତୀତ ସର୍ବସ୍ୱ ହରାଇଛନ୍ତି। ଝିଅ ବାହାଘର ପାଇଁ କିଣିଥିବା ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ଜଳିଯାଇଥିବା ଜଣାପଡିଛି। ବିପନ୍ନ ଲୋକେ ଏବେ ପଡ଼ୋଶୀ ଘରେ ଆଶ୍ରୟ ନେଇଛନ୍ତି। ରୌଦ୍ରତାପ ଯୋଗୁ ଗ୍ରାମବାସୀଙ୍କ ଚେଷ୍ଟା ସତ୍ତ୍ୱେ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ପାରି ନ ଥିଲା। ରୋଷେଇ ଘର ଚୁଲିରୁ ନିଆଁଝୁଲ ଉଠି ଚାଳରେ ଲାଗିଥିବା ଜଣାପଡିଛି। ଖବରପାଇ ରାଜନଗର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୋଇଲିପୁର ସରପଞ୍ଚ ଦିଲୀପ ରାଉତ ବିପନ୍ନଙ୍କୁ ଭେଟିବା ସହ ୩ ଦିନ ପାଇଁ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦେଇଛନ୍ତି। ସମିତି ସଭ୍ୟ ଅଭୟ କୁମାର ଖଣ୍ଡୁଆଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି। ଖବରପାଇ ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### କୂଅରୁ ଷଣ୍ଢ ଉଦ୍ଧାର

**ଡେରାବିଶ,୧୨।୫(ସ୍ୱ.ପ୍ର.) :** ଡେରାବିଶ ବ୍ଲକ ଅନ୍ତର୍ଗତ ରାତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ା ଗାଁର ସରୋଜ ନାୟକଙ୍କ କୂଅରେ ଗୁରୁବାର ସକାଳେ ଏକ ଷଣ୍ଢ ପଡ଼ିଯାଇଥିଲା। ଗାଁଲୋକଙ୍କ ଉଦ୍ୟମ ସତ୍ତ୍ୱେ ଷଣ୍ଢକୁ କୂଅରୁ ଉଦ୍ଧାର କରାଯାଇ ପାରି ନ ଥିଲା। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ କୂଅ ଭିତରେ ପଶି ଷଣ୍ଢକୁ ଦୌଡି ବାନ୍ଧି ଉପରକୁ ଆଣିଥିଲେ। ଷଣ୍ଢଟି ସୁସ୍ଥ ଥିବା ଜଣାପଡିଛି।

# ସ୍କ୍ୱାଡ୍ ଗଠନ ହୋଇଛି, ଚଢ଼ାଉ ନାହିଁ

- ଜିଲ୍ଲାରେ ବଢ଼ୁଛି ବେଆଇନ ଗୁଟ୍‌ଖା କାରବାର
- ସ୍କୁଲ କଲେଜ ନିକଟ ଦୋକାନରେ ଟଙ୍ଗା ହେଉଛି
- ମୁଖଗହ୍ୱର ରୋଗ ଲକ୍ଷଣରେ ତୁରନ୍ତ ଡାକ୍ତର ଦେଖାଅ

**କେନ୍ଦ୍ରାପଡ଼ା ଅଫିସ, ୧୨।୫**

କେନ୍ଦ୍ର ସରକାରଙ୍କ ସଦ୍ୟତମ ଜାତୀୟ ସ୍ୱାସ୍ଥ୍ୟ ପରିବାର ସର୍ବେକ୍ଷଣ ରିପୋର୍ଟକୁ ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ଆରମ୍ଭ ହୋଇଛି। ଜାତୀୟ ହାର ତୁଳନାରେ ଓଡ଼ିଶାରେ ମଦ୍ୟପାନ ଓ ତମାଖୁ ସେବନ ବହୁ ଅଧିକ ଥିବାରୁ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାରେ ଏସବୁର ଅହେତୁକ ବୃଦ୍ଧି ପରିବାରରେ ସମସ୍ୟା ସୃଷ୍ଟି କରୁଛି। ଜିଲାର ବିଭିନ୍ନ ସ୍ଥାନରେ କଟକଣାରେ ଥିବା ତମାଖୁ ଯୁକ୍ତ ଗୁଟ୍‌ଖା ଖୋଲାଖୋଲି ବିକ୍ରି ହେଉଛି। ଏହାକୁ ଦେଖି କେତୋଟି ନକଲି ଗୁଟ୍‌ଖା କମ୍ପାନୀ ଖୋଲିଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ତଦାରଖ ହେଉ ନ ଥିବାରୁ ମୁଖ ଗହ୍ୱର ରୋଗ ବଢ଼ିବା ସହ ନାବାଳିକାନାବାଳକ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ନୀହାର ରଞ୍ଜନ ପ୍ରଧାନ କହିଛନ୍ତି, ଜିଲାରେ ନକଲି ଜର୍ଦ୍ଦାର ପ୍ରଚାର ପ୍ରସାର ବଢ଼ିଚାଲିଛି। ମହାକାଳପଡ଼ା ବ୍ଲକ ରାଜଗଡ ଗାଁରେ ରାଜା ମଲ୍ଲିକ ଓ ସଞ୍ଜୟ ମଲ୍ଲିକ ନକଲି ଜର୍ଦ୍ଦା ତିଆରି ଅଭିଯୋଗରେ ୨୦୧୯ ଜାନୁୟାରୀରେ ଗିରଫ ହୋଇଥିଲେ। ତାଙ୍କ ନିକଟରୁ ପୋଲିସ ଗୁଟ୍‌ଖା ନିର୍ମାଣରେ ବ୍ୟବହୃତ ବହୁ ମାରାତ୍ମକ ରାସାୟନିକ ଦ୍ରବ୍ୟ ସହ ବିଭିନ୍ନ କମ୍ପାନୀର ଲୋଗୋ ଥିବା ଖୋଳ ଜବତ କରିଥିଲା। ସେହିପରି ଡେରାବିଶ ପୋଲିସ ଦୁଇବର୍ଷ ପୂର୍ବେ ବିଭିନ୍ନ କମ୍ପାନୀର ଜର୍ଦ୍ଦା ଭର୍ତ୍ତି ଏକ ଟାଟା ମ୍ୟାଜିକ୍‌କୁ ଧରିଥିଲା। ତେବେ ଦୁଇଦିନ ପରେ ସେହି ଗାଡି ଥାନାରୁ ଉଭାନ ହୋଇଯାଇଥିବା ବେଳେ ମାମଲାକୁ ନେଇ ସ୍ଥାନୀୟ ଲୋକେ ସନ୍ଦୀହାନ ଅଛନ୍ତି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଦୁହୁରିଆଠାରେ ଏକ ଜର୍ଦ୍ଦା ଗୋଦାମ ଚଢାଉ ପରେ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ନିଷ୍କ୍ରିୟ ହୋଇପଡିଛି। ତଦାରଖ ନ ଥିବାରୁ ଏହି ବେପାର ବଢ଼ି ଚାଲିଥିବା ସେ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କହିଛନ୍ତି, ଗୁଟ୍‌ଖା, ମଦ ଆଦି ଦ୍ରବ୍ୟ କେନ୍ଦ୍ରାପଡ଼ା ଜିଲାରେ ଖୋଲାଖୋଲି ଭାବେ ବିକ୍ରି ଚାଲିଛି। ସ୍କୁଲ, କଲେଜ, ମନ୍ଦିର ନିକଟରେ ଏହାର ଦୋକାନ ଖୋଲା ହୋଇଛି। ଏହାର ବହୁଳ ପ୍ରଚାର ପ୍ରସାର ଯୋଗୁ ନାବାଳିକାନାବାଳକ ଆକର୍ଷିତ ହେଉଛନ୍ତି। ଜିଲାରେ ଏହି କାରବାରକୁ ରୋକିବାକୁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ଟିମ୍ ଗଠନ କରାଯାଇଛି। ଏଥିରେ ଫୁଡ୍ ଇନ୍‌ସପେକ୍ଟର, ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ସଦସ୍ୟ ତଥା କର୍ମକର୍ତ୍ତା ଅଛନ୍ତି। ତେବେ ଧରପଗଡ଼ ହେଉ ନ ଥିବା ସେ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ଭାରତରେ ମଦ୍ୟପାନ ହାର ୧୮.୮ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ଏହାର ହାର ୨୮.୮ ପ୍ରତିଶତ ରହିଥିବା ସର୍ବେକ୍ଷଣ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ତମାଖୁ ସେବନରେ ମଧ୍ୟ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗରେ ଅଛି। ଦେଶରେ ୩୮ ପ୍ରତିଶତ ପୁରୁଷ ତମାଖୁ ସେବନ କରୁଥିବା ବେଳେ ଓଡ଼ିଶାରେ ୫୧.୬ ପ୍ରତିଶତ ରହିଛି। ମହିଳାଙ୍କ କ୍ଷେତ୍ରରେ ଦେଶରେ ୮.୯ ପ୍ରତିଶତ ଥିବା ବେଳେ ଓଡ଼ିଶାରେ ୨୬ ପ୍ରତିଶତ ତମାଖୁ ସେବନ କରୁଛନ୍ତି। ତମାଖୁ ସେବନ ଓ ନକଲି ତମାଖୁର ପ୍ରସାରଣକୁ ରୋକିବାକୁ ଜନସଚେତନତା, ମେ ୩୧କୁ ତମାଖୁ ବର୍ଜନ ଦିବସ ସହ କୋଟପା ଆଇନ ୨୦୦୩, ଏଫ୍‌ଏସ୍‌ଏସ୍‌ଆଇ ଆଇନ ୨୦୦୬ ପ୍ରଣୟନ ହୋଇଛି। ଏଥିସହ ଗୁଟ୍‌ଖା ବ୍ୟବସାୟକୁ ବେଆଇନ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ବ୍ୟବସାୟ ବୃଦ୍ଧି ଜନଜୀବନ ଉପରେ ପ୍ରଭାବ ପକାଇଛି। ଡାକ୍ତର ବୀରେନ୍ଦ୍ର କୁମାର ଦାଶ କହିଛନ୍ତି, ଏବେ ମୁଖ ଗହ୍ୱର କ୍ୟାନ୍‌ସର ବଢ଼ିବାରେ ଲାଗିଛି। ଗୁଟ୍‌ଖାର ବହୁଳ ବ୍ୟବହାର ରୋକା ନ ଗଲେ ଏହି ରୋଗ ଅଧିକ ହେବ। ମୁହଁ ଘାଆ ଶୀଘ୍ର ନ ଶୁଖିବା, ମୁଖ ମଧ୍ୟରେ ଧଳା ଆସ୍ତରଣ ସୃଷ୍ଟି ହେବା, ଦାନ୍ତ ଭାଙ୍ଗିବା, ପାଟି ଖୋଲିବା ସମୟରେ କଷ୍ଟ ଲାଗିବା, ମୁହଁ କାନରେ ବିନ୍ଧା ହେବା, ଖାଇବା ସମୟରେ ଗଳାରେ କଷ୍ଟ ଅନୁଭବ କରିବା ଆଦି ଲକ୍ଷଣରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶନେବା ଆବଶ୍ୟକ ବୋଲି ଡା. ଦାଶ ପ୍ରକାଶ କରିଛନ୍ତି। ଜିଲା ଖାଦ୍ୟ ନିରୀକ୍ଷିକା ସମିତା ଦାସଙ୍କୁ ପଚାରିବାରେ ବ୍ୟାନ୍ ହୋଇଥିବା ଗୁଟ୍‌ଖା ଓ ନକଲି ଜର୍ଦ୍ଦା ବ୍ୟବସାୟ ପ୍ରତିଷ୍ଠାନ ଉପରେ ଚଢ଼ାଉ ହେଉଛି। ତମାଖୁ ସେବନକୁ ରୋକିବାକୁ ଜନସଚେତନତା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି।




ଦୋକାନରେ ବିକ୍ରି କରାଯାଉଥିବା ଗୁଟ୍‌ଖା ଓ ଟବାକୋ।

### ବିଦ୍ୟୁତ୍ ଶର୍ଟ ସର୍କିଟରୁ ଜଳିଗଲା ଘର



**ଡେରାବିଶ, ୧୨।୫(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଇଷାଣଦିଆ ଗାଁର ରବୀନ୍ଦ୍ରନାଥ ଆଚାର୍ଯ୍ୟଙ୍କ ଘର ଗୁରୁବାର ଅପରାହ୍ନରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ହଠାତ୍ ଅଗ୍ନିକାଣ୍ଡ ଘଟି ଘରେ ନିଆଁ ଲାଗିଯାଇଥିଲା। ଆଚାର୍ଯ୍ୟଙ୍କ ଏକ ବଖୁରିଆ ଏହି ଘରେ ସମସ୍ତ ଆସବାବପତ୍ର ରହିଥିଲା। ଗାଁର ଯୁବକମାନେ ଘରୁ ଜିନିଷପତ୍ର କାଢ଼ିବାକୁ ଉଦ୍ୟମ କରିଥିଲେ ମଧ୍ୟ ନିଆଁର ପ୍ରକୋପ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସୁଧାଂଶୁ ଶେଖର ମହାନ୍ତିଙ୍କୁ ଜଣାଇବା ପରେ ତହସିଲ ପକ୍ଷରୁ ବିପନ୍ନ ରବୀନ୍ଦ୍ରଙ୍କୁ ପଲିଥିନ୍ ପ୍ରଦାନ କରାଯାଇଛି। ରବୀନ୍ଦ୍ରଙ୍କର ମାତ୍ର ଏକ ବଖରା ଘର ହୋଇଥିବାରୁ ସେ ସ୍ଥାନୀୟ ଯୁବକଙ୍କ ସହାୟତରେ ଘରକୁ ସଫା କରି ତହସିଲ ପକ୍ଷରୁ ପ୍ରଦାନ କରାଯାଇଥିବା ପାଲକୁ ପୋଡ଼ି ଯାଇଥିବା ଘର ଉପରେ ପକାଇ ମୁଣ୍ଡ ଗୁଞ୍ଜିଥିବା ଦେଖିବାକୁ ମିଳିଛି। ତେବେ ପ୍ରଶାସନ ରବୀନ୍ଦ୍ରଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଚୋରି ଅଭିଯୋଗରେ ମହିଳା, ପ୍ରେମିକ କୋର୍ଟ ଚାଲାଣ

**ପାଟକୁରା,୧୨।୫(ଡି.ଏନ୍.ଏ.)**

ପାଟକୁରା ଥାନା ଅନ୍ତର୍ଗତ ପଦ୍ମପୁର ଗାଁର ସୁଶାନ୍ତ କୁମାର ମଲ୍ଲଙ୍କ ଘରୁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା ଗହଣା ଚୋରି ହୋଇ ଯାଇଥିଲା। ଏହି ଅଭିଯୋଗରେ ଗାଁର ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା କୁନିଲତା ସାମଲ (୩୧) ଓ ତାଙ୍କ ପ୍ରେମିକ ତାଳସଙ୍ଗା ଗାଁର ନରେଶ ଦାସ (୩୪)ଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, କିଛିଦିନ ତଳେ ପଦ୍ମପୁର ଗାଁର ସୁଶାନ୍ତଙ୍କ ଘରୁ ତାଙ୍କ ସ୍ତ୍ରୀ, ଭାଉଜ, ବୋଉଙ୍କର ଥିବା ସୁନା ହାର, ସୁନା ମୁଦି, ସୁନା ଚେନ୍ ଚୋରି ହୋଇଥିଲା। ଶୋଇବା ଘର ଆଲମିରାରୁ ଚାବି ଖୋଲି ଗହଣାତକ ଚୋରି ହୋଇଥିଲା। ସୁଶାନ୍ତଙ୍କ ଘରେ ନିୟମିତ ଭାବରେ ତାଙ୍କ ପଡ଼ୋଶୀ ଘରର ମହିଳା କୁନିଲତା ଚଳପ୍ରଚଳ ହୁଅନ୍ତି। କୁନିଲତା ତାଙ୍କ ଘର ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ଅବାଧ ଭାବରେ ଚଳପ୍ରଚଳ କରୁଥିଲେ। ଆଲମିରାରୁ ସୁନା ଚୋରି ହେବା ଜଣାପଡ଼ିବା ପରେ ମାର୍ଚ୍ଚ ୨୪ରେ ଗ୍ରାମର ଭଦ୍ର ଲୋକମାନଙ୍କୁ ଡାକି ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେତେବେଳେ କୁନିଲତା ସୁନା ଗହଣାତକ ନେଇ ତାଙ୍କ ପ୍ରେମିକ ନରେଶଙ୍କ ସହଯୋଗରେ ମାର୍ଶାଘାଇର ଜଣେ ବ୍ୟବସାୟୀଙ୍କ ଜରିଆରେ ବ୍ୟାଙ୍କରେ ବନ୍ଧକ ରଖି ଟଙ୍କା ଆଣିଥିବା ସ୍ୱୀକାର କରିଥିଲେ। ବନ୍ଧକ ମୁକୁଳାଇ ଗହଣାତକ ଫେରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମାସକରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ କୁନିଲତା ତାହା କରି ନ ଥିଲେ। ଅପରନ୍ତୁ ସୁଶାନ୍ତ ଏବଂ ତାଙ୍କ ପରିବାରକୁ ନାନା ରକମ ଗାଳିଗୁଲଜ ଓ ଧମକ ଦେଉଥିଲେ। ଏ ସମ୍ପର୍କରେ ଗତ ୩ ତାରିଖରେ ସୁଶାନ୍ତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଚୋରି ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୩୪୧, ୨୯୪, ୩୭୯, ୫୦୬, ୩୪ରେ ନଂ. ୧୯୮/୨୨ରେ ମାମଲା ରୁଜୁ କରିଥିଲା। ପୋଲିସ ତଦନ୍ତ ଆଧାରରେ କୁନିଲତା ଓ ତାଙ୍କ ପ୍ରେମିକ ନରେଶଙ୍କୁ ଥାନାକୁ ଆଣି ଘଟଣା ସମ୍ପର୍କରେ ଅନୁସନ୍ଧାନ କରିଥିଲା। ଚୋରି ସମ୍ପର୍କରେ ଅଧିକ ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଆବାସ ହଡ଼ପ: ମୁଣ୍ଡ ଗୁଞ୍ଜିବା ଲାଗି ଛାତ ନାହିଁ



ଶିବରାମ ସୂତାରଙ୍କ ଚାଳ ଘର।



PANCHAYAT SAMITI OFFICE, AUL

Letter No- 1151 //Date

To

The Collector & District Magistrate, Kendrapara

Sub:- Compliance to the E-Abhijoga petition to the petitioner.

OR154/E/2021/12120 Shibaram Sutar S/o-Kapil Vill- Ayatpur Gp-Kalaspur

Sir,

In inviting a reference to the subject cited above, I am to furnished herewith the compliance to the E-Abhijoga petition filed by the above petitioner under Aul Block that petitioner already have Pucca house and he is ineligible as Confirmed by PEO of above GP. Hence the E-Abhijoga is disposed.

Block Development Officer, Aul

Memo No 1152 Date:-

Copy the Petitioner Concerned for information and necessary action.

Block Development Officer, Aul

ଆବାସ ଯୋଜନା ତାଙ୍କୁ ମିଳିଥିବା ଘରର କାଗଜ।

**ଆଳି,୧୨।୫ (ଡି.ଏନ.ଏ.)**

ରାଜ୍ୟ ସରକାର ଆବାସ ଯୋଜନା ମାଧ୍ୟମରେ ଗରିବ ଅସହାୟ ପରିବାରକୁ ପକ୍କାଘର ଯୋଗାଇ ଦେଉଛନ୍ତି। ଚାଳ ଘର ରହିବ ନାହିଁ, ସମସ୍ତଙ୍କୁ ମିଳିବ ଆବାସ ଗୃହ। ଏହି ଯୋଜନାର ସଫଳ ରୂପାୟନ ଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଏହି ଯୋଜନାରୁ ଜଣେ ହିତାଧିକାରୀଙ୍କ ନାମରେ ଆସିଥିବା ଆବାସ ଗୃହକୁ ହଡ଼ପ କରାଯାଇଛି। ପ୍ରଶାସନ ତାଲିକାରେ ତାଙ୍କୁ ଗୃହ ମିଳିଥିବା ଜଣାପଡିଥିବା ବେଳେ ସେ ଚାଳଘରେ ଜୀବନ ଅତିବାହିତ କରୁଛନ୍ତି। ଆବାସ ଖଣ୍ଡେ ପାଇଁ ଦୀର୍ଘବର୍ଷ ହେବ ଆଳି ବିଡିଓ, ଜିଲାପାଳଙ୍କ ନିକଟକୁ ଧାଉଁଥିବା ହିତାଧିକାରୀଙ୍କ କୋଠାଘର ଥିବା ତଥ୍ୟ ମିଳିଛି। ଏହାକୁ ନେଇ ହିତାଧିକାରୀ ଏବେ ଚିନ୍ତାରେ ପଡିଛନ୍ତି। ଏଭଳି ଦେଖିବାକୁ ମିଳିଛି, କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କଳସପୁର ପଞ୍ଚାୟତ ଆୟତପୁର ଗାଁରେ। ଗାଁର ଶିବରାମ ସୂତାରଙ୍କ ୩ ଝିଅପୁଅ ଓ ସ୍ତ୍ରୀଙ୍କୁ ନେଇ ପରିବାର। ସେ କାଠ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେ ରହୁଥିବା ଘରଟିର ବିଭିନ୍ନ ପାର୍ଶ୍ୱ ମାଟିକାନ୍ଥ ଖଣ୍ଡ ଖଣ୍ଡ ଖସୁଛି। ବିପଦସଂକୁଳ ଅବସ୍ଥାରେ ସେହି ଘରେ ସେ ପରିବାର ସହ ଆଶ୍ରୟ ନେଇଛନ୍ତି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଆବାସ ଖଣ୍ଡେ ପାଇବା ନିମନ୍ତେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ନିରାଶ ହେବା ପରେ ଆବାସ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଇ ମେଲ ଯୋଗେ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଏହାର ତଦନ୍ତ ନିମନ୍ତେ ଆସିଥିବା ରିପୋର୍ଟରେ ଆଳି ବିଡିଓ ଜିଲାପାଳଙ୍କୁ ଦେଇଥିବା ଦସ୍ତାବିଜରେ ଉଲ୍ଲେଖ ରହିଛି ଯେ ଶିବରାମଙ୍କ ପକ୍କାଘର ରହିଛି। ଏହି ଦସ୍ତାବିଜଟି ଶିବରାମଙ୍କ ନିକଟରେ ପହଞ୍ଚିବା ପରେ ତାଙ୍କ ମୁଣ୍ଡରେ ଚଡକ ପଡିଛି, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା।

ଶିବରାମ ଦୀର୍ଘବର୍ଷ ଧରି ଚାଳଘରେ ବସବାସ କରୁଥିବା ବେଳେ ବିଡିଓ କେଉଁ ଆଧାରରେ ଏହି ତଦନ୍ତ କରି ରିପୋର୍ଟ ଦେଲେ ତାହା ଏବେ ତଦନ୍ତସାପେକ୍ଷ। ଏ ନେଇ ଶିବରାମ କହିଛନ୍ତି, ଦୀର୍ଘବର୍ଷ ହେବ ଆବାସ ଖଣ୍ଡେ ପାଇଁ ପ୍ରଶାସନର ଦ୍ୱାରସ୍ଥ ହେବା ପରେ ଏହିଟିଠି ନିଶ୍ଚିତ ଭାବେ ସୂଚାଇ ଦେଉଛି ଯେ ତାଙ୍କ ନାମରେ ଆସିଥିବା ଆବାସକୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ବ୍ଲକ ପ୍ରଶାସନ ମିଳିତ ଭାବେ ହଡ଼ପ କରିଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରୁ ଏବେ ନୂତନ ଘରର ଟାର୍ଗେଟ ଆସିନି। ଉକ୍ତ ରିପୋର୍ଟ ସମ୍ପର୍କରେ ସେ ଅବଗତ ନାହାନ୍ତି। ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ଦେଖିବାକୁ ବାକି ରହିଲା ଶିବରାମ ଆବାସ ଆସିଛି, ଯଦି ଆସିଛି କାହାକୁ ମିଳିଛି ନା ଏହାକୁ ହଡ଼ପ କରାଯାଇଛି, ତାହା ତଦନ୍ତ ଘେରରେ ରହିଛି।

### ବିଶ୍ୱ ସେବିକା ଦିବସ

**ବିରିଡି,୧୨।୫(ଡି.ଏନ୍.ଏ.)**

ବିରିଡି ବ୍ଲକ ହାଜିପୁରସ୍ଥିତ ପ୍ରଜ୍ଞାବିହାରଠାରେ ଜେନେସିସ୍ ଜୁନିୟର ନର୍ସିଂ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ସେବିକା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜେନେସିସ୍ ଶିକ୍ଷ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଦିଗମ୍ବର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରର ନିର୍ଦ୍ଦେଶକ ଡ. ତୋଫାନ ଜେନା, ମୁଖ୍ୟବକ୍ତା ଭାବେ ଗୀତି କବି ବାମଦେବ ସ୍ୱାଇଁ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆଷାଢ଼ ସାହିତ୍ୟ ସଂସଦର ସଭାପତି କବି ପୀତାମ୍ବର ମହାପାତ୍ର, କେନ୍ଦ୍ରର ଉପନିର୍ଦ୍ଦେଶକ ଗଗନ ବିହାରୀ ମହାନ୍ତି, ଅଧ୍ୟାପକ ବିଶ୍ୱଜିତ ଭୋଳ, ସୁକାନ୍ତ ମହାନ୍ତି, ଅଧ୍ୟକ୍ଷା ତପସ୍ୱିନୀ ବସ୍ତିଆ, ଅଧ୍ୟାପିକା ପ୍ରିୟଙ୍କା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେବା ହିଁ ମାନବ ଜୀବନର ଶ୍ରେଷ୍ଠ କର୍ତ୍ତବ୍ୟ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରତାପ ମହାନ୍ତି ଧନ୍ୟବାଦ ଦେଇଥିବାବେଳେ ଚିନ୍ମୟୀ ନାୟକ, ଆଦ୍ୟାଶା ରାୟ, ଶିବାନୀ ଦାସ ଏହାକୁ ପରିଚାଳନା କରିଥିଲେ।

## ବେଆଇନ ମାଟି ଚାଲାଣ କରୁଥିବା ୨ ଟ୍ରାକ୍ଟର ଜବତ

**ଡେରାବିଶ, ୧୨।୫(ସ୍ୱ.ପ୍ର.)**

ଡେରାବିଶ ତହସିଲ ଅଧୀନରେ ବେଆଇନ ଭାବେ ମାଟି ଚାଲାଣ କରୁଥିବା ୨ଟି ଟ୍ରାକ୍ଟରକୁ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଗୁରୁବାର ଜବତ କରି ଜରିମାନା ଆଦାୟ କରିଛନ୍ତି। ଗତ ମଙ୍ଗଳବାର ରାତିରେ ଯଅଁରାବାରିମୂଳ ଅଞ୍ଚଳରୁ ବେଆଇନ ଭାବେ ମାଟି ଉଠାଣ କରି ୨ଟି ଟ୍ରାକ୍ଟର ମାଧ୍ୟମରେ ଚାଲାଣ କରାଯାଉଥିଲା। ଡେରାବିଶ ତହସିଲର ଅତିରିକ୍ତ ତହସିଲଦାର ସ୍ୱାଇଁ ସଦଳବଳ ଅଚାନକ ଚଢ଼ାଉ କରି ୨ଟି ମାଟି ବୋଝେଇ ଟ୍ରାକ୍ଟର ଜବତ କରି ଚାନ୍ଦୋଳ ଫାଣ୍ଡି ଜିମା ଦେଇଥିଲେ। ଏହି ଚଢ଼ାଉରେ ଚାନ୍ଦୋଳ ଫାଣ୍ଡିଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ସାମିଲ ରହିଥିଲେ। ପରେ ଜବତ ୨ ଟ୍ରାକ୍ଟର ମାଲିକଙ୍କଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ‘ଲୋକନାଥ ଭାଗଚାଷୀ ଆନ୍ଦୋଳନର ମୁଖ୍ୟ ନାୟକ ଥିଲେ’

**କୁଜଙ୍ଗ,୧୨।୫ (ଡି.ଏନ୍.ଏ. )**

ଓଡ଼ିଶା କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ପ୍ରବାଦପୁରୁଷ ତଥା ପୂର୍ବତନ ଏମ୍‌ପି ସ୍ୱର୍ଗତ ଲୋକନାଥ ଚୌଧୁରୀଙ୍କ ୧୯ତମ ଶ୍ରାଦ୍ଧୋତ୍ସବ କୁଜଙ୍ଗସ୍ଥିତ ଲୋକନାଥ ଭବନଠାରେ ଗୁରୁବାର ପାଳିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ସାମାଜିକ କର୍ମୀ ସରୋଜ ପଟ୍ଟନାୟକ, ଅଖିଳ ଭାରତ କୃଷକ ସଂଘର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ସିପିଆଇ ଜିଲା ସମ୍ପାଦକ ଅଭିଜିତ ସାହୁ, ବିଜୟ ମହାନ୍ତି, ଡା. ଜିନ୍ମୟୀ ସାହାଣୀ, ସୁବାସ ମହାପାତ୍ର, ଶରତ ବେହେରା, ଅଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଲୋକନାଥଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଲୋକନାଥ ବ୍ରିଟିଶ୍ ବିରୋଧୀ ଆନ୍ଦୋଳନରେ ଯୋଗଦେଇ ୟୁନିୟନ ବ୍ୟାଙ୍କ ପତାକା ପୋଡ଼ି ଢେଙ୍କାନାଳ ପ୍ରଜାମଣ୍ଡଳରେ ଭାଗଚାଷୀ ଆନ୍ଦୋଳନର ମୁଖ୍ୟ ନାୟକ ପାଲଟିଥିଲେ। ଏହି ଅବସରରେ ନିଖିଳ ଭାରତ କୃଷକ ସଂଘର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେହିପରି ଲୋକନାଥ ଚୌଧୁରୀ ସ୍ମୃତି ସଂସଦ ପକ୍ଷରୁ ସମାଗୋଳସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟଠାରେ ସ୍ଥାପିତ ହୋଇଥିବା ଲୋକନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ସଂସଦ ସଭାପତି ଯୋଗେନ୍ଦ୍ରନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନରେନ୍ଦ୍ରନାଥ ଜେନା, ମୁଖ୍ୟବକ୍ତା ସରୋଜ ପଟ୍ଟନାୟକ ଓ ବାବୁରାମ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।



ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ୫୦ବର୍ଷ ପାଇଁ ସହର ନବୀକରଣ ଯୋଜନା

**ଜଗତ୍‌ସିଂହପୁର ଅଫିସ,୧୨।୫**

ଜଗତ୍‌ସିଂହପୁର ଏକ ମଧ୍ୟମ ଶ୍ରେଣୀର ସହର। ୧୯୮୫ ମସିହା ପରଠାରୁ ସହର ସମେତ ଜିଲାରେ ମାଷ୍ଟର ପ୍ଲାନ ହୋଇନାହିଁ, ଯେଉଁଥିପାଇଁ ସହରଟି ଦିନକୁଦିନ ଅସଜଡା ଅବସ୍ଥାକୁ ଚାଲିଯାଇଛି। ଏଥିଯୋଗୁ ଟ୍ରାଫିକ ସମସ୍ୟାଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା, ବ୍ୟବସାୟ ଆଦି ବିଭିନ୍ନ କ୍ଷେତ୍ରରେ ଅସୁବିଧା ହେଉଛି। ବିଳମ୍ବରେ ହେଉ ପଛେ ୫୦ ବର୍ଷ ପାଇଁ ସହରର ନବୀକରଣ ଯୋଜନାର ମାଷ୍ଟର ପ୍ଲାନ ହେବା ନେଇ ପ୍ରକ୍ରିୟା ଚାଲିଛି। ବାଙ୍ଗାଲୋରର ସ୍କାଏ ଗ୍ରୁପ ନାମକ ସଂସ୍ଥାକୁ ଏହି ଯୋଜନା ପ୍ରସ୍ତୁତି କାମ ଦିଆଯାଇଛି। ଉକ୍ତ ସଂସ୍ଥା ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆର୍‌ଆଇଟି) ସହ ୨୬।୫।୧୮ରେ ରାଜିନାମା ସ୍ୱାକ୍ଷରିତ କରିଥିଲା। ରାଜିନାମା ଅନୁଯାୟୀ, ୨୩।୭।୧୯ ଭିତରେ ଏହି ସଂସ୍ଥା ମାଷ୍ଟର ପ୍ଲାନ କରିବାକୁ ସମୟ ଦିଆଯାଇଥିଲା। କିନ୍ତୁ ଅବଧି ସରିବାର ଏଥିମଧ୍ୟରେ ପାଖାପାଖି ୩ ବର୍ଷ ହୋଇଯାଇଥିଲେ ସୁଦ୍ଧା ଯୋଜନା ଆଗେଇ ପାରୁ ନ ଥିଲା।



ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଲୋକପ୍ରତିନିଧି ଓ ଅନ୍ୟମାନେ।

**ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ**

- ୩ ବର୍ଷ ପରେ ମାଷ୍ଟର ପ୍ଲାନ ଭାଗୀଦାରି ବୈଠକ
- ୯୩ ରାଜସ୍ୱ ଗ୍ରାମର ୧୧୪ ବର୍ଗ କି.ମି.ର ହେବ ଉନ୍ନତୀକରଣ
- ଜଗତ୍‌ସିଂହପୁର, ବିରିଡ଼ି, ତିର୍ତ୍ତୋଲ, ବାଲିକୁଦା ଓ ରଘୁନାଥପୁରକୁ ନେଇ ହୋଇଛି ୫ କ୍ଲଷ୍ଟର

କାରଣ କରୋନା ମହାମାରୀ ଯୋଗୁ ସମସ୍ତ କାର୍ଯ୍ୟରେ ବାଧା ଉପୁଜିଥିବା କୁହାଯାଇଥିଲା। ଗୁରୁବାର ଏହି ପ୍ଲାନ ନେଇ ଭାଗୀଦାରି ବୈଠକ ପରେ ପ୍ରକଳ୍ପ ଆଗେଇବ ବୋଲି ଆଶା ସଞ୍ଚାର ହୋଇଛି।

ପ୍ଲାନ କରିବା ଦାୟିତ୍ୱ ନେଲା ପରେ ସ୍କାଏ ଗ୍ରୁପ୍‌କୁ ଓର୍‌ସାକ ଦ୍ୱାରା ଉତ୍ତୋଳିତ ସାଟେଲାଇଟ୍ ଡାଟା ଓ ଅନ୍ୟ ତଥ୍ୟ ଜେଆର୍‌ଆଇଟି ପକ୍ଷରୁ ଯୋଗାଇ ଦିଆଯାଇଥିଲା। ତାହା ପରେ ସ୍କାଏ ଗ୍ରୁପ ଏକ କର୍ମଶାଳା ଓ ପରିକଳ୍ପନା (କନସେପ୍ଟ) ରିପୋର୍ଟ ପ୍ରସ୍ତୁତ କରିଥିଲା। ପରିକଳ୍ପନା ରିପୋର୍ଟ ଉପରେ ଗୁରୁବାର ଭାଗୀଦାରିମାନଙ୍କୁ ନେଇ କର୍ମଶାଳା ହୋଇଥିଲା। ପରେ ତଥ୍ୟ ପର୍ଯ୍ୟବେକ୍ଷଣ (ଡାଟା ଭାଲିଡେଶନ୍), ସର୍ଭେକ୍ଷଣ ରିପୋର୍ଟ ଓ ଚିଠା (ଡ୍ରାଫ୍ଟ) ମାଷ୍ଟର ପ୍ଲାନ ଉପସ୍ଥାପନ ହେବ। ଏହା ଉପରେ ଜନ ଅଭିଯୋଗ ଶୁଣାଣି ପରେ ଶେଷରେ ଚୂଡ଼ାନ୍ତ ମାଷ୍ଟର ପ୍ଲାନ ପ୍ରକାଶ ପାଇବ। ଗୁରୁବାର ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ଜେଆର୍‌ଆଇଟି) ପକ୍ଷରୁ ଜଗତ୍‌ସିଂହପୁର ପୌରାଞ୍ଚଳ ତଥା ତତ୍‌ସଂଲଗ୍ନ ୨୨ଟି ରାଜସ୍ୱ ଗ୍ରାମ, ତିର୍ତ୍ତୋଲ ବ୍ଲକର ୨୧, ରଘୁନାଥପୁରର ୧୦, ବିରିଡ଼ିର ୧୨ ଓ ବାଲିକୁଦା ବ୍ଲକର ୮ଟି ରାଜସ୍ୱ ଗ୍ରାମକୁ ମିଶାଇ ମୋଟ ୯୩ଟି ମୌଜାର ୧୧୪ ବର୍ଗ କି.ମି.କୁ ନେଇ ଜିଆଇଏସ୍ ପଦ୍ଧତିରେ ପ୍ରସ୍ତୁତ ହେବାକୁ ଥିବା ମାଷ୍ଟର ପ୍ଲାନର ଭାଗୀଦାରି ବୈଠକରେ ଅନେକ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାରଙ୍କ ସହର ଯୋଜନା ନିର୍ଦ୍ଦେଶକ ଶୁଭେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସ୍କାଏ ଗ୍ରୁପ ସଂସ୍ଥାର ସହର ଯୋଜନାକାରୀ (ଟାଉନ ପ୍ଲାନର) ସଂଗୃହୀତ ତଥ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ମାଷ୍ଟର ପ୍ଲାନ ଅଞ୍ଚଳ ଅଧୀନସ୍ଥ ତହସିଲଦାର, ବିଡିଓ, ପୌର ନିର୍ବାହୀ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ତଥା ସରପଞ୍ଚମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ରୁଦ୍ରନାରାୟଣ ଦାଶ କେତେକ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଜେଆର୍‌ଆଇଟି ସଚିବ କୀର୍ତ୍ତନ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ।

**ପାକିସ୍ତାନକୁ ତଥ୍ୟ ଲିକ୍: ବାୟୁସେନା ସର୍ଜେଣ୍ଟ ଗିରଫ**
ପାକିସ୍ତାନର ଏକ ସଂସ୍ଥାକୁ ଭାରତୀୟ ପ୍ରତିରକ୍ଷା ବିଭାଗର ସମ୍ବେଦନଶୀଳ ତଥ୍ୟ ଲିକ୍ କରିବା ଘଟଣାରେ ରେକର୍ଡ ଅଫିସର୍ ଜଣେ ବାୟୁସେନା ସର୍ଜେଣ୍ଟଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଦେବେନ୍ଦର ନାରାୟଣ ଶର୍ମା (୩୨) ଭାରତୀୟ ବାୟୁସେନା ରେକର୍ଡ ଅଫିସ୍‌ରେ ପ୍ରଶାସନିକ ସହାୟକ (ଜିଡି) ଭାବେ କାର୍ଯ୍ୟ କରୁଥିଲେ। ଜଣେ ପାକିସ୍ତାନୀ ମହିଳାଙ୍କ ପ୍ରେମ ଜାଲରେ ଫସି ସେ ତାଙ୍କ ସହ ବ୍ୟକ୍ତିଗତ, ଜାତୀୟ ସୁରକ୍ଷା ଓ ପ୍ରତିରକ୍ଷା ସମ୍ପର୍କିତ ସମ୍ବେଦନଶୀଳ ଦସ୍ତାବିଜ୍ ହ୍ୱାଟ୍ସଆପ୍‌ରେ ଶେୟାର କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।



## ସଂକ୍ଷେପରେ

### ପାକିସ୍ତାନରେ ମନ୍ଦିର ଭଙ୍ଗା ଘଟଣା: ୨୨ ଜଣଙ୍କୁ ୫ ବର୍ଷ ଜେଲ

**ଲାହୋର,୧୨।୫(ଆଇଏଏନ୍ଏସ୍):** ପାକିସ୍ତାନର ପଞ୍ଜାବ ପ୍ରଦେଶରେ ୨୦୨୧ରେ ଏକ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ଘଟଣାରେ ସ୍ଥାନୀୟ ଆତଙ୍କବାଦ ନିରୋଧୀ ଅଦାଲତ (ଏଟିସି) ୨୨ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ୫ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୧ ଜୁଲାଇରେ ରହିମ ୟାର୍ ଖାନ୍ ଜିଲାର ଭୋଙ୍ଗ ସହରରେ ଏକ ଗଣେଶ ମନ୍ଦିର ଉପରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ସେମାନେ ମୂର୍ତ୍ତି ଭଙ୍ଗାରୁଜା କରିବା ସହ ମନ୍ଦିରର କିଛି ଅଂଶରେ ନିଆଁ ଲଗାଇଦେଇଥିଲେ ଓ ମନ୍ଦିର ପବିତ୍ରତା ନଷ୍ଟ କରିଥିଲେ। ଜଣେ ୮ ବର୍ଷର ହିନ୍ଦୁ ବାଳକ ମୁସଲମାନ ସେମିନାରୀ ଅପବିତ୍ର କରିବା ଅଭିଯୋଗ ପରେ ଏହାର ପ୍ରତିଶୋଧ ନେବାକୁ ଯାଇ ଉତ୍ତ୍ୟକ୍ତ ଲୋକେ ଗଣେଶ ମନ୍ଦିର ଆକ୍ରମଣ କରିଥିଲେ। ଏହି ଘଟଣାରେ ୮୪ ଜଣଙ୍କୁ ଗିରଫ କରାଯିବା ସହ ବାହାୱଲପୁର ଏଟିସିରେ ମାମଲା ଦାଏର ହୋଇଥିଲା। ପ୍ରମାଣ ଅଭାବରୁ ୬୨ ଜଣଙ୍କୁ ଦୋଷମୁକ୍ତ କରାଯାଇଛି।

### ସୁଖୋଇରୁ ବ୍ରହ୍ମୋସ୍ ପରୀକ୍ଷା

**ନୂଆଦିଲ୍ଲୀ,୧୨।୫:** ସୁଖୋଇ ଯୁଦ୍ଧବିମାନରୁ ଗୁରୁବାର ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ପରିବର୍ଦ୍ଧିତ ଭର୍ସନ୍‌ର ସଫଳ ପରୀକ୍ଷା କରାଯାଇଛି। ବଙ୍ଗୋପସାଗରରେ ଧାର୍ଯ୍ୟ ଲକ୍ଷ୍ୟସ୍ଥଳକୁ ଏହା ସିଧାସଳଖ ମାଡ଼ କରିଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୂଳ ବ୍ରହ୍ମୋସ କ୍ଷେପଣାସ୍ତ୍ରର ରେଞ୍ଜ୍ ୨୯୦ କିଲୋମିଟର ଥିବାବେଳେ ଆଡଭାନ୍ସ ଭର୍ସନ୍‌ର ଲକ୍ଷ୍ୟଭେଦ କ୍ଷମତା ୩୫୦ କିଲୋମିଟର ରହିଛି। ଏହା ଶବ୍ଦ ବେଗର ୩ ଗୁଣ (୨.୮ ମାକ୍) ବେଗରେ ଗତି କରିଥିଲା। ଏସ୍‌ୟୁ-୩୦ଏମ୍‌କେଆଇ ଯୁଦ୍ଧବିମାନରୁ ସୁଖୋଇ ପରିବର୍ଦ୍ଧିତ ଭର୍ସନ ପରୀକ୍ଷା କରାଯିବା ଏହା ପ୍ରଥମ।

### ଝାଡ଼ଖଣ୍ଡ ଖଣି ସଚିବ ପୂଜା ସିଙ୍ଘଲ ନିଲମ୍ବିତ

**ନୂଆଦିଲ୍ଲୀ,୧୨।୫(ଆଇଏଏନ୍ଏସ୍):**



ମନି ଲଣ୍ଡରିଂ ମାମଲାରେ ଗିରଫ ହେବାର ଦିନକ ପରେ ଝାଡ଼ଖଣ୍ଡ ଖଣି ସଚିବ ପୂଜା ସିଙ୍ଘଲଙ୍କୁ ଭାରତୀୟ ପ୍ରଶାସନିକ ସେବାରୁ ନିଲମ୍ବନ କରାଯାଇଛି। କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏ ପାଣ୍ଠି ଦୁର୍ନୀତିରେ ପୂଜାଙ୍କୁ ୫ ଦିନ ଇଡି ହାଜତକୁ ପଠାଇଦିଆଯାଇଛି। ନିକଟରେ ଇଡି ଚଢ଼ାଉ ବେଳେ ତାଙ୍କ ଘରୁ ୧୯.୩୧ କୋଟି ନଗଦ ଟଙ୍କା ଜବତ ହୋଇଥିଲା। ଏତେ ଟଙ୍କା କେଉଁଠୁ ଆସିଲା ଇଡି ଏହାର ତଦନ୍ତ ଚଳାଇଛି। ପୂଜାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁମନ କୁମାରଙ୍କର ୪ଟି କାର୍ ଜବତ ହେବା ସହ ତାଙ୍କୁ ଶନିବାର ଗିରଫ କରାଯାଇଥିଲା।

### ୟୁପି ମଦ୍ରାସାରେ ଜାତୀୟ ସଙ୍ଗୀତ ଗାନ ବାଧ୍ୟତାମୂଳକ

**ଲକ୍ଷ୍ନୌ,୧୨।୫(ପି.ଟି.):** ଉତ୍ତରପ୍ରଦେଶର ସମସ୍ତ ମଦ୍ରାସାରେ ଗୁରୁବାରଠାରୁ ଜାତୀୟ ସଙ୍ଗୀତ ଗାନକୁ ବାଧ୍ୟତାମୂଳକ କରାଯାଇଛି। ୟୁପି ମଦ୍ରାସା ଶିକ୍ଷା ବୋର୍ଡର ପ୍ରବନ୍ଧକ ଏସ୍.ଏନ୍. ପାଣ୍ଡେ ଏନେଇ ସମସ୍ତ ଜିଲା ସଂଖ୍ୟାଲଘୁ କଲ୍ୟାଣ ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମଦ୍ରାସାରେ ପ୍ରାର୍ଥନା ସମୟରେ ଜାତୀୟ ସଙ୍ଗୀତ 'ଜନଗଣ ମନ' ଗାନକୁ ବାଧ୍ୟତାମୂଳକ କରିବା ଲାଗି ମାର୍ଚ୍ଚ ୨୪ ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରମଜାନ ଛୁଟି ପରେ ଗୁରୁବାରଠାରୁ ମଦ୍ରାସାରେ ପାଠପଢ଼ା ଆରମ୍ଭ ହେବା ସହ ଜାତୀୟ ସଙ୍ଗୀତ ଗାନ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଇଛି।



ଶ୍ରୀଲଙ୍କାର ୱିରାକେଟିଆରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ବାପା ଡି. ଏ. ରାଜପାକ୍‌ସେଙ୍କ ପ୍ରତିମୂର୍ତ୍ତିକୁ ସରକାର ବିରୋଧୀ ବିକ୍ଷୋଭକାରୀମାନେ ଭାଙ୍ଗି ଦେଇଛନ୍ତି।

# ଜ୍ଞାନବାପି ସର୍ଭେ ଜାରି ରହିବ

- ୧୭ ସୁଦ୍ଧା ରିପୋର୍ଟ ଦାଖଲ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ
- ବଦଳିବେନି ଆଡ୍‌ଭୋକେଟ କମିଶନର

**ବାରାଣସୀ, ୧୨।୫**

ଉତ୍ତରପ୍ରଦେଶର ବାରାଣସୀ ସ୍ଥିତ ଜ୍ଞାନବାପି ମସ୍‌ଜିଦ୍ ବିବାଦରେ ଜିଲା କୋର୍ଟ ଗୁରୁବାର ବଡ଼ ରାୟ ଶୁଣାଇଛନ୍ତି। ଜ୍ଞାନବାପି-ଶୃଙ୍ଗାର ଗୌରୀ କମ୍ପ୍ଲେକ୍ସରେ ଭାରତର ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ଦ୍ୱାରା ସର୍ଭେ କରାଯିବ। ସର୍ଭେ କାର୍ଯ୍ୟର ଭିଡିଓଗ୍ରାଫି କରାଯାଇ ତାହାକୁ କୋର୍ଟରେ ଦାଖଲ ନିମନ୍ତେ ସିନିୟର ଡିଭିଜନ ସିଭିଲ୍ ଜଜ୍ ଜଷ୍ଟିସ୍ ରବି କୁମାର ଦିବାକର ନିର୍ଦ୍ଦେଶ ଦେଇଛନ୍ତି। ମେ ୧୭ ସୁଦ୍ଧା ଏହି ସର୍ଭେ ଶେଷ କରାଯାଇ ରିପୋର୍ଟ ଦାଖଲ ପାଇଁ କୋର୍ଟ କହିଥିବା ଜ୍ଞାନବାପି ମସ୍‌ଜିଦ ପରିଚାଳନା କମିଟିର ପକ୍ଷ ରଖିଥିବା ଅଭୟ ନାଥ ଯାଦବ ସୂଚନା ଦେଇଛନ୍ତି। ଏଥିରେ ମସ୍‌ଜିଦ ଭିତରେ ଥିବା ୨ଟି ବେସ୍‌ମେଣ୍ଟକୁ ମଧ୍ୟ ଖୋଲାଯାଇ ଅନୁଧ୍ୟାନ କରାଯିବ। ଏଥିସହ କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆଡ୍‌ଭୋକେଟ କମିଶନର ଅଜୟ କୁମାର ମିଶ୍ରଙ୍କୁ ବଦଳାଇବା ପାଇଁ ମସ୍‌ଜିଦ ପରିଚାଳନା କମିଟି ପକ୍ଷରୁ ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ସର୍ଭେରେ ସହାୟତା ପାଇଁ ଆଉ ଦୁଇଜଣ ଅତିରିକ୍ତ ଆଡ୍‌ଭୋକେଟ କମିଶନରଙ୍କୁ ନିଯୁକ୍ତ କରାଯାଇଛି।



### ମସ୍‌ଜିଦ ସ୍ଥାନରେ ଥିଲା ଶିବମନ୍ଦିର

ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହେବାରେ ଲାଗିଥିବାବେଳେ ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଜ୍ଞାନବାପି ମସ୍‌ଜିଦକୁ ନେଇ ବିବାଦ ମୁଣ୍ଡ ଟେକିଛି। ୧୬୬୯ ମସିହାରେ ମୋଗଲ ସମ୍ରାଟ ଔରଙ୍ଗଜେବ୍ ଏକ ଶିବମନ୍ଦିରକୁ ଭାଙ୍ଗି ଉକ୍ତ ସ୍ଥାନରେ ଏହି ମସ୍‌ଜିଦ ନିର୍ମାଣ କରିଥିବା କୁହାଯାଏ। ଐତିହାସିକ ରେକର୍ଡ ଅନୁଯାୟୀ, ମୋଗଲ ସାମ୍ରାଜ୍ୟବେଳେ ଅର୍ଥମନ୍ତ୍ରୀ ଥିବା ତୋଦର ମଲ୍ ଏକ ବିଶ୍ୱେଶ୍ୱର ମନ୍ଦିର ପ୍ରତିଷ୍ଠା କରିଥିଲେ। ତାଙ୍କୁ ଏଥିରେ ବାରାଣସୀର ବ୍ରାହ୍ମଣ ପରିବାର ମୁଖ୍ୟ ନାରାୟଣ ଭଟ୍ଟ ସହଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଜାହାଙ୍ଗୀରଙ୍କ ସହଯୋଗୀ ବୀର ସିଂଦେଓ ବୁନ୍ଦେଲା ମନ୍ଦିରର କିଛି ଅଂଶ ନିର୍ମାଣ କରିଥିଲେ ବୋଲି ଅନେକଙ୍କ ବିଶ୍ୱାସ ରହିଛି। ତେବେ ମସ୍‌ଜିଦ୍‌ର ଇତିହାସ ଓ ଅନ୍ୟ ବିବରଣୀ ବିତର୍କରୁ ଊର୍ଦ୍ଧ୍ୱକୁ ଯାଇପାରିନାହିଁ। କାଶୀ ବିଶ୍ୱନାଥ ମନ୍ଦିରକୁ ଲାଗି ରହିଥିବା ଜ୍ଞାନବାପି ମସ୍‌ଜିଦରେ ଏବେ ବି ଶିବଲିଙ୍ଗ ଓ ଅନ୍ୟ ଦେବଦେବୀଙ୍କ ସଙ୍କେତ ଥିବା ହିନ୍ଦୁମାନେ ଦାବି କରନ୍ତି। ଏ ସମ୍ପର୍କିତ ଅନେକ ସାକ୍ଷ୍ୟ ଓ ପୋଥିଗତ ପ୍ରମାଣ କୋର୍ଟରେ ଦାଖଲ କରାଯାଇଥିବା ହିନ୍ଦୁ ପକ୍ଷଙ୍କ ଓକିଲ ସୂଚନା ଦେଇଛନ୍ତି। ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚ୍‌ୟୁ) ଇତିହାସ ପ୍ରାଧ୍ୟାପକ ରାଜୀବ ଶ୍ରୀବାସ୍ତବଙ୍କ ମତରେ ବିଶ୍ୱର କୌଣସି ମସ୍‌ଜିଦର ନାମ ଜ୍ଞାନବାପି ରଖାଯାଇ ନ ଥାଏ। କାରଣ ଜ୍ଞାନବାପି ଏକ ସଂସ୍କୃତ ଶବ୍ଦ, ଯାହାର ତାତ୍ପର୍ଯ୍ୟ ହେଉଛି ଜ୍ଞାନକୂପ। କାଶୀ ବିଶ୍ୱନାଥ ମନ୍ଦିରକୁ ପୂର୍ବରୁ ବୈଦିକ ଶିକ୍ଷା ପାଇଁ ଦେଶ ବିଦେଶରୁ ବିଦ୍ୟାର୍ଥୀମାନେ ଆସୁଥିଲେ। ତେଣୁ ଐତିହାସିକମାନେ ଏହାକୁ ଜ୍ଞାନକୂପ ବୋଲି ବିବେଚନା କରିଥାନ୍ତି। ଅନ୍ୟପକ୍ଷେ ମୁସଲମାନ ସମ୍ପ୍ରଦାୟର ଲୋକେ ଏହାକୁ ଖଣ୍ଡନ କରି ସେଠାରେ ପୂର୍ବରୁ କୌଣସି ମନ୍ଦିର ନ ଥିବା ମତ ଦିଅନ୍ତି।

### ବିବାଦ: କେବେ କ'ଣ

▶▶ ୧୯୯୧ରେ ସ୍ୱୟମ୍ଭୁ ଜ୍ୟୋତିର୍ଲିଙ୍ଗ ଭଗବାନ ବିଶ୍ୱେଶ୍ୱର ଏହି ମାମଲାରେ ବାରାଣସୀ କୋର୍ଟରେ ପ୍ରଥମ ପିଟିଶନ ଦାଖଲ କରି ଜ୍ଞାନବାପି ପରିସରରେ ପୂଜା ପାଇଁ ଅନୁମତି ମାଗିବା ସହ ସମ୍ପୂର୍ଣ୍ଣ ମସ୍‌ଜିଦ କମ୍ପ୍ଲେକ୍ସକୁ କାଶୀ ମନ୍ଦିର ସହ ମିଶାଇବା ପାଇଁ ଆବେଦନ କରିଥିଲେ।

▶▶ ୧୯୯୮ରେ ଅଞ୍ଜୁମନ୍ ଇନ୍ତେଜାମିଆ ମସ୍‌ଜିଦ କମିଟି ଆଲ୍ଲାହାବାଦ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରି ଆଇନ ଅନୁସାରେ ମନ୍ଦିର-ମସ୍‌ଜିଦ ବିବାଦର ସମାଧାନ ସିଭିଲ କୋର୍ଟରେ ହୋଇପାରିବ ନାହିଁ ବୋଲି ଦର୍ଶାଇଥିଲେ। ୨୨ ବର୍ଷ ଧରି କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମାମଲା ସ୍ଥଗିତ ରହିଥିଲା।

▶▶ ୨୦୧୯ରେ ରସ୍ତୋଗୀ ନାମ୍ନୀ ଜଣେ ଆବେଦନକାରୀ ସ୍ୱୟମ୍ଭୁ ଜ୍ୟୋତିର୍ଲିଙ୍ଗଙ୍କ ତରଫରୁ ବାରାଣସୀ ଜିଲା କୋର୍ଟରେ ଏକ ପିଟିଶନ ଦାଖଲ କରି ଏହି ପରିସରରେ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପାଇଁ ଆବେଦନ କରିଥିଲେ।

▶▶ ୨୦୨୦ରେ ଅଞ୍ଜୁମନ୍ ଇନ୍ତେଜାମିଆ ମସ୍‌ଜିଦ କମିଟି ଏହି ସର୍ବେକ୍ଷଣକୁ ବିରୋଧକରି ଏହା ଉପରେ ପୁଣି ସ୍ଥଗିତାଦେଶ ଲଗାଯିବା ଏବଂ ଶୁଣାଣି ଆରମ୍ଭ କରିବା ନିମନ୍ତେ ଆଲ୍ଲାହାବାଦ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲା।

### ମୃତ୍ୟୁ ପରେ ବି ପୀଡ଼ିତାଙ୍କୁ ବଳାତ୍କାର

**ହାଇଦ୍ରାବାଦ,୧୨।୫:** ମୃତଦେହକୁ ବଳାତ୍କାର କରିବା ଭଳି ଜଘନ୍ୟ ଅପରାଧ ଘଟଣା ସୋମବାର ରାତିରେ ହାଇଦ୍ରାବାଦର ଚୌତୁପାଲ ଅଞ୍ଚଳରେ ଘଟିଛି। ଅଭିଯୁକ୍ତ ନିର୍ମାଣ ଶ୍ରମିକ ଇ. ହରିଶ ଗୌଡ଼ଙ୍କୁ ବୁଧବାର ଗିରଫ କରାଯାଇଛି। ୟାଦାଦ୍ରି ଭୁବନଗିରି ଜିଲାର ଚୌତୁପାଲରେ ଏକ ଇଟାଭାଟି ୱେରହାଉସ୍‌ରେ କାର୍ଯ୍ୟ କରୁଥିବା ୨୮ ବର୍ଷୀୟ ଆଦିବାସୀ ମହିଳାଙ୍କୁ ଏକୁଟିଆ ପାଇ ହରିଶ ତାଙ୍କ ସହ ଯୌନ ସମ୍ପର୍କ ରଖିବାକୁ କହିଥିଲେ। ମହିଳା ପ୍ରତିରୋଧ କରିବାରୁ ସେ ଏକ କାଠଗଣ୍ଡିରେ ତାଙ୍କ ମୁହଁକୁ ଛେଚିଦେଇଥିଲେ। ମହିଳାଙ୍କ ମୃତ୍ୟୁ ହୋଇଯିବା ସତ୍ତ୍ୱେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।

### କଶ୍ମୀରୀ ପଣ୍ଡିତଙ୍କୁ ଗୁଳିକରି ହତ୍ୟା

**ବଡଗାମ୍,୧୨।୫:** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ପୁଣିଥରେ ଟାର୍ଗେଟ ଆକ୍ରମଣ ଆରମ୍ଭ କରିଛନ୍ତି। ଗୁରୁବାର ସେମାନେ ଚଡ୍ଡୁରାସ୍ଥିତ ତହସିଲଦାରଙ୍କ କାର୍ଯ୍ୟାଳୟରେ ରାହୁଲ ଭଟ୍ଟ ନାମକ କାଶ୍ମୀରୀ ପଣ୍ଡିତଙ୍କୁ ଗୁଳି କରି ହତ୍ୟା କରିଛନ୍ତି।



ରାହୁଲ ଭଟ୍ଟ

ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଦୁଇଜଣ ଆତଙ୍କବାଦୀ ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ଅତି ନିକଟରୁ ରାହୁଲଙ୍କୁ ଗୁଳି କରିଥିଲେ ବୋଲି ପୋଲିସ କହିଛି।

ଗତବର୍ଷ ଅକ୍ଟୋବରରୁ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଙ୍ଗ୍ ଆରମ୍ଭ ହୋଇଥିଲା। ଅକ୍ଟୋବରରେ ୫ ଦିନ ମଧ୍ୟରେ ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ସେମାନଙ୍କ ମଧ୍ୟରେ କାମଧନ୍ଦା ଉଦ୍ଦେଶ୍ୟରେ ଆସିଥିବା ବାହାର ରାଜ୍ୟର ଲୋକେ ଓ କଶ୍ମୀରୀ ପଣ୍ଡିତ ଥିଲେ।

## ଫେରିଲା ବିକ୍ରମସିଂଘେ ଶାସନ

**କଲମ୍ବୋ, ୧୨।୫**



ରାନିଲ ବିକ୍ରମସିଂଘେ

ଶ୍ରୀଲଙ୍କାକୁ ସଙ୍କଟରୁ ବାହାର କରି ଜନସାଧାରଣଙ୍କ କଷ୍ଟ ଦୂର କରିବାର ଗୁରୁଦାୟିତ୍ୱ ତୁଲାଇବାକୁ ରାନିଲ ବିକ୍ରମସିଂଘେ ୬ଷ୍ଠ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଜଣେ ଦକ୍ଷ ରାଜନେତା ଭାବେ ଜଣା ବିକ୍ରମସିଂଘେଙ୍କ ହାତରେ ଶାସନଭାର ରହିବା ନେଇ ଘୋଷଣା ହେବା ପରେ ଏହା ଦେଶରେ କିଛିମାତ୍ରାରେ ସ୍ଥିରତା ଆଣିପାରେ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ହେବା ପରେ ଦେଶର ଅର୍ଥନୀତିକୁ ସଜାଡ଼ିବା ପ୍ରତିଶ୍ରୁତି ସେ ପୂରଣ କରିବେ ବୋଲି କହିଛନ୍ତି। ଏଥିସହ ପୂର୍ବ ସରକାର ଅପେକ୍ଷା ତାଙ୍କ ଅମଳରେ ଭାରତ ସହ ସମ୍ପର୍କ ଅଧିକ ମଜଭୁତ ହେବ ବୋଲି ବିକ୍ରମସିଂଘେ ପ୍ରକାଶ କରିଛନ୍ତି।

▶▶ ୧୯୪୯ରେ ଜନ୍ମିତ ବିକ୍ରମସିଂଘେ ୪୫ ବର୍ଷ ହେଲା ପାର୍ଲାମେଣ୍ଟରେ ସଦସ୍ୟ ରହିଆସିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସୁସମ୍ପର୍କ ରହିବା ସହ ସେ ଜଣେ ଭଲ ମଧ୍ୟସ୍ଥ ଭାବେ ଜଣାଶୁଣା।

▶▶ ଆଇନଶିକ୍ଷା ଗ୍ରହଣ କରିଥିବା ବିକ୍ରମସିଂଘେ ୧୯୭୭ରେ ପ୍ରଥମେ ଜଣେ ଆଇନପ୍ରଣେତା ଭାବେ ନିର୍ବାଚିତ ହୋଇଥିଲେ।

▶▶ ରାଷ୍ଟ୍ରପତି ରାଣାସିଂଘେ ପ୍ରେମଦାସାଙ୍କ ହତ୍ୟା ପରେ ୧୯୯୩ରେ ସେ ପ୍ରଥମ ଥର ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହୋଇଥିଲେ। ପରେ ୨୦୦୧ରୁ ୨୦୦୪, ୨୦୧୫ରୁ ୨୦୧୮ ଏବଂ ୨୦୧୮ରୁ ୨୦୧୯ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ରହିଥିଲେ।

▶▶ ୨୦୨୦ରେ ତାଙ୍କ ରାଜନୈତିକ ଦଳ ୟୁଏନ୍‌ପି ନେତୃତ୍ୱ ବିବାଦ ଯୋଗୁ ଦୁଇ ଭାଗ ହୋଇଯାଇଥିଲା। ପୂର୍ବଥର ପ୍ରଧାନମନ୍ତ୍ରୀ ଥିବାବେଳେ ପୂର୍ବତନ ରାଷ୍ଟ୍ରପତି ମୈତ୍ରିପାଲ ସିରିସେନାଙ୍କ ସହ କ୍ଷମତା ବଣ୍ଟା ବିବାଦକୁ ନେଇ ବିକ୍ରମସିଂଘେଙ୍କ ଛବି ଖରାପ ହୋଇଥିଲା।

▶▶ ୨୦୧୯ରେ ଇଷ୍ଟର ସନ୍‌ଡେରେ ଆତ୍ମଘାତୀ ବିସ୍ଫୋରଣ ଯୋଗୁ ୨୬୦ ଲୋକଙ୍କ ଜୀବନ ଯାଇଥିଲା। ସିରିସେନା ଓ ବିକ୍ରମସିଂଘେଙ୍କ ମଧ୍ୟରେ ବିବାଦକୁ ଗୋଇନ୍ଦା ବିଫଳତା ପାଇଁ ଦାୟୀ କରାଯାଇଥିଲା।

▶▶ ୪ ଦଶନ୍ଧିରୁ ଊର୍ଦ୍ଧ୍ୱ ରାଜନୈତିକ କ୍ୟାରିୟର ମଧ୍ୟରେ ସେ ଦୁଇଥର ରାଷ୍ଟ୍ରପତି ନିର୍ବାଚନ ହାରିଛନ୍ତି।

## ଶ୍ରୀଲଙ୍କା ଛାଡ଼ିପାରିବେନି ମହିନ୍ଦା

**କଲମ୍ବୋ, ୧୨।୫**



ସରକାର ବିରୋଧୀ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ ଓ ହିଂସାକାଣ୍ଡ ପରେ ଶ୍ରୀଲଙ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେ ତାଙ୍କ ରାଜନେତା ପୁଅ ନମଲ ଏବଂ ୧୫ ସହଯୋଗୀ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ ବୋଲି ସ୍ଥାନୀୟ କୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗତ ସୋମବାର ରାଜଧାନୀ କଲମ୍ବୋରେ ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ଆକ୍ରମଣ ଏବଂ ଏଥିରେ ୯ ଜଣଙ୍କ ପ୍ରାଣହାନି ଘଟଣାର ତଦନ୍ତ ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ମହିନ୍ଦାଙ୍କୁ ଗିରଫ କରିବା ପାଇଁ ମଧ୍ୟ କୋର୍ଟରେ ପିଟିଶନ ଦାଖଲ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଯେ କୌଣସି ବ୍ୟକ୍ତିଙ୍କୁ ତଦନ୍ତ ପରେ ଗିରଫ କରିବା କ୍ଷମତା ପୋଲିସ ହାତରେ ଥିବା କହି କୋର୍ଟ ଏହି ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି। ମହିନ୍ଦା ଓ ତାଙ୍କ ସହଯୋଗୀ ପ୍ରାୟ ୩ ହଜାର ସମର୍ଥକଙ୍କୁ ରାଜଧାନୀକୁ ଆଣି ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ ସହ ହିଂସାକାଣ୍ଡ କରାଇଥିବା ଅଭିଯୋଗ ରହିଛି। ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୨୨୫ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ବୌଦ୍ଧ ସନ୍ନ୍ୟାସୀ ଏବଂ କ୍ୟାଥୋଲିକ୍ ଖ୍ରିଷ୍ଟ ମଧ୍ୟ ରହିଛନ୍ତି। ଅନ୍ୟପକ୍ଷରେ ଏହି ଆକ୍ରମଣ ପାଇଁ ଜେଲର କେତେଜଣ ବନ୍ଦୀଙ୍କୁ ମଧ୍ୟ ବ୍ୟବହାର କରାଯାଇଥିବା ଅଭିଯୋଗ ରହିଛି। ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାର ତଦନ୍ତ ଆରମ୍ଭ ହୋଇଛି।

## କ୍ୟାମ୍ପବେଲ୍ ଏୟାର ଇଣ୍ଡିଆ ସିଇଓ

**ନୂଆଦିଲ୍ଲୀ,୧୨।୫(ପି.ଟି.)**



କ୍ୟାମ୍ପବେଲ୍ ୱିଲସନ

ଏୟାର ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ସ୍କୁଟ୍ ସିଇଓ କ୍ୟାମ୍ପବେଲ୍ ୱିଲସନଙ୍କୁ ଟାଟା ସନ୍ସ ନିଯୁକ୍ତି ଦେଇଛି। ୫୦ ବର୍ଷୀୟ କ୍ୟାମ୍ପବେଲ୍ ଏବେ ଟାଟା ଏବଂ ସିଙ୍ଗାପୁର ଏୟାରଲାଇନ୍ସର ମିଳିତ ଉଦ୍ୟୋଗ ବିସ୍ତାରାର ସହଯୋଗୀ ସଂସ୍ଥା ସ୍କୁଟ୍‌ରେ ସିଇଓ ଅଛନ୍ତି। ତାଙ୍କର ବିମାନ ଚଳାଚଳ ଶିଳ୍ପରେ ୨୬ ବର୍ଷର ଅଭିଜ୍ଞତା ରହିଛି। ଏୟାର ଇଣ୍ଡିଆକୁ ତାଙ୍କୁ ସ୍ୱାଗତ କରିବାରେ ବହୁତ ଖୁସି ବୋଲି ଟାଟା ଗ୍ରୁପ୍ ଅଧ୍ୟକ୍ଷ ଚନ୍ଦ୍ରଶେଖରନ୍ କହିଛନ୍ତି। ତାଙ୍କ ଅଭିଜ୍ଞତାରୁ ଏୟାର ଇଣ୍ଡିଆ ଲାଭ ଉଠାଇପାରିବ। ଏହାକୁ ଏକ ବିଶ୍ୱସ୍ତରୀୟ ଏୟାରଲାଇନ୍ସରେ ପରିଣତ କରିବା ଲାଗି ତାଙ୍କ ସହ କାର୍ଯ୍ୟ କରିବାକୁ ଆଗ୍ରହୀ ବୋଲି ଚନ୍ଦ୍ରଶେଖରନ କହିଛନ୍ତି। ମର୍ଯ୍ୟାଦାଜନକ ଟାଟା ଗ୍ରୁପ୍‌ର ଏୟାରଇଣ୍ଡିଆର ନେତୃତ୍ୱ ନେବା ପାଇଁ ଚୟନ କରାଯିବା ତାଙ୍କ ପାଇଁ ସମ୍ମାନର କଥା ବୋଲି କ୍ୟାମ୍ପବେଲ୍ କହିଛନ୍ତି। ଉଭୟ ପୂର୍ଣ୍ଣକାଳୀନ ଏବଂ ବଜେଟ ଏୟାରଲାଇନ୍ସରେ ଅଭିଜ୍ଞତା ଥିବା କ୍ୟାମ୍ପବେଲ୍ ୧୯୯୬ରେ ନ୍ୟୁଜିଲାଣ୍ଡରେ ସିଙ୍ଗାପୁର ଏୟାରଲାଇନ୍ସ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ କାନାଡ଼ା, ହଂକଂ ଏବଂ ଜାପାନରେ ଉକ୍ତ ଏୟାରଲାଇନ୍ସରେ କାମ କରିବା ସହ ୨୦୧୧ରେ ସ୍କୁଟ୍‌ର ପ୍ରତିଷ୍ଠାତା ସିଇଓ ହୋଇଥିଲେ। ୨୦୧୬ରେ ସେ ସିଙ୍ଗାପୁର ଏୟାରଲାଇନ୍ସ ସେଲ୍ସ ଓ ମାର୍କେଟିଂର ବରିଷ୍ଠ ଉପାଧ୍ୟକ୍ଷ ହୋଇଥିଲେ। ୨୦୨୦ ଏପ୍ରିଲରେ ସେ ପୁଣିଥିରେ ସ୍କୁଟ୍‌କୁ ସିଇଓ ଭାବେ ଫେରିଥିଲେ। ସୂଚନାଯୋଗ୍ୟ, କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆକୁ ଭାରତ ସରକାରଙ୍କଠାରୁ ଟାଟା ଗ୍ରୁପ୍ କିଣିବା ପରେ ତୁର୍କୀ ଏୟାରଲାଇନ୍ସର ପୂର୍ବତନ ଅଧ୍ୟକ୍ଷ ଇଲ୍‌କର ଆଇସିଙ୍କୁ ଏହାର ସିଇଓ ତଥା ଏମ୍‌ଡି କରିବା ଲାଗି ଚୟନ କରିଥିଲା। ତେବେ ଇଲ୍‌କର ଉକ୍ତ ପଦବୀ ଗ୍ରହଣ କରିବାକୁ ମନା କରିଦେଇଥିଲେ।

## ଜାଲ୍ ଚଢ଼ାଉ: ୪ ସିବିଆଇ ଅଫିସର ଗିରଫ

**ନୂଆଦିଲ୍ଲୀ,୧୨।୫(ପି.ଟି.)**

**ଚାକିରିରୁ ବରଖାସ୍ତ**




ଚଣ୍ଡିଗଡ଼ର ଏକ କମ୍ପାନୀ ଉପରେ ଜାଲ୍ ଚଢ଼ାଉ କରିବା ସହ ଧମକ ଦେଇ ଜବରଦସ୍ତ ଅର୍ଥ ଆଦାୟ କରିବା ଅଭିଯୋଗରେ ସିବିଆଇର ୪ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ଚାକିରିରୁ ବରଖାସ୍ତ କରାଯିବା ସହ ଦୁର୍ନୀତି ମାମଲାରେ ଗିରଫ କରାଯାଇଛି। ଜାଲ୍ ଚଢ଼ାଉ ସମ୍ପର୍କରେ ଖବର ପାଇବା ପରେ ସିବିଆଇ ନିର୍ଦ୍ଦେଶକ ସୁବୋଧ କୁମାର ଜୟସ୍ୱାଲ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦିଲ୍ଲୀ ୟୁନିଟ୍‌ର ୪ ଅଧିକାରୀ ସୁମିତ୍ ଗୁପ୍ତା, ପ୍ରଦୀପ ରାଣା, ଅଙ୍କୁର କୁମାର ଏବଂ ଆକାଶ ଅଲୱତ୍‌ଙ୍କୁ ଚାକିରିରୁ ବହିଷ୍କାର କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସିବିଆଇ ସେମାନଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁକରିବା ସହ ହାଜତକୁ ପଠାଇ ଦେଇଛି।

ଖବର ଅନୁଯାୟୀ ଗତ ୧୦ ତାରିଖରେ ସିବିଆଇ ଅଧିକାରୀଙ୍କ ସମେତ ୬ ଜଣ ଚଣ୍ଡିଗଡ଼ ବ୍ୟବସାୟୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କ ବିରୋଧରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଉଥିବା ଅଭିଯୋଗ ରହିଛି ବୋଲି କହିଥିଲେ। ଏଥିସହ ସେମାନେ ବ୍ୟବସାୟୀଙ୍କୁ ଗିରଫ କରିବା ଲାଗି ଧମକ ଦେଇଥିଲେ। ସେମାନେ ବ୍ୟବସାୟୀଙ୍କୁ ବଳପୂର୍ବକ ଏକ କାରରେ ବସାଇ ନେଇଯିବା ସହ ୨୫ ଲକ୍ଷ ଟଙ୍କା ଦାବି କରିଥିଲେ। ସେମାନେ ଜାଲ୍ ଚଢ଼ାଉ ଚଳାଇଥିବାବେଳେ ଜଣେ ଅଧିକାରୀ ସେଠାରେ ଚକ୍କର କାଟୁଥିଲେ। ସେଠାରୁ ଆପରାଧିକ ଦସ୍ତାବିଜ୍ ଠାବ ହୋଇଥିବା ଅଫିସରମାନେ ଦର୍ଶାଇଥିଲେ। ସେମାନଙ୍କ ଏଭଳି ଅଭିଯୋଗରେ ବ୍ୟବସାୟୀ ଜଣଙ୍କ ଆଶ୍ଚର୍ଯ୍ୟ ହେବା ସହ ସିବିଆଇରେ ଅଭିଯୋଗ କରିଥିଲେ। ନିଜ ବିଭାଗରେ ଏଭଳି ଦୁର୍ନୀତି ସମ୍ପର୍କରେ ଜାଣିବା ପରେ ସିବିଆଇ ଏହାକୁ ଅତ୍ୟନ୍ତ ଗୁରୁତର ସହ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଚାଇନା ବିମାନ ଦୁର୍ଘଟଣା: ୪୦ ଆହତ

**ବେଜିଂ,୧୨।୫(ପି.ଟି.)**




ଚାଇନାର ତିବ୍ବତ ଏୟାରଲାଇନ୍ସର ଏକ ବିମାନ ଉଡ଼ାଣ ବେଳେ ରନ୍‌ୱେରୁ ବାହାରିଯାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ବିମାନଟିରେ ନିଆଁ ଲାଗିଯାଇଥିଲା। ଗୁରୁବାର ଚୋଙ୍ଗକିଙ୍ଗ୍ ସହରରେ ଏହି ଦୁର୍ଘଟଣା ଘଟିଛି। ୧୧୩ ଜଣ ଯାତ୍ରୀ ଓ ୯ କର୍ମଚାରୀଙ୍କ ସହ ଟିଭି୯୮୩୩ ବିମାନଟି ଚୋଙ୍ଗକିଙ୍ଗ୍‌ରୁ ନିଙ୍ଗ୍‌ଚି ଯିବାର ଥିଲା। ଦୁର୍ଘଟଣା ପରେ ଯାତ୍ରୀମାନଙ୍କୁ ନିରାପଦର ସହ ଉଦ୍ଧାର କରାଯିବା ସହିତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିମାନ ଫ୍ୟୁଜ୍‌ଲେଜ୍‌ରେ ନିଆଁ ଲାଗିବା ସହ ଧୂଆଁ ଉଠୁଥିବା ଏକ ଭିଡିଓ ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ଦୁଇମାସ ମଧ୍ୟରେ ଚାଇନାରେ ଏହା ଦ୍ୱିତୀୟ ବଡ଼ ବିମାନ ଦୁର୍ଘଟଣା।

## ଶେୟାର ବଜାରରେ ଭାରି ହ୍ରାସ

ଚଳିତ ସପ୍ତାହର ପୂର୍ବ କାରବାର ଦିନଗୁଡ଼ିକ ଭଳି ଗୁରୁବାର ମଧ ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଫଳରେ ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଭାରି ହ୍ରାସ ଦେଖିବାକୁ ମିଳିଛି। କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସରେ ୧୧୫୮.୦୮ ପଏଣ୍ଟ (୨.୧୪%) ଏବଂ ନିଫ୍ଟିରେ ୩୫୯.୧୦ ଅଙ୍କ (୨.୨୨%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୨,୯୩୦.୩୧ ଇଣ୍ଡେକ୍ସ ଏବଂ ୧୫,୮୦୮ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୭୭୨ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୫୯୧ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ଦିନର ଟପ୍ ଲୁଜର୍ସ ତାଲିକାରେ ପ୍ରାଜ୍ ଇଣ୍ଡଷ୍ଟ୍ରିଜ୍, ଜିନ୍ଦଲ ଷ୍ଟେନ୍‌ଲେସ୍, ଏଲ୍‌ଗି ଇକ୍ୱିମେଣ୍ଟସ୍, ଭିଆପି ଇଣ୍ଡଷ୍ଟ୍ରିଜ୍ ରହିଛନ୍ତି।

### ସଂକ୍ଷେପରେ

## ମେ’ ୧୭ ରେ ଖୋଲିବ ପିପିଏଲର ଆଇପିଓ

**ଭୁବନେଶ୍ୱର,୧୨।୫:** ପାରାଦୀପ ଫସ୍‌ଫେଟ୍ ଲିମିଟେଡ୍ (ପିପିଏଲ) ର ଇନିସିଆଲ୍ ପବ୍ଲିକ୍ ଅଫର୍ (ଆଇପିଓ) ଚଳିତ ବର୍ଷ ମେ’ ୧୭ ରେ ଖୋଲିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଆଙ୍କର ନିବେଶକଙ୍କ ବିଡ୍-ଅଫର୍ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ରହିବ ଓ ସେହି ତାରିଖ ହେଉଛି ୨୦୨୨ ମେ’ ୧୩। ଏହି ଅଫର୍‌ର ମୂଲ୍ୟ ବ୍ୟାଣ୍ଡ୍ ଇକ୍ୱିଟି ସେୟାର୍ ପିଛା ୩୯ରୁ ୪୨ ଟଙ୍କା ମଧ୍ୟରେ ରହିବ। ଏହାର ସର୍ବନିମ୍ନ ୩୫୦ଟି ସେୟାର୍ ପାଇଁ ବିଡ୍ ଦାଖଲ କରି ହେବ ଏବଂ ଏହା ପରେ ୩୫୦ ଇକ୍ୱିଟି ସେୟାର୍‌ର ଗୁଣିତକ ହିସାବରେ ଆଗକୁ ବଢ଼ାଇବାକୁ ପଡ଼ିବ। ସେହିଭଳି ଅଫର୍ ଫର୍ ସେଲ୍‌ରେ ସାମିଲ ରହିଛି, ଜୁଆରି ମାରୋକ୍ ଫସ୍‌ଫେଟ୍ ପ୍ରାଇଭେଟ୍ ଲିମିଟେଡ୍‌ର ୬,୦୧୮,୪୯୩ ପର୍ଯ୍ୟନ୍ତ ଇକ୍ୱିଟି ସେୟାର୍ ଏବଂ କେନ୍ଦ୍ର ସରକାରଙ୍କ ସାର ଓ ରସାୟନ ମନ୍ତ୍ରଣାଳୟ ଜରିଆରେ ଭାରତର ରାଷ୍ଟ୍ରପତିଙ୍କ ୧୧୨,୪୮୯,୦୦୦ଇକ୍ୱିଟି ସେୟାର୍। ଏହି ଅଫର୍‌ରେ ଜାରି ହେବାକୁ ଥିବା ଇକ୍ୱିଟି ସେୟାର୍‌କୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନ୍‌ଏସ୍‌ଇ)ରେ ତାଲିକାଭୁକ୍ତ କରିବାର ପ୍ରସ୍ତାବ ରହିଛି।

## ଆପଲ୍‌କୁ ହଟାଇ ଆରାମ୍‌କୋ ୧ନଂ.

**ନୂଆଦିଲ୍ଲୀ,୧୨।୫:** ସାଉଦି ଆରବର ସରକାରୀ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ କମ୍ପାନୀ ଆରାମ୍‌କୋ ବିଶ୍ୱର ସର୍ବବୃହତ୍ ତୈଳ ଉତ୍ପାଦନକାରୀ କମ୍ପାନୀ ଭାବେ ପରିଚିତ। ଉକ୍ତ ତୈଳ କମ୍ପାନୀ ବର୍ତ୍ତମାନ ବିଶ୍ୱର ୧ନମ୍ବର କମ୍ପାନୀ ଭାବେ ସ୍ୱୀକୃତି ଲାଭ କରିଛି। ବିଶ୍ୱର ସବୁଠୁ ମୂଲ୍ୟବାନ୍ କମ୍ପାନୀ ଆପଲକୁ ପଛରେ ପକାଇ ଉକ୍ତ କମ୍ପାନୀ ପ୍ରଥମ ସ୍ଥାନ ହାସଲ କରିଛି। ବିଶେଷକରି ଦୀର୍ଘଦିନ ଧରି ବିଶ୍ୱରେ ତୈଳ ଦରରେ ବୃଦ୍ଧି ଯୋଗୁ ତୈଳ କ୍ଷେତ୍ରର ଶେୟାର ବୃଦ୍ଧି ଏବଂ ବୈଷୟିକ ଶିଳ୍ପର ଶେୟାର ହ୍ରାସ ଯୋଗୁ ଏଭଳି ହୋଇଥିବା କୁହାଯାଇଛି। ବଜାର ଶେୟାର ଅନୁଯାୟୀ ସାଉଦି ଆରାମ୍‌କୋର ବଜାର ମୂଲ୍ୟ ୨.୪୨୬ ଟ୍ରିଲିୟନ ଡଲାର ଥିବାବେଳେ ଆପଲ୍‌ର ଶେୟାର ମୂଲ୍ୟ ୨.୪୧୫ ଟ୍ରିଲିୟନ ଡଲାରରେ ରହିଛି।

# ଖୁଚୁରା ମୁଦ୍ରାସ୍ଫୀତି ୮ ବର୍ଷରେ ସର୍ବାଧିକ

- ଏପ୍ରିଲରେ ମୁଦ୍ରାସ୍ଫୀତି ୭.୭୯%ରେ ଛୁଇଁଲା
- ୪ର୍ଥ ମାସ ପାଇଁ ଆର୍‌ବିଆଇ ଅନୁମାନଠୁ ଅଧିକ

**ନୂଆଦିଲ୍ଲୀ,୧୨।୫**

ଏପ୍ରିଲରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୧୮ ମାସ ମଧ୍ୟରେ ଉଚ୍ଚ ସ୍ତରରେ ରହିବ ବୋଲି ମଙ୍ଗଳବାର ରଏଟର୍ସ ପକ୍ଷରୁ ଏକ ପୂର୍ବାନୁମାନ ତଥ୍ୟ ପ୍ରକାଶ ପାଇଥିଲା। ତଥ୍ୟାନୁସାରେ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଘଟି ୭.୫% ରେ ପହଞ୍ଚିବା ନେଇ ଅନୁମାନ କରାଯାଉଥିଲା। ତେବେ ଗୁରୁବାର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମୁଦ୍ରାସ୍ଫୀତି ତଥ୍ୟ ରଏଟର୍ସର ଅନୁମାନକୁ ଅତିକ୍ରମ କରିଯାଇଛି। ସରକାରୀ ସୂଚନା ଅନୁସାରେ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ୭.୭୯%ରେ ପହଞ୍ଚିଛି। ବିଭିନ୍ନ ଖାଇବା ତେଲ ଏବଂ ଇନ୍ଧନ ଦରରେ ବୃଦ୍ଧି କାରଣରୁ ମୁଦ୍ରାସ୍ଫୀତି ଏତେମାତ୍ରାରେ ବୃଦ୍ଧି ପାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ୨୦୨୧ ଏପ୍ରିଲ୍‌ରେ ଏହି ହାର ୪.୨୩% ରହିଥିଲା। ୨୦୨୨ ଏପ୍ରିଲ୍ ମୁଦ୍ରାସ୍ଫିତି ହାର ମେ’ ୨୦୧୪ ପରଠାରୁ ସର୍ବାଧିକ ରହିଛି। ସୂଚନାଯୋଗ୍ୟ, ମେ’ ୨୦୧୪ରେ ଖୁଚୁରା ମୁଦ୍ରାସ୍ଫୀତି ୮.୩୩% ରହିଥିଲା। କଞ୍ଜୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ହାର ଲଗାତର ୪ର୍ଥ ମାସ ପାଇଁ ଆର୍‌ବିଆଇ ଅନୁମାନଠାରୁ ଅଧିକ ରହିଛି। ଚଳିତ ମାର୍ଚ୍ଚ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬.୯୫% ରହିଥିଲା। ସରକାରଙ୍କ ପକ୍ଷରୁ ଆର୍‌ବିଆଇକୁ ମୁଦ୍ରାସ୍ଫୀତି ହାର ୨%-୬% ମଧ୍ୟରେ ସୀମିତ ରଖିବା ପାଇଁ କୁହାଯାଇଥିଲା। ଘରୋଇ ସ୍ତରରେ ଇନ୍ଧନ ଦର ବୃଦ୍ଧିର ପ୍ରଭାବ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଉପରେ ଦେଖାଦେଇଛି। ଦେଶରେ ୨୦୨୧ ନଭେମ୍ବର ୪ରୁ ୨୦୨୨ ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ପେଟ୍ରୋଲ ଏବଂ ଡିଜେଲ ଦରରେ କୌଣସି ବୃଦ୍ଧି ଦେଖିବାକୁ ମିଳି ନ ଥିଲା। ଏହା ପରଠାରୁ ଅଶୋଧିତ ତୈଳ ଦର ବୃଦ୍ଧି ଘଟିଥିଲା ଏବଂ ଏହି ବୃଦ୍ଧି ଏପ୍ରିଲରେ ମଧ ଚାଲୁ ରହିଥିଲା। ଚଳିତ ମାସ ଆରମ୍ଭରେ ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କ୍ ଏମ୍‌ପିସି ବୈଠକରେ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ, ବର୍ତ୍ତମାନର ଜିଓ-ପଲିଟିକାଲ୍ ସ୍ଥିତି କାରଣରୁ ଗ୍ଲୋବାଲ୍ ଫୁଡ୍ ପ୍ରାଇସ୍‌ରେ ପ୍ରତିକୂଳ ପ୍ରଭାବ ପଡ଼ିଛି। ଏହାର ପ୍ରଭାବ ଘରୋଇ ବଜାରରେ ମଧ ଦେଖିବାକୁ ମିଳିଛି। ଫଳରେ ଆଗକୁ ମଧ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ସମ୍ଭାବନା ରହିବ ବୋଲି ଗଭର୍ନର ଦାସ ଅନୁମାନ କରିଥିଲେ।



## ନାଲ୍‌କୋରେ ଜାତୀୟ ପ୍ରଯୁକ୍ତି ଦିବସ ପାଳିତ




**ଭୁବନେଶ୍ୱର,୧୨।୫**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ବୁଧବାର ‘ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ’ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନାଲ୍‌କୋର ଭୁବନେଶ୍ୱରସ୍ଥିତ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡ. କେ.ଶିବନ୍ ଆଭସୀ ଜରିଆରେ ଯୋଗଦେଇ ‘ଏକ ସ୍ଥିର ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ’ ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରିଥିଲେ। ସେହିଭଳି ୨୪ ତମ ‘ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବସରରେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ନାଲ୍‌କୋର ନିର୍ଦ୍ଦେଶକ (ପି ଆଣ୍ଡ ଟି) ମନସା ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଭୟ ଅଫ୍‌ଲାଇନ ଓ ଅନ୍‌ଲାଇନ ମାଧ୍ୟମରେ ନାଲ୍‌କୋର ସମସ୍ତ ୟୁନିଟ୍ ତଥା ଦେଶରେ ଅବସ୍ଥିତ କମ୍ପାନୀର ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇଥିଲେ।

## ଟର୍ମିନାଲ ବିକାଶରେ ୧୩୦୦ କୋଟି ନିବେଶ

**ଭୁବନେଶ୍ୱର,୧୨।୫**

ଦେଶର ପ୍ରମୁଖ ବନ୍ଦର ତଥା ପାରାଦୀପ ଇଷ୍ଟ କ୍ୱେଏ କୋଲ୍ ଟର୍ମିନାଲଠାରେ ଜେଏସଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକ୍ଟର ତା’ର ବାଣିଜ୍ୟିକ କାରବାର ନିକଟରେ ଆରମ୍ଭ କରିଛି। ପାରାଦୀପ ପୋର୍ଟ ଟ୍ରଷ୍ଟରେ ଏହା ହେଉଛି ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ ଟର୍ମିନାଲ୍, ଏପରିକି ବାର୍ଷିକ ୩୦ମିଲିୟନ ଟନର କୋଇଲା ପରିଚାଳନା କ୍ଷମତା ଏହାର ରହିଛି। ଏହି କୋଇଲା ଟର୍ମିନାଲକୁ ଏକ କେପ୍ ଅନୁପାଳନକାରୀ ଟର୍ମିନାଲ୍ ଭାବେ ପ୍ରସ୍ତୁତ କରାଯାଇଛି। ଏହା ପାରାଦୀପ ପୋର୍ଟ ରେକା ପେସାଇଜ୍ ଭେସେଲ ସୋନ୍‌ସ ଡ୍ରେଜିଂର ପରିଚାଳନା କରିବ। ଏହି ଟର୍ମିନାଲ ଦିନକୁ ୨୫ରେକ୍ ଅନଲୋଡ୍ କରିବାର କ୍ଷମତା ରଖିଛି। ଏହା ଏକା ସଙ୍ଗରେ ୨ଟି ପାତ୍ରକୁ ଲୋଡ୍ କରିପାରିବ।

କମ୍ପାନୀ ପାରାଦୀପ ପୋର୍ଟରେ ଏହି ଟର୍ମିନାଲର ପ୍ରତିଷ୍ଠା କରିବା ପାଇଁ ପ୍ରାୟ ୧୩୦୦କୋଟି ଟଙ୍କା ନିବେଶ କରିଛି। ଏହି ଟର୍ମିନାଲର ଭିତିଭୂମି ଉତ୍ପାଦନ କ୍ଷମତାରେ ବୃଦ୍ଧି କରିବ ଓ ଶକ୍ତି ଉତ୍ପାଦନକାରୀଙ୍କର ସାମଗ୍ରୀକ ଲଜିଷ୍ଟିକ୍‌ସ ଖର୍ଚ୍ଚକୁ ହ୍ରାସ କରିବ। ପାରାଦୀପ ପୋର୍ଟ ଟ୍ରଷ୍ଟ ଜେଏସଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକ୍ଟରକୁ ସମ୍ପୂର୍ଣ୍ଣ ଯାନ୍ତ୍ରିକ କୋଲ ଟର୍ମିନାଲର ବିକାଶ ପାଇଁ ଦାୟିତ୍ୱ ପ୍ରଦାନ କରିଛି। ଏହାକୁ ୩୦ବର୍ଷ ପାଇଁ ନିର୍ମାଣ, ପରିଚାଳନା ଓ ଟ୍ରାନ୍‌ସଫର ଭିତିରେ ପ୍ରସ୍ତୁତ କରାଯିବ। କୋଲ ଟର୍ମିନାଲର କାର୍ଯ୍ୟ ଆରମ୍ଭ ସହ କମ୍ପାନୀର ବର୍ତ୍ତମାନ କାର୍ଗୋ କ୍ଷମତା ୧୫୦ ଏମଟିପିଏକୁ ଅତିକ୍ରମ କରିବ। ଏହା ଆର୍ଥିକ ବର୍ଷ ୨୪ସୁଦ୍ଧା ସମୁଦାୟ ୨୦୦ଏମଟିପିଏର କାର୍ଗୋ ପରିଚାଳନା କ୍ଷମତା ରଖିଛି ବୋଲି ଜେଏସଡବ୍ଲୁ ଇନ୍‌ଫ୍ରାଷ୍ଟ୍ରକ୍ଟର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଓ ସିଇଓ, ଅରୁଣ ମାହେଶ୍ୱରୀ କହିଛନ୍ତି।



ପାରାଦୀପ ଇଷ୍ଟ କ୍ୱେଏ କୋଲ୍ ଟର୍ମିନାଲଠାରେ ଜେଏସଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍ଟର ତା’ର ବାଣିଜ୍ୟିକ କାରବାର ଆରମ୍ଭ କରିଛି

## ମନ୍ଥର ହୋଇପାରେ ଆର୍ଥିକ ଅଭିବୃଦ୍ଧି

**ନୂଆଦିଲ୍ଲୀ,୧୨।୫:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ସୁଧ ହାର ବୃଦ୍ଧି କରାଗଲେ ଦେଶର ଆର୍ଥିକ ଅଭିବୃଦ୍ଧି ଧିମା ହୋଇଯାଇପାରେ ବୋଲି ବିତ୍ତୀୟ ସଚିବ ଟି.ଭି. ସୋମନାଥନ୍ ଗୁରୁବାର ଏକ ଗଣମାଧ୍ୟମ ସାକ୍ଷାତ୍‌କାରରେ କହିଛନ୍ତି। ଆର୍‌ବିଆଇ ପକ୍ଷରୁ ଜୁନ୍‌ରେ ହେବାକୁ ଥିବା ମୁଦ୍ରାନୀତି (ଏମ୍‌ପିସି) ବୈଠକରେ ଚଳିତ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନ ବୃଦ୍ଧି କରିପାରେ ବୋଲି ବୁଧବାର ରଏଟର୍ସ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାଛଡ଼ା ଆର୍‌ବିଆଇ ଚଳିତ ମାସ ଅର୍ଥାତ୍ ମେ’ ଆରମ୍ଭରେ ଅନୁଷ୍ଠିତ ଏମ୍‌ପିସି ବୈଠକରେ ରେପୋ ରେଟ୍ ୦.୪୦% ବୃଦ୍ଧି କରି ୪.୪୦% କରିଦେଇଛନ୍ତି। ସୋମନାଥନ୍ ଏଲ୍‌ଆଇସି ଆଇପିଓର ପ୍ରଦର୍ଶନ ଉପରେ ସନ୍ତୋଷ ଜାହିର କରିଛନ୍ତି। ଏଲ୍‌ଆଇସିରୁ ମିଳିଥିବା ଧନରାଶିରୁ ଇନ୍‌ଭେଷ୍ଟମେଣ୍ଟର ୬୫,୦୦୦ କୋଟି ଟଙ୍କାର ଲକ୍ଷ୍ୟ ହାସଲ କରାଯିବ ବୋଲି ସେ କହିଛନ୍ତି।

## ଆର୍‌ଆର୍‌ଟିଏସ୍ ପ୍ରୋଜେକ୍ଟକୁ ଷ୍ଟିଲ୍ ଦେବ ଜେଏସ୍‌ଏଲ୍

**ନୂଆଦିଲ୍ଲୀ,୧୨।୫**

ଭାରତର ପ୍ରଥମ ଆଞ୍ଚଳିକ ରାପିଡ୍ ଟ୍ରାଞ୍ଜିଟ ସିଷ୍ଟମ (ଆର୍‌ଆର୍‌ଟିଏସ୍) ର ପ୍ରଥମ ଟ୍ରେନ୍‌ସେଟ ଜାତୀୟ ରାଜଧାନୀ ପରିବହନ ନିଗମକୁ ହସ୍ତାନ୍ତର କରାଯାଇଛି। ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍) ଉକ୍ତ ପ୍ରକଳ୍ପ ପାଇଁ ବୈଷୟିକ ଜ୍ଞାନକୌଶଳ ଓ ଅତ୍ୟାଧୁନିକ ଟ୍ରେନ୍‌ସେଟର ବିକାଶ ପାଇଁ ଆଲଷ୍ଟମକୁ ଷ୍ଟେନ୍‌ଲେସ ଷ୍ଟିଲ୍ ଯୋଗାଉଛି। କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ଓ ଏନ୍‌ଆର୍‌ଆର୍‌ଟିସି ଅଧ୍ୟକ୍ଷ ମନୋଜ ଜୋଷୀଙ୍କ ଦ୍ୱାରା ପ୍ରଥମ ଟ୍ରେନସେଟର ଉଦ୍‌ଘାଟନ କରାଯାଇଥିଲା।

କମ୍ପାନୀ ଏହି ପ୍ରକଳ୍ପ ଅଧୀନରେ ୨୧୦ ଟ୍ରେନସେଟର ବିକାଶ ଲାଗି ଆଲଷ୍ଟମକୁ ୨ଜେ ଫିନିସରେ ୨୦୦୦ମେଟ୍ରିକ ଟନ ବିଶ୍ୱସ୍ତରୀୟ ୩୦୧ଏଲଏନ ଷ୍ଟେନଲେସ ଷ୍ଟିଲ ଗ୍ରେଡ ଯୋଗାଇବ। ସେହିପରି ଷ୍ଟେନଲେସ ଷ୍ଟିଲ ବ୍ୟବହାର କରି ସାଇଡୱାଲ, ବ୍ରାକେଟ, ସୋଲ ବାର, କ୍ୟାଂଟ୍ରିଲ, ଛାତ ଓ ଅଣ୍ଡର ଫ୍ରେମ ସହିତ ଅନେକ ଉପାଦାନ ବିକଶିତ କରାଯିବ। ଭାରତର ପ୍ରଥମ ସେମି ହାଇସ୍ପିଡ ଆଞ୍ଚଳିକ ଟ୍ରେନସେଟ ଭାବେ ଆରଆରଟିଏସ୍ ଟ୍ରେନସେଟ ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ଗତି କରିବ। ଫଳରେ ଦିଲ୍ଲୀ ଏବଂ ମୀରଟ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୪୦% ହ୍ରାସ ହେବ ବୋଲି କୁହାଯାଉଛି।

ଷ୍ଟେନଲେସ୍ ଷ୍ଟିଲ୍ ହାଲୁକା ଓଜନ ଏବଂ ଉଚ୍ଚ କ୍ରାସ୍-ପ୍ରତିରୋଧ ହୋଇଥାଏ। ଯାହା ଫଳରେ ଏହା ଆରଆରଟିଏସ୍ ଟ୍ରେନସେଟକୁ ଶକ୍ତି-ଦକ୍ଷତା ପ୍ରଦାନ କରିଥାଏ। ଏହା ବ୍ୟତୀତ ଷ୍ଟେନଲେସ୍ ଷ୍ଟିଲର ଉଚ୍ଚ ଶକ୍ତି-ଓଜନ ଅନୁପାତ ମଧ ରହିଛି। ଏକ ‘ସବୁଜ ଧାତୁ’ ଭାବେ ଷ୍ଟେନଲେସ୍ ଷ୍ଟିଲ୍‌ର ରକ୍ଷଣାବେକ୍ଷଣ ଖୁବ କମ ଖର୍ଚ୍ଚ ହୋଇଥାଏ। ଏଥି ସକାଶେ ଏହା ଦେଶରେ ଆଧୁନିକ ରେଳ ଭିତିଭୂମି ନିର୍ମାଣ ପାଇଁ ଓ ଦୀର୍ଘସ୍ଥାୟୀ ସମାଧାନର ବିକାଶ ପାଇଁ ଏକ ଉତ୍କୃଷ୍ଟ କଞ୍ଚାମାଲ ସଦୃଶ ହୋଇଥାଏ।

### ଫୁରସତ୍

## ଡଙ୍ଗା ଚଳାଇଲେ ପ୍ରଧାନମନ୍ତ୍ରୀ



**ଲଣ୍ଡନ:** ୟୁକ୍ରେନ ସଙ୍କଟ ମଧ୍ୟରେ ସୁଇଡେନ ଏବଂ ଫିନଲାଣ୍ଡ ଭବିଷ୍ୟତରେ ରୁଷିଆ ତରଫରୁ ସୃଷ୍ଟି ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ସାମରିକ ମେଣ୍ଟ ନାଟୋରେ ଯୋଗଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସମୟରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ଚଳିତ ସପ୍ତାହରେ ସୁଇଡେନ୍ ଗସ୍ତରେ ଯାଇ ତାଙ୍କ ପ୍ରତିପକ୍ଷ ମାଗଡାଲେନାଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ସାକ୍ଷାତ ପରେ ବୋରିସ ସୁଇଡେନ୍ ପ୍ରତିପକ୍ଷ ମାଗଡାଲେନାଙ୍କ ସହ ବୋଟିଂ କରିଥିଲେ। ଏହାର ଫଟୋ ଉଭୟ ବୋରିସ୍ ଏବଂ ଭାଗ୍‌ଡାଲେନା ଟୁଇଟରରେ ଶେୟାର କରିବା ପରେ ସୋସିଆଲ ମିଡିଆରେ ତାହା ଭାଇରାଲ ହୋଇଛି। ବୋରିସ୍ ସୁଟ୍‌ବୁଟ୍‌ରେ ବିନା ଲାଇଫ୍ ଜ୍ୟାକେଟ ପିନ୍ଧି ଡଙ୍ଗା ଚଳାଇବାକୁ ନେଇ ଟ୍ରୋଲ ହୋଇଛନ୍ତି। ଏହା ସହ ଅନେକ ୟୁଜର୍ସ ବୋରିସ୍‌ଙ୍କ ଉପରେ ମିମିସ୍ ମଧ ତିଆରି କରିଛନ୍ତି। ଅନେକେ ଏହି ଫଟୋରେ ମଜାଳିଆ କମେଣ୍ଟ ଦେଇଥିବା ଦେଖିବାକୁ ମିଳିଛି।

## ସୋସିଆଲ ମିଡିଆରୁ ବ୍ରେକ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ତାଙ୍କ ପ୍ରଶଂସକଙ୍କୁ ବଡ଼ ଝଟକା ଦେଇଛନ୍ତି। ସୋସିଆଲ ମିଡିଆରେ ସବୁବେଳେ ସକ୍ରିୟ ରହୁଥିବା ଶିଳ୍ପା ଏବେ ଏଥିରୁ ବ୍ରେକ୍ ନେବାକୁ ନିଷ୍ପତ୍ତି ନେଇଥିବା କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ପୋଷ୍ଟ କରି ସାମାଜିକ ଗଣମାଧ୍ୟମରୁ ଦୂରେଇ ରହିବା କାରଣ ବିଷୟରେ ଜଣାଇଛନ୍ତି। ଏହି ପୋଷ୍ଟରେ ସେ କହିଛନ୍ତି, ଗୋଟିଏ ଜିନିଷକୁ ନେଇ ସେ ବିରକ୍ତି ହୋଇଯାଇଛନ୍ତି। ସବୁକିଛି ତାଙ୍କୁ ସମାନ ଲାଗୁଛି। ତେଣୁ ସୋସିଆଲ ମିଡିଆରୁ ବ୍ରେକ୍ ନେଉଛି। ତାଙ୍କୁ ଯେ ପର୍ଯ୍ୟନ୍ତ ନୂଆ ଅବତାର ନ ମିଳିଛି ସେ ପର୍ଯ୍ୟନ୍ତ ସେ ଏଥିରୁ ଦୂରରେ ରହିବେ ବୋଲି କହିଛନ୍ତି। ଇନ୍‌ଷ୍ଟାଗ୍ରାମରେ ତାଙ୍କର ଅଢେଇ କୋଟିରୁ ଅଧିକ ଫଲୋଅର୍ସ ଅଛନ୍ତି। ଗତବର୍ଷ ଅଭିନେତ୍ରୀଙ୍କ ସ୍ୱାମୀ ରାଜ୍ କୁନ୍ଦ୍ରା ପର୍ନ ଫିଲ୍ମ ମାମଲାରେ ଜାମିନରେ ମୁକୁଳିବା ପରେ ସୋସିଆଲ ମିଡିଆକୁ ବିଦାୟ କହି ଦେଇଥିଲେ। ଲୋକେ ତାଙ୍କୁ ବହୁମାତ୍ରାରେ ଟ୍ରୋଲ କରୁଥିଲେ, ଯେଉଁ କାରଣରୁ କୁନ୍ଦ୍ରା ଏଭଳି ନିଷ୍ପତ୍ତି ନେଇଥିଲେ ବୋଲି ଜଣାପଡିଛି। ତେବେ ଶିଳ୍ପା ଏବେ ଗୋଆରେ ଅଛନ୍ତି। ସେଠାରେ ସେ ରୋହିତ ସେଟ୍ଟୀଙ୍କ ସହ ତାଙ୍କ ଆଗାମୀ ୱେବ ସିରିଜ୍ ‘ଇଣ୍ଡିଆନ ପୋଲିସ ଫୋର୍ସ’ର ଶୁଟିଂ କରୁଛନ୍ତି। ରୋହିତ ସେଟ୍ଟୀଙ୍କ କପ୍ ୟୁନିଭର୍ସର ଶିଳ୍ପା ପ୍ରଥମ ମହିଳା ପୋଲିସ ହୋଇଛନ୍ତି। ଏହି ୱେବ୍ ସିରିଜ୍‌ରେ ତାଙ୍କ ସହିତ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ନଜର ଆସିବେ। ଏହି ଶୋ’ରୁ ହିଁ ରୋହିତ ଓଟିଟି ପ୍ଲାଟ୍‌ଫର୍ମରେ ଡେବ୍ୟୁ କରିବେ। ଏଥିସହ ଶିଳ୍ପାଙ୍କ ୨ଟି ଫିଲ୍ମ ‘ନିକମ୍ମା’ ଓ ‘ସୁଖୀ’ ରିଲିଜ୍ ଅପେକ୍ଷାରେ ରହିଛି।



ଶିଳ୍ପା ସେଟ୍ଟୀ

## ଗୋଲାପୀ ପାରା

**ଲଣ୍ଡନ:** ଦୁନିଆରେ ଏପରି ଅନେକ ପଶୁପକ୍ଷୀ ଅଛନ୍ତି, ଯାହାକୁ କେହି କ୍ୱଚିତ ଦେଖିଥିବେ। ଏହି କ୍ରମରେ ବ୍ରିଟେନ୍‌ରେ ଏକ ବିରଳ ପକ୍ଷୀ ଦେଖିବାକୁ ମିଳିଛି। ସାଧାରଣତଃ ଧଳା ଏବଂ ଧୂସର ରଙ୍ଗର ପାରା ଅଧିକାଂଶ ଦେଖିଥିବେ। କିନ୍ତୁ ବ୍ରିଟେନ୍‌ରେ ଗୋଲାପୀ ରଙ୍ଗର ପାରା ଦେଖିବାକୁ ମିଳିଛି। ବ୍ରିଟେନ୍‌ର ବର୍ନଲିରେ ନିକଟରେ ଏହି ପାରା ଦୃଶ୍ୟମାନ ହୋଇଛି। ସେଠାକାର ଜଣେ ବ୍ୟକ୍ତି କେଲି ଲୁନୀ ତାଙ୍କ ବଗିଚାରେ ଏକ ଗୋଲାପୀ ପାରାକୁ ଦେଖିଥିଲେ। ପ୍ରଥମେ ସେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିଛି ସମୟ ଧରି ନିରୀକ୍ଷଣ ପରେ ସେ ସ୍ପଷ୍ଟ ହୋଇପାରିଥିଲେ। ସବୁଦିନ ପରି କେଲି ତାଙ୍କ ବଗିଚାରେ ଖାଦ୍ୟ ପକାନ୍ତି। ସେହିଦିନ ବଗିଚାକୁ ଯିବାରେ ସେଠାରେ ସେ ଗୋଲାପୀ ପାରା ଦେଖିଥିଲେ। ଏହାର ଫଟୋ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ। ଏହି ପାରା ବିଷୟରେ ଜାଣିବା ପାଇଁ ସେ ସର୍ଚ୍ଚ କରିବା ପରେ ଜାଣିବାକୁ ପାଇଲେ କି, ୧୯୯୦ ଦଶକରେ ଏମାନେ ବିଲୁପ୍ତ ପ୍ରାୟ ହୋଇଯାଇଥିଲେ। ଏବେ ସେମାନଙ୍କ ମଧ୍ୟରୁ କେବଳ ୫୦୦ଟି ପାରା ଅଛନ୍ତି। ଏହା ପୂର୍ବରୁ ଲଣ୍ଡନରେ ୨୦୧୨ ଏବଂ ବ୍ରିଷ୍ଟଲରେ ୨୦୧୫ରେ ଗୋଲାପୀ ପାରା ଦେଖିବାକୁ ମିଳିଥିଲା।



## ୧୩ ବର୍ଷୀୟଙ୍କ ଲକ୍ଷାଧିକ ଆୟ

**ଲଣ୍ଡନ:** ଜଣେ ୧୩ ବର୍ଷ ବୟସର ବାଳକ ଖାଦ୍ୟ ତିଆରି କରି ଲକ୍ଷ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଏହି ସମୟରେ ପିଲାମାନେ ପାଠପଢା ଓ ସାଙ୍ଗସାଥୀଙ୍କ ସହ ସମୟ ବିତାଉଥିବାବେଳେ ବ୍ରିଟେନ୍‌ର ଓମାରୀ ମାକ୍‌କୁଇନ୍ ନାମକ ଜଣେ ବାଳକ ଖାଦ୍ୟ ତିଆରି କରିବାରେ ଲାଗି ପଡିଛନ୍ତି। ସେ ଏହି କାର୍ଯ୍ୟ ପାଇଁ ସ୍କୁଲ ଛାଡ଼ି ଦେଇଛନ୍ତି। ଓମାରୀଙ୍କୁ ଯେତେବେଳେ ୮ ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ମା’ଙ୍କ ରୋଗରେ ପଡିଥିଲେ। ଯାହା ଫଳରେ ତାଙ୍କୁ ଖାଦ୍ୟ ତିଆରି କରିବାକୁ ପଡୁଥିଲା। କିନ୍ତୁ ତାଙ୍କୁ ଏହି କାମ ଏତେ ପସନ୍ଦ ଆସିଥିଲା ଯେ ସେ ପାଠପଢାଠାରୁ ଅଧିକ ସମୟ ରୋଷେଇରେ ବିତାଉଥିଲେ। ସେବେଠାରୁ ତାଙ୍କର ଖାଦ୍ୟ ତିଆରି କରିବାରେ ରୁଚି ରହିଥିବା ପରିବାର ଲୋକେ ଜଣିପାରିଥିଲେ। ସେ ଏବେ ସୋସିଆଲ ମିଡିଆରେ ଜଣାଶୁଣା ସେଫ୍ ହେବା ସହ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ମଧ କରୁଛନ୍ତି। ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ୨୮ହଜାର ଫଲୋଅର୍ସ ଅଛନ୍ତି। ଓମାରୀଙ୍କ ସବୁ ରେସିପି ଶାକାହାରୀ ଅଟେ। ସେ ଏନେଇ କୁହନ୍ତି କି, ଶାକାହାରୀ ଖାଦ୍ୟ ଶରୀର ପାଇଁ ଭଲ। ତେଣୁ ସେ ଏପରି ଖାଦ୍ୟ ତିଆରି କରନ୍ତି।



## ଉବର କପ୍: ବିଦାୟ ନେଲା ଭାରତୀୟ ମହିଳା ଦଳ

**ବ୍ୟାଙ୍କକ୍, ୧୨।୫ (ପିଟି):** ଚଳିତ ଉବର କପ୍ କ୍ୱାର୍ଟର ଫାଇନାଲରେ ପରାଜୟ ସହ ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ବିଦାୟ ନେଇଛି। କ୍ୱାର୍ଟର ଫାଇନାଲରେ ଭାରତୀୟ ଦଳକୁ ୩-୦ରେ ଥାଇଲାଣ୍ଡ ପରାସ୍ତ କରିଛି। ବିଶ୍ୱର ୭ମ ମାନ୍ୟତାପ୍ରାପ୍ତ ସିନ୍ଧୁ କଡ଼ା ମୁକାବିଲା ସତ୍ତ୍ୱେ ୮ମ ର୍‍ୟାଙ୍କ ରତଚାନୋକ ଇଣ୍ଟାନନ୍‌ଙ୍କଠାରୁ ୩ ଗେମ୍ ବିଶିଷ୍ଟ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ। ୨୬ ବର୍ଷୀୟା ସିନ୍ଧୁ ୨୧-୧୮, ୧୭-୨୧, ୧୨-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ। ଏହି ପରାଜୟ ଯୋଗୁ ଇଣ୍ଟାନନ୍‌ଙ୍କ ସହ ସିନ୍ଧୁଙ୍କ ବିଜୟ-ପରାଜୟ ରେକର୍ଡ ୪-୭ରେ ପହଞ୍ଚିଛି। ମହିଳା ଡବଲ୍ସ ବର୍ଗରେ ଶ୍ରୁତି ମିଶ୍ରା ଏବଂ ସିମରନ ସିଙ୍ଘି ୧୬-୨୧, ୧୩-୨୧ ଗେମ୍‌ରେ ଥାଇ ଯୋଡ଼ି ଜଙ୍ଗ କଲଫାନ କିଟିଥାରକୁଲ ଓ ରାୱିନ୍ଦା ପ୍ରାଜଙ୍ଗଜାଇଙ୍କଠାରୁ ପରାସ୍ତ ହୋଇଥିଲେ।

# ଓଡ଼ିଶା ସେମିଫାଇନାଲରେ



ଓଡ଼ିଶା ସବ୍‌ଜୁନିୟର ପୁରୁଷ ହକି ଦଳ।

**ଜାତୀୟ ସବ୍‌ଜୁନିୟର ପୁରୁଷ ହକି**

ଭୁବନେଶ୍ୱର, ୧୨।୫ (କ୍ରୀଡ଼ା ପ୍ରତିନିଧି)

ଗୋଆରେ ଚାଲିଥିବା ୧୨ଶ ଜାତୀୟ ସବ୍‌ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୨-୦ ଗୋଲରେ ଦାଦ୍ରା ଆଣ୍ଡ ନଗର ହାବେଳି ଏବଂ ଡାମନ ଆଣ୍ଡ ଡିଉକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ବିକନ ଓରାମ ୧୩ ଓ ଇରେଙ୍ଗବାମ ରୋହିତ ସିଂ ୩୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରୋହିତ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ଝାଡ଼ଖଣ୍ଡ ୪-୨ ଗୋଲରେ ଚଣ୍ଡିଗଡ଼, ହରିୟାଣା ୫-୧ ଗୋଲରେ ବିହାର ଏବଂ ଉତ୍ତର ପ୍ରଦେଶ ୬-୧ ଗୋଲରେ ପଞ୍ଜାବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତା ଶନିବାର ୨ଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ।

# ଗଲ୍ଫରେ ଦୀକ୍ଷାଙ୍କୁ ସ୍ୱର୍ଣ୍ଣ ପଦକ



ପଦକ ସହ ଦୀକ୍ଷା ଡାଗର (ମଝି)।

**ବଧିର ଅଲିମ୍ପିକ୍ସ**

କାକ୍ସିଆସ (ବ୍ରାଜିଲ), ୧୨।୫ (ପି.ଟି.)

ଭାରତୀୟ ମହିଳା ଗଲ୍ଫ ଖେଳାଳି ଦୀକ୍ଷା ଡାଗର ଫାଇନାଲରେ ଆମେରିକାର ଆଶଲିନ୍ ଗ୍ରେସ୍‌ଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ବଧିର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପୂର୍ବରୁ ସେ ତୁର୍କୀର ସାମସନଠାରେ ଅନୁଷ୍ଠିତ ୨୦୧୭ ସଂସ୍କରଣରେ ରୌପ୍ୟ ପଦକ ଜିତିଥିଲେ। ବଧିର ଅଲିମ୍ପିକ୍ସରେ ୨ଥର ପଦକ ଜିତିବାରେ ଦୀକ୍ଷା ଏକମାତ୍ର ଗଲ୍ଫର ବିବେଚିତ ହୋଇଛନ୍ତି। ୨୧ ବର୍ଷୀୟା ବାମହାତୀ ଜଣେ ପ୍ରଫେସନାଲ ଖେଳାଳି। ପୂର୍ବରୁ ଲେଡିଜ ୟୁରୋପିଆନ ଟୁର୍‌ରେ ସେ ବିଜୟ ହାସଲ କରିଛନ୍ତି। ଏଠାରେ ମହିଳା ଗଲ୍ଫ ପ୍ରତିଯୋଗିତାର ମ୍ୟାଚ ପ୍ଲେ ବିଭାଗରେ ପ୍ରଭାବୀ ପ୍ରଦର୍ଶନ ସହ ୫-୪ରେ ଜିତିଥିଲେ। ଗ୍ରେସ୍ ଜନସନଙ୍କୁ ୪ଟି ହୋଲ୍ ବାକିଥାଇ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ବଧିର ଅଲିମ୍ପିକ୍ସରେ ପ୍ରଥମ ଥର ଗଲ୍‌ଫକୁ ସାମିଲ କରାଯାଇଛି। ଦୀକ୍ଷାଙ୍କୁ ୧୭ ବର୍ଷ ବୟସ ହୋଇଥିବା ବେଳେ ସେ ଆମେଚରରୁ ପ୍ରଫେସନାଲ ହୋଇଥିଲେ।

# ଓଡ଼ିଶାରୁ ୨୦ବର୍ଷରୁ କମ୍‌ରେ ୩, ସିନିୟରରେ ୨



ଆଦର୍ଶ ଗାର୍ଟିଆ



ମାନସ ରଞ୍ଜନ ପାଣି



ରାଜ୍ କିଣ୍ଡୋ



ମହମ୍ମଦ ରାଜା



ରାହୁଲ ବାରିକ

**ଜାତୀୟ ଭଲିବଲ୍ ଶିବିର**

ଭୁବନେଶ୍ୱର, ୧୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ହେବାକୁଥିବା ଏଭିସି ପୁରୁଷ ଚ୍ୟାଲେଞ୍ଜ କପ୍ ଭଲିବଲ୍ ଚାମ୍ପିୟନଶିପ୍ ପାଇଁ ଜାତୀୟ ସିନିୟର ଭଲବଲ କ୍ୟାମ୍ପ ପାଇଁ ଓଡ଼ିଶାରୁ ୨ଜଣ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁରର ରାହୁଲ ବାରିକ ଓ ଯାଜପୁରର ମାନସ ରଞ୍ଜନ ପାଣି। କିଟ୍ ୟୁନିଭର୍ସିଟିରେ ଅନୁଷ୍ଠିତ ଜାତୀୟ ସିନିୟର ଭଲିବଲ୍ ଚାମ୍ପିୟନଶିପ୍ ଓ ୩୪ତମ ଫେଡେରେଶନ କପ୍ ଭଲିବଲ୍ ଚାମ୍ପିୟନଶିପ୍‌ରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ଦୁଇଜଣ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ବର୍ଦ୍ଧମାନଠାରେ ଅନୁଷ୍ଠିତ ୪୭ତମ ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ପାଇଁ ରାଉରକେଲାର ରାଜ୍ କିଣ୍ଡୋ, ବରଗଡ଼ର ଆଦର୍ଶ ଗାର୍ଟିଆ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମହମ୍ମଦ ରାଜା ୨୦ ବର୍ଷରୁ କମ୍ ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ଏସୀୟ ପୁରୁଷ ୨୦ ବର୍ଷରୁ କମ୍ ଭଲିବଲ ଚାମ୍ପିୟନଶିପ୍ ଆସନ୍ତା ଅଗଷ୍ଟ ୨୨ରୁ ୨୯ ବାହାରିନର ରିଫାଠାରେ ହେବ। ଭାରତୀୟ ଭଲିବଲ ମହାସଂଘ ସଭାପତି, ଏମପି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଏନେଇ ଖୁସି ବ୍ୟକ୍ତ କରିଛନ୍ତି।

# ଇଶା-ସୌରଭ ଯୋଡ଼ିଙ୍କୁ ସ୍ୱର୍ଣ୍ଣ

ସୁହଲ (ଜର୍ମାନୀ), ୧୨।୫

ଜର୍ମାନୀର ସୁହଲଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ଇଶା ସିଂ ଓ ସୌରଭ ଚୌଧାରୀ ଯୋଡ଼ି ମିକ୍ସଡ ଟିମ୍ ପିସ୍ତଲ ଶୁଟିଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ସ୍ୱର୍ଣ୍ଣପଦକ ମୁକାବିଲାରେ ଭାରତର ପଲକ ଓ ସର୍ବୋଜୋତ୍ ସିଂ ୧୬-୨୧ରେ ଇଶାଓ ସୌରଭଙ୍କଠାରୁ ପରାଜିତ ହୋଇ ରୌପ୍ୟ ଜିତିଥିଲେ। ରମିତା ଓ ପାର୍ଥମାଖିଜା ମଧ୍ୟ ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ରୌପ୍ୟ ଜିତିଛନ୍ତି। ସେମାନେ ପୋଲାଣ୍ଡର ଜୁଲିଆ ପିଓଟ୍ରୋସ୍କା ଓ ୱିକ୍ଟର ସାଜଦାକ୍‌ଙ୍କଠାରୁ ୧୩-୧୭ରେ ପରାସ୍ତ ହୋଇଥିଲେ। ମୋଟ ଉପରେ ଭାରତ ଇତିମଧ୍ୟରେ ଏହି ଚାମ୍ପିୟନଶିପ୍‌ରେ ୪ ସ୍ୱର୍ଣ୍ଣ ସହ ୧୦ ପଦକ ହାସଲ କରିସାରିଲାଣି।



ପୋଡିୟମ୍‌ରେ ପଦକ ସହ ଇଶା ସିଂ ଓ ସୌରଭ ଚୌଧାରୀ (ମଝି), ପଲକ ଓ ସର୍ବୋଜୋତ୍ ସିଂ (ବାମ)।

# ବନ୍ଧୁକ ଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ଓ ସାର୍ଟିଫିକେଟ୍ ସହ ପ୍ରଶିକ୍ଷାର୍ଥୀମାନେ।

ଭୁବନେଶ୍ୱର, ୧୨।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ରାଇଫଲ ସଂଘ ଅନୁବନ୍ଧିତ ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ଫାୟାରଆର୍ମ ଟ୍ରେନିଂର ସାର୍ଟିଫିକେଟ୍ କୋର୍ସ ଆରମ୍ଭ ହୋଇଯାଇଛି। ଏହି ପ୍ରଶିକ୍ଷଣର ପ୍ରଥମ ବ୍ୟାଚ୍‌ରେ ୧୦ ଜଣ ପରିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସାର୍ଟିଫିକେଟ୍ ହାସଲ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିର କଳିଙ୍ଗ ଷ୍ଟାଡିୟମସ୍ଥିତ ୫୦ ମିଟର ଫାୟାରଆର୍ମ ଶୁଟିଂ ରେଞ୍ଜରେ ଚାଲିଛି। ଏଥିରେ ଅଂଶଗ୍ରହଣକାରୀଙ୍କୁ ଓଡ଼ିଶା ରାଇଫଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ ଏବଂ ଓଡ଼ିଶାର ଏକମାତ୍ର ଆଇଏସ୍‌ଏସ୍‌ଏଫ୍ କୋଚ୍ ଆଶିଷ ନାୟକ ପ୍ରଶିକ୍ଷଣ ଦେଇଥିଲେ। ତିନି ଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣକାରୀଙ୍କୁ ରାଇଫଲ, ପିସ୍ତଲ ଓ ଶଟଗନ ସମ୍ପର୍କୀତ ଅଧ୍ୟୟନ କରିବା ସହ ସୁରକ୍ଷିତ ଭାବେ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଇଥିଲା। ସଫଳ ପରିକ୍ଷାର୍ଥୀଙ୍କୁ ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ମାନପତ୍ର ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ବ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି।

**ରାଜ୍ୟ ଖବର**

# ପ୍ରମାଣ ଅଭାବ: ପୁଣି ୧୬ ଅଭିଯୁକ୍ତ ନିର୍ଦ୍ଦୋଷ

**ବହୁଚର୍ଚ୍ଚିତ ପାଓମେକ୍ସ ଡିଜିଏମ୍ ହତ୍ୟା ମାମଲାର ରାୟ ପ୍ରକାଶ**
- ମୋଟ ୩୧ ଖଲାସ
- ବୋଲେରୋ ସହ ଜୀବନ୍ତ ପୋଡ଼ିଦେଇଥିଲେ

ସମ୍ବଲପୁର, ୧୨।୫ (ବ୍ୟୁରୋ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବହୁଚର୍ଚ୍ଚିତ ପାଓମେକ୍ସ କମ୍ପାନୀ ଡିଜିଏମ୍ ରାଧେଶ୍ୟାମ ରାୟଙ୍କୁ ଗାଡି ଭିତରେ ପୋଡି ହତ୍ୟା ମାମଲାର ରାୟ ଗୁରୁବାର ସମ୍ବଲପୁର ଜିଲା କୋର୍ଟରେ ପ୍ରକାଶ ପାଇଛି। ସେସନ୍ସ ଜଜ୍ ମାନସ ରଞ୍ଜନ ବାରିକ ପ୍ରମାଣ ଅଭାବରୁ ୧୬ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କୋର୍ଟରେ ଦୁଇଟି ମାମଲାର ଶୁଣାଣି ହୋଇଥିଲା। ଏସ୍‌ଟି କେସ୍ ନଂ.୨୯/୨୦ରେ ମୋଟ ୧୧ଜଣ ଖଲାସ ହୋଇଥିଲେ। ସେମାନେ ହେଲେ ବଲାଙ୍ଗୀର ଭାଟିପଡ଼ାର ସୁରଜ ଜାଲ (୫୫), ତପନ ନାଗ (୪୮), ମଦନ ବାଗ (୪୩), କଳାକୁଞ୍ଜ ଛୁରା (୪୩), ରୂପଧର ସ୍ୱାଇଁ (୫୮), ଦିବାକର ଜାଲ (୪୯), ଶମ୍ଭୁ ବାଗ (୪୮), ହେମରାଜ ଆଡଜୁଆଡ(୪୯), ଭଜମନ ସିକା (୪୨), ଗିନୁ ନାଗ (୭୦) ଓ ଧନୁର୍ଜୟ ବାଗ (୪୬)। ସେହିପରି ଏସ୍‌ଟି କେସ୍ ନଂ.୨୮/୨୦ରେ ୫ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସେମାନେ ହେଲେ ଘନଶ୍ୟାମ ମହାନନ୍ଦ (୪୨), ରାଜୁ ଜାଲ (୭୨), କମଳ ମୁଗୁରୀ (୬୦), ଗଜମନ ସିକା(୫୨) ଓ ତପନ ଜାଲ (୪୦)। ରାୟ ଶୁଣାଣି ପରେ ଅଭିଯୁକ୍ତମାନେ ସମ୍ବଲପୁର କାରାଗାରରୁ ମୁକୁଳିଛନ୍ତି।

ସମ୍ବଲପୁର କୋର୍ଟରେ ପୂର୍ବରୁ ୨୦୧୮ ମେ ୭ରେ ପ୍ରଥମ ପର୍ଯ୍ୟାୟ ଶୁଣାଣି ହୋଇଥିଲା। ସେତେବେଳେ କୋର୍ଟ ଅଭିଯୁକ୍ତ କୁମର ବାଗ (୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଥିଲେ। ଜରିମାନା ଅନାଦାୟ ଅଧିକ ଏକବର୍ଷ ଜେଲ ଦଣ୍ଡ ରହିଥିଲା। ହେଲେ ସାକ୍ଷ୍ୟ ପ୍ରମାଣ ଅଭାବରୁ ୧୫ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ସେମାନେ ହେଲେ ସୁରୁ ମଣିହର, ଜଗଦୀଶ ଭୋଇ, ବଡ଼ କୁମ୍ଭାର, ତରୁଣ ବଛା, ଖଗେଶ୍ୱର ବିଶି, କମଳ ଲୋଚନ ବେହେରା, ଟୁକୁନା ନାଏକ, ଗୁପ୍ତେଶ୍ୱର ବାଗ, ଗୌରୀ ଶଙ୍କର ମିଶ୍ର, ମଦନ ତାଣ୍ଡି, ବଳେଶ୍ୱର ବାଗ, କୃଷ୍ଣ କୁମୁରା, ଲକ୍ଷ୍ମଣ ସାହୁ, ସୁରେଶ ନାଗ ଓ ଚାନ୍ଦ ଭରାସାଗର। ସମସ୍ତ ସାକ୍ଷ୍ୟପ୍ରମାଣ ସହ ତଦନ୍ତକାରୀ ଅଧିକାରୀ ଓ ସାଇଣ୍ଟିଫିକ ଟିମ୍ ରିପୋର୍ଟ ଆଧାରରେ ରାୟ ଶୁଣାଯାଇଥିଲା। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବଳୟରେ ୧୬ ଅଭିଯୁକ୍ତଙ୍କୁ ଗୁରୁବାର ସମ୍ବଲପୁର କୋର୍ଟରେ ହାଜର କରାଯାଇଥିଲା। ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ବିଚାରପତି ରାୟ ଶୁଣାଇଥିଲେ। ସରକାରୀ ଓକିଲ ଦୀପ୍ତିରଞ୍ଜନ ଷଣ୍ଢ, କମ୍ପାନୀ ପକ୍ଷରୁ ଦେବାଶିଷ ମିଶ୍ର ଓ ଅଭିଯୁକ୍ତମାନଙ୍କ ପକ୍ଷରୁ ପ୍ରଦୀପ ମିଶ୍ର, ବିଭୂତି ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। ସୁଦୀପ୍ତ ପଣ୍ଡା, ଯୁଧିଷ୍ଠିର ପ୍ରଧାନ, ପ୍ରଣୟ ପୂଜାରୀ ସହଯୋଗ କରିଥିଲେ।

**କେମିତି ଘଟିଥିଲା ଘଟଣା**

ପ୍ରାୟ ଦୁଇବର୍ଷରୁ ଅଧିକ ହେବ କମ୍ପାନୀ ଗେଟ୍ ସମ୍ମୁଖରେ ଶ୍ରମିକମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ। ବାରମ୍ବାର ଆଲୋଚନା ପରେ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ଡିଜିଏମ୍ ରାଧେଶ୍ୟାମ ରାୟ କେତେଜଣ ଶ୍ରମିକଙ୍କୁ ନିଲମ୍ବନ କରିଥିଲେ। ପୁନର୍ବାର ୨୦୧୧ ଏପ୍ରିଲ ୩ରେ କେତେଜଣ ଶ୍ରମିକ ନେତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ସେହିଦିନ ଖାଇବା ପାଇଁ ଡିଜିଏମ୍ ରାୟ କ୍ୱାର୍ଟର୍ସକୁ ଯାଉଥିବା ସମୟରେ ଶ୍ରମିକମାନେ ତାଙ୍କ ଗାଡ଼ିକୁ ଘେରିଯାଇଥିଲେ। ସେମାନେ ପ୍ରଥମେ ବୋଲେରୋ ଭିତରୁ ଡ୍ରାଇଭର ଓ ଅନ୍ୟଜଣେ ଅଧିକାରୀଙ୍କୁ ବାହାର କରିଦେଇଥିଲେ। ପରେ ଗାଡି ଓ ଡିଜିଏମ୍ ରାୟଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। କମ୍ପାନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଟିଟିଲାଗଡ଼ ଥାନାରେ ଆଇପିସି ଦଫା ୩୦୨(ନଂ.୩୭/୧୧)ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ୫୧ ଅଭିଯୁକ୍ତଙ୍କ ନାମ ରହିଛି।

# କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ

ଖୋର୍ଦ୍ଧା ଅଫିସ/ ଭୁବନେଶ୍ୱର(ବ୍ୟୁରୋ), ୧୨।୫

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ଏସ୍‌ଟିଏଫ୍ ଓ ପୋଲିସର ବାରମ୍ବାର ଚଢ଼ାଉ, ଗିରଫ ସତ୍ତ୍ୱେ ଏହାର କୌଣସି ପ୍ରଭାବ ପଡୁନାହିଁ। କମ୍ ସମୟରେ ଅଧିକ ରୋଜଗାର ଆଶାରେ ଯୁବପିଢ଼ି ଏହି କାରବାରରେ ସାମିଲ ହେଉଛନ୍ତି। ବାଲେଶ୍ୱର, ଜଳେଶ୍ୱର, କୋଲକାତା ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି ବ୍ରାଉନ୍‌ସୁଗାର। ଏଠାରୁ ପଡ଼ୋଶୀ ଜିଲା ସମେତ ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ପଠାଯାଉଛି। ବୁଧବାର ଭୋରରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦଧିମାଛଗାଡ଼ିଆରେ ଚଢ଼ାଉ କରି ୧କେଜି ୪୨ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩ଜଣ ଡ୍ରଗ୍ସ ମାଫିଆଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଗୋଡ଼ା ଗ୍ରାମର ରଞ୍ଜନ କୁମାର ପାଟଶାଣୀ ଓରଫ ନାଲୁ, ରାଉତପଡ଼ାର ଲକ୍ଷ୍ମୀଧର ସ୍ୱାଇଁ ଓରଫ କାଲୁ ଏବଂ କଟକ ଜିଲା ବାଙ୍କୀ ଥାନା ହରିରାଜପୁରର ଅମରେନ୍ଦ୍ର ମହାପାତ୍ର ଓରଫ ଦୀପୁ। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଏନ୍‌ଡିପିଏସ ଆକ୍ଟ ୧୯୮୫ରେ ଦଫା ୨୧(ସି)/୨୯ରେ ମାମଲା(ନଂ.୧୧/୨୨) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଟିଏଫ୍ ଡିଆଇଜି ଜୟ ନାରାୟଣ ପଙ୍କଜ ସୂଚନା ଦେଇଛନ୍ତି। ଏସ୍‌ଟିଏଫ୍ ପକ୍ଷରୁ ଡ୍ରଗ୍ସ ବିରୋଧୀ ଅଭିଯାନ ଜାରି ରହିଛି। ୨୦୨୦ ମସିହାରୁ ଏଯାବତ୍ ଏସ୍‌ଟିଏଫ୍ ୫୧କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର/ହେରୋଇନ୍, ୨୦୨ ଗ୍ରାମ କୋକେନ୍, ୯୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଏବଂ ୭୫୦ଗ୍ରାମ ଅଫିମ ଜବତ କରିଛି। ଏହି ସବୁ ଘଟଣାରେ ୧୪୪ଜଣ ଡ୍ରଗ୍ସ ମାଫିଆ ଏବଂ ବେପାରୀଙ୍କୁ ଗିରଫ କରାଯାଇଛି।



ଗିରଫ ୩ ଅଭିଯୁକ୍ତ।

# ଜାତୀୟ ସମ୍ମିଳନୀ ଜିଓ ମାଇନ୍‌ଟେକ୍ ୨୦୨୨




**ଭୁବନେଶ୍ୱର, ୧୨।୫:** ଖଣି ଏବଂ ଖଣିଜଭିତ୍ତିକ ଶିଳ୍ପଗୁଡ଼ିକର ଏକ ଜାତୀୟ ସମ୍ମିଳନୀ ଜିଓ ମାଇନ୍‌ଟେକ୍ ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଖଣି ଏବଂ ଅନ୍ୟାନ୍ୟ ଶିଳ୍ପ ବିଭାଗୀୟ ଅଂଶଗ୍ରହଣକାରୀମାନେ ଯୋଗଦେଇଥିଲେ। କୋଭିଡ୍ ପରବର୍ତ୍ତୀ ସମୟରେ ଭୁବନେଶ୍ୱରରେ ହୋଇଥିବା ବିଶାଳ ସମାବେଶ ମଧ୍ୟରୁ ଏହା ଅନ୍ୟତମ। 'ଇକ୍ୱିପ୍‌ମେଣ୍ଟ- ନିଉ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ ଆଣ୍ଡ ସେଫ୍‌ଟି ଇନ୍ ମାଇଁ ଆଣ୍ଡ ମିନେରାଲ୍ ବେସ୍‌ଡ ଇଣ୍ଡଷ୍ଟ୍ରିଜ୍' ଏହି ୨୨ତମ ବାର୍ଷିକ ସମ୍ମିଳନୀର ଆଲୋଚନା ଶୀର୍ଷକ ଥିଲା। ମୁଖ୍ୟ ଅତିଥି ଭାବରେ ତପନ ଚାନ୍ଦ ଏବଂ ଆଇଏସ୍‌ଏମ୍ ଧାନବାଦ, ଆଇଆଇଟି ଚେୟାରମ୍ୟାନ୍ ଡି.ଡି. ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡି.ଡି. ମିଶ୍ର ବିକାଶ ଅଭିବୃଦ୍ଧି ଦିଗରେ ଶିଳ୍ପ କ୍ଷେତ୍ରର ଅବଦାନକୁ ପ୍ରଶଂସା କରିଥିଲେ। ଏହାଛଡ଼ା ସରକାରଙ୍କ ଛଡ଼ା ଲୋକମାନଙ୍କଠାରୁ କନ୍‌ସେଣ୍ଟ ଟୁ ଅପ୍‌ରେଟିଂ (ସିଟିଓ) ନିଆଯିବା ଆବଶ୍ୟକ। ଏହାଦ୍ୱାରା ଖଣି ମାଲିକମାନେ ସହଜରେ ମାଇନିଂ କରିପାରିବେ ବୋଲି ସେ କହିଥିଲେ। ଏହାସହିତ ମାଟିରୁ ବକ୍ସାଇଟ୍ ଅପସାରଣ ପରେ ତାହା କିପରି ଉର୍ବର ହୋଇଯାଇଥାଏ ସେ ସମ୍ପର୍କରେ ମଧ୍ୟ ମିଶ୍ର ଆଲୋକପାତ କରିଥିଲେ। ମାଇନ୍ସ ଆଇବିଏମ୍‌ର ଆଞ୍ଚଳିକ ନିୟନ୍ତ୍ରକ ବି.ଏଲ୍. ଗୁର୍‌ଜାର, ମାଇନ୍ସ ସେଫ୍ଟି ନିର୍ଦ୍ଦେଶକ କୃଷ୍ଣେନ୍ଦୁ ମଣ୍ଡଳ, ଓଡ଼ିଶା ସରକାରଙ୍କ ମାଇନ୍ସ ଅତିରିକ୍ତ ନିର୍ଦ୍ଦେଶକ ୟୁ.ସି. ଜେନା, ଏମ୍‌ସିଏଲ୍‌ର ସିଏମ୍‌ଡି ଓ.ପି. ସିଂ, ସିଏମ୍‌ପିଡିଆଇଏଲ୍‌ର ସିଏମ୍‌ଡି ମନୋଜ କୁମାର, ସାନ୍ କାର୍ଲୋସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଭର୍ଜିଲିଓ ଆବେଲ୍ଲାନ୍, ଉତ୍ତରକୋରିଆସ୍ଥିତ କିମ୍ ନ୍ୟାଶନାଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଜୋଙ୍ଗ୍ ଗ୍ୱାନ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ecosmart LED
BULB TUBE
ଘରେରହି LED Bulb ତିଆରି କରି ଆମ company କୁ ଦେଇ ମାସିକ ଉତ୍ତମ ରୋଜଗାର କରନ୍ତୁ। ଆମେ ଆପଣଙ୍କୁ ସମସ୍ତ ପ୍ରକାର କଞ୍ଚାମାଲ, ଟ୍ରେନିଙ୍ଗ, ମେସିନାରୀ, ଟୁଲ୍, ପ୍ରୋଯେକ୍ଟ ରିପୋର୍ଟ ଯୋଗାଇ ଦେବୁ। ଦିନକୁ 100ଟି Bulb's ତିଆରି କରି 2000/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଆପଣଙ୍କ ସ୍ୱପ୍ନର LED Bulb ଶିଳ୍ପ ବସାଇବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ।
9937206223

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରାଜ କିଶୋର ତ୍ରିପାଠୀ
କାଳିଆ କୃପା, ଓଲ୍‌ଡ ଟାଉନ୍, ଭୁବନେଶ୍ୱର
ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପରମାତ୍ମାଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୪୧୨

ଦଶାହ ଉପଲକ୍ଷେ



୰ଦେବେନ୍ଦ୍ର ଶତପଥି
(ବାଟ ଲୋକନାଥଙ୍କ ସେବାୟତ)
ଗଣାମଲ୍ଲସାହି, ବାଲିସାହି, ପୁରୀ
ଆବିର୍ଭାବ: ୦୧।୦୧।୧୯୫୩
ତିରୋଧାନ: ୦୪।୦୫।୨୦୨୨
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପତ୍ନୀ: ରାଜଲକ୍ଷ୍ମୀ ଶତପଥି, ପୁଅ: କାଳୀ ପ୍ରସାଦ ଶତପଥି ଏବଂ ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୪୨୩

# ଦାହିୟାଙ୍କ ହ୍ୟାଟ୍ରିକ୍

ସ୍ୱାଗତ ସମ୍ପଦ ସାହୁ

କ୍ରମାଗତ ୩ ଥର ଏସୀୟ ଚାମ୍ପିୟନଶିପ୍ ଟାଇଟଲ୍ ଜିତି ଏକ ବିରଳ କୃତିତ୍ୱ ହାସଲ କରିଛନ୍ତି ହରିୟାଣାର ୨୪ବର୍ଷୀୟ ଯୁବ ରେସ୍‌ଲର ରବି କୁମାର ଦାହିୟା । ପ୍ରଥମ ଭାରତୀୟ କୁସ୍ତିଯୋଦ୍ଧା ଭାବେ ସେ ହ୍ୟାଟ୍ରିକ୍ ଏସୀୟ ଚାମ୍ପିୟନ ହୋଇଛନ୍ତି। ୨୦୨୦, ୨୧ ଓ ୨୦୨୨ ଏସୀୟ ପ୍ରତିଯୋଗିତାରେ ଦାହିୟା ଲଗାତାର ୩ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହି ମହାଦେଶୀୟ ପ୍ରତିଯୋଗିତା ମଙ୍ଗୋଲିଆର ଉଲାନବାଟୁରଠାରେ ଅନୁଷ୍ଠିତ ହୋଇଥିଲା। ଭାରତ ଉଭୟ ମହିଳା ଓ ପୁରୁଷ ବିଭାଗରେ ମୋଟ ୧୭ଟି ପଦକ ଜିତିଥିଲା। ତେବେ କେବଳ ଦାହିୟା ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଥିଲେ। ଦାହିୟା ସମ୍ପ୍ରତି ଚମତ୍କାର ଫର୍ମରେ ଥିବାର ସୂଚନା ଦେଇଛନ୍ତି। ଗତବର୍ଷ ଟୋକିଓରେ ସେ ଅଳ୍ପକେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲେ। ରୁଷିଆର ଜୌର ଉଗୁଏଭ୍‌ଙ୍କ ହାତରେ ସ୍ୱର୍ଣ୍ଣ ଏବଂ ରବିଙ୍କ ହାତରେ ରୌପ୍ୟ ପଦକ ଲାଗିଥିଲା। ତେବେ ଏସିଆ ମହାଦେଶରେ ଦହିୟା ଅପ୍ରତିଦ୍ୱନ୍ଦ୍ୱୀ ବିବେଚିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଦେଶରେ ଖୁସିର ପରିବେଶ ଦେଖାଯାଇଛି।

ଅନ୍ୟତମ ତାରକା ରେସ୍‌ଲର ବଜରଙ୍ଗ ପୁନିଆ ଗୋଲ୍ଡ ମେଡାଲ ରାଉଣ୍ଡରେ ପଛେଇଯାଇ ରୌପ୍ୟ ପଦକ ଜିତିଛନ୍ତି। ଗତବର୍ଷ ସେ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ହାସଲ କରି ଭାରତୀୟଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ସଫଳତା ଦୃଷ୍ଟିରୁ ଦାହିୟା ଆଗରେ ଅଛନ୍ତି। ତୃତୀୟ ଏସୀୟ ଟାଇଟଲ ଜିତିବାକୁ ତାଙ୍କୁ ବିଶେଷ ପରିଶ୍ରମ କରିବାକୁ ପଡ଼ିନାହିଁ। ପ୍ରଥମ ବାଉଟ୍‌ରେ ଜାପାନର ରିକୁଟୋ ଅରାଇଙ୍କୁ ୧୫-୪, ଦ୍ୱିତୀୟ ବାଉଟ୍‌ରେ ମଙ୍ଗୋଲିଆର ଜାନାବଜାର ଜନ୍ଦନବଦ୍‌ଙ୍କୁ ୧୨-୫ ପଏଣ୍ଟରେ ହରାଇ ବୃଡ଼ାନ୍ତ ରାଉଣ୍ଡକୁ ଯାଇଥିଲେ। ଫାଇନାଲରେ ରବି କାଜାଖସ୍ତାନ୍‌ର ରଖତ୍ କଲଝାନ୍‌ଙ୍କୁ ମଧ୍ୟ ଦମଦାର୍ ଶୈଳୀରେ ପରାସ୍ତ କରିଥିଲେ। ତାଙ୍କ ଦକ୍ଷତାକୁ ପ୍ରଶଂସା କରିଛନ୍ତି ପ୍ରଶିକ୍ଷକ ସୁଜିତ ମାନ୍। ତେବେ ତାଙ୍କୁ ପ୍ରତିଦ୍ୱନ୍ଦ୍ୱୀ ଉଗୁଏଭ୍‌ଙ୍କ ବିପକ୍ଷ ମ୍ୟାଚକୁ ଅପେକ୍ଷା କରିବାକୁ ପଡ଼ିବ। ଏହି ରୁଷୀୟ ପହିଲମାନ୍‌ଙ୍କଠାରୁ ରବି ଟୋକିଓ ସମେତ ୨୦୧୯ ବିଶ୍ୱ ଟୁର୍ନାମେଣ୍ଟ ସେମିଫାଇନାଲ ହାରିଯାଇଥିଲେ। ରବିଙ୍କ ସମ୍ପର୍କରେ ଏତିକି କୁହାଯିବ ଯେ ସେ ଜଣେ ଗାଉଁଲି ଘରର ପୁଅ। ଚାଷୀ ପରିବାରରେ ତାଙ୍କର ଜନ୍ମ। ୧୯୯୭ ଡିସେମ୍ବର ୧୨ରେ ହରିୟାଣାର ସୋନେପତ୍ ଜିଲାର ନହ୍‌ରୀ ଗ୍ରାମରେ ଭୂମିଷ୍ଠ ହୋଇଥିଲେ। ରବିଙ୍କ ପିତା ରାକେଶ ଦାହିୟା ଥିଲେ ଜଣେ କ୍ଷୁଦ୍ର ଚାଷୀ। ୨୦୦୮ରେ ସୁଶୀଲ କୁମାରଙ୍କ ବେଜିଂ ଅଲିମ୍ପିକ୍ସ ସଫଳତା ପରେ ଭାରତରେ କୁସ୍ତିର ଆକର୍ଷଣ ବଢ଼ିଯାଇଥିଲା। ଏହି ସମୟରେ ବାଳକ ରବି ସ୍କୁଲଶିକ୍ଷା ପରେ କୁସ୍ତି ଖେଳରେ ଯୋଗ ଦେଇଥିଲେ। ଏହା ୨୦୦୯ ମସିହାର ଘଟଣା। ରବି ସେତେବେଳେ ୧୦ବର୍ଷର ବାଳକ। ତାଙ୍କୁ ପିତା ରାକେଶ ଦିଲ୍ଲୀ ଛତ୍ରସାଲ ଷ୍ଟାଡିୟମସ୍ଥିତ କୁସ୍ତି ତାଲିମକେନ୍ଦ୍ରରେ ଛାଡ଼ିଥିଲେ। ନହ୍‌ରୀ ଗାଁଠାରୁ ଷ୍ଟାଡିୟମର ଦୂରତା ୩୯କିମି। ରାକେଶ ଦୈନିକ ସାଇକେଲ ଚଳାଇ ଷ୍ଟାଡିୟମ ଆସୁଥିଲେ ଏବଂ ପୁଅକୁ କ୍ଷୀର, ଫଳ ଦେଉଥିଲେ। ପୁଅ ପ୍ରତି ରାକେଶଙ୍କର ଏହି ପିତୃ ଦାୟିତ୍ୱ ୧୦ବର୍ଷରୁ ଅଧିକ କାଳ ଚାଲୁ ରହିଥିଲା। ୨୦୧୦-୧୧ ମସିହାରେ ତାଲିମକେନ୍ଦ୍ରରେ ଛାତ୍ରମାନଙ୍କର ଭିଡ଼ ଯୋଗୁ ରବି ଆଶଙ୍କା ଭିତରେ ରହିଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ ଦିନେ ରାକେଶ ପୁଅକୁ ସାଇକେଲରେ ବସାଇ ଗାଁକୁ ଫେରାଇ ନେବାକୁ ବସିଥିଲେ। କିନ୍ତୁ ପରିସ୍ଥିତି ସେତେ ଦୂରକୁ ଯାଇ ନ ଥିଲା। କେତେଜଣଙ୍କ ପରାମର୍ଶ ତାଙ୍କ ପାଇଁ ମୂଲ୍ୟବାନ୍ ଥିଲା ବୋଲି ଦାହିୟା କହନ୍ତି। ଆଖଡ଼ାକୁ ଫେରି ଆସିଲାପରେ ତାଙ୍କ ଯାତ୍ରାପଥ ସୁଗମ ହୋଇଥିଲା। କେତେକ ଜାତୀୟସ୍ତରୀୟ କନିଷ୍ଠ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବା ପରେ ୨୦୧୫ କନିଷ୍ଠ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏଠାରେ ଦାହିୟା ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ଉଗୁଏଭ୍‌ଙ୍କୁ ଭେଟିବା ପୂର୍ବରୁ ଦାହିୟାଙ୍କ ହାତରେ ତତ୍କାଳୀନ ୟୁରୋପୀୟ ଚାମ୍ପିୟନ୍ ଅର୍ସେନ୍ ହରୁତ୍ୟୁନିଆଁ ଓ ୨୦୧୭ ବିଶ୍ୱ ଚାମ୍ପିୟନ ଜାପାନର ୟୁକି ତାକାହାସି ପରାଜୟ ସ୍ୱୀକାର କରିଥିଲେ। ସେହିପରି ଟୋକିଓ ସେମିଫାଇନାଲ ମ୍ୟାଚ୍ ଦର୍ଶନୀୟ ଥିଲା। ତାଙ୍କର ମୁକାବିଲା ହୋଇଥିଲା କାଜାଗସ୍ତାନ୍‌ର ନୁରିସ୍ଲାମ୍ ସାନାଏଭ୍‌ଙ୍କ ସହ। ଏହି ବାଉଟ୍‌ର ଶେଷ ମିନିଟ୍ ଯାଏ ଦାହିୟା ସାନାଏଭ୍‌ଙ୍କଠାରୁ ପଛରେ ପଡ଼ିଥିଲେ। ଅନ୍ତିମ କ୍ଷଣରେ ତାଙ୍କର ଟେକ୍‌ନିକ୍ ନୁରିସ୍ଲାମ୍‌ଙ୍କୁ ସ୍ତବ୍ଧ କରିଦେଇଥିଲା। ୨୦୧୯ ପ୍ରୋ ରେସ୍‌ଲିଂ ଲିଗ୍‌ରେ ସେ ଅପରାଜେୟ ରହିଥିଲେ। ହରିୟାଣା ହାମର୍ସ ପକ୍ଷରୁ ଦାହିୟା ଖେଳିଥିଲେ।

ପଦାର୍ପଣ ଅଲିମ୍ପିକ୍ସରେ ପଦକ ଜିଣିବା ଦୁଃସାଧ୍ୟ ବୋଲି ଥିବା ଉକ୍ତିକୁ ରବି ବୃଥା ପ୍ରମାଣିତ କରିଥିଲେ। ସେ କହନ୍ତି, ଜୀବନରେ ସଂଘର୍ଷ ଲାଗି ରହିଥିଲା। କେତେବେଳେ ଦୈହିକ ତ କେତେବେଳେ ମାନସିକ। ତେବେ ମନ ଗହନରେ ସଂଘର୍ଷ ଥିଲା ଅଧିକ।

-ଶ୍ରୀ ଗୌର କୁଟିର, ବଡ଼ବଜାର, ବାରିପଦା, ମୟୂରଭଞ୍ଜ

**ସଂକ୍ଷେପରେ..**

ନାମ: ରବି କୁମାର ଦାହିୟା
ଜନ୍ମ: ୧୯୯୭, ଡିସେମ୍ବର ୧୨
ଓଜନ ବର୍ଗ: ୫୭ କେଜି
ଇଭେଣ୍ଟ: ଫ୍ରିଷ୍ଟାଇଲ ରେସ୍‌ଲିଂ

**ସଫଳତା**

୨୦୨୦: ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ
୨୦୧୯:ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ
୨୦୨୦ ନୂଆଦିଲ୍ଲୀ, ୨୦୨୧ ଅଲ୍‌ମାଟି, ୨୦୨୨ ଉଲାନ୍‌ବଟାର ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ
୨୦୨୧: ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର



ରବି କୁମାର ଦାହିୟା

**କ୍ରମାଗତ ୩ ଥର ଏସୀୟ ରେସ୍‌ଲିଂ ଚାମ୍ପିୟନଶିପ୍ ଟାଇଟଲ ଜିତି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ହରିୟାଣାର ଯୁବ ରେସ୍‌ଲର ରବି କୁମାର ଦାହିୟା। ପ୍ରଥମ ଭାରତୀୟ କୁସ୍ତିଯୋଦ୍ଧା ଭାବେ ସେ ଏହି ସଫଳତା ପାଇ ହ୍ୟାଟ୍ରିକ୍ କରିଛନ୍ତି...**

**ଏକାଡେମୀରେ ରହିବାର ପ୍ରଥମ ଦିନ କାର୍ତ୍ତିକେୟ ଅତ୍ୟନ୍ତ ଭାବପ୍ରବଣ ହୋଇପଡ଼ିଥିଲେ। କାରଣ ଯେତେବେଳେ ରୋଷେୟା ମଧ୍ୟାହ୍ନଭୋଜନ ଦେଲେ, କାର୍ତ୍ତିକେୟ କାନ୍ଦିବା ଆରମ୍ଭ କରିଥିଲେ। ସେ ବର୍ଷେ ହେଲା ମଧ୍ୟାହ୍ନଭୋଜନ କରି ନ ଥିଲେ ବୋଲି କହିଥିଲେ...**

# ‘ବର୍ଷେ ମଧ୍ୟାହ୍ନଭୋଜନ କରି ନ ଥିଲେ କାର୍ତ୍ତିକେୟ’

ଚଳିତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ବିଳମ୍ବରେ ପଦାର୍ପଣ କରିଥିଲେ ହେଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ଜଣେ ବାମହାତୀ ସ୍ପିନର। ସେ ହେଲେ କୁମାର କାର୍ତ୍ତିକେୟ ସିଂ। ସେ ବାମହାତୀ ରିଷ୍ଟ ସ୍ପିନ, ରଙ୍ଗଅନ୍, ଫିଙ୍ଗରସ୍ପିନ ଓ କ୍ୟାରମ ବଲ ପକାନ୍ତି। ୬ ମାସ ତଳେ ତାଙ୍କ ପାଖରେ ଏତେ ବିକଳ୍ପ ନ ଥିଲା। ସେ କେବଳ ବାମହାତୀ ପାରମ୍ପରିକ ସ୍ପିନ ବୋଲିଂ କରୁଥିଲେ। ଟି ୨୦ କ୍ରିକେଟ୍‌ରେ ସଫଳ ହେବା ପାଇଁ କାର୍ତ୍ତିକେୟ ନିଜ ଆଡୁ ରିଷ୍ଟସ୍ପିନ ଶିକ୍ଷା କରିଥିଲେ, ଯାହାକି କ୍ରିକେଟରେ ସବୁଠୁ କଷ୍ଟକର କଳା। ଅଭ୍ୟାସ ଯୋଗୁ ସେ ଏଥିରେ ମାଷ୍ଟର ହୋଇପାରିଥିବା ତାଙ୍କ କୋଚ୍ ସଞ୍ଜୟ ଭରଦ୍ୱାଜ କହିଛନ୍ତି। ପ୍ରବଳ ଇଚ୍ଛାଶକ୍ତି ୯ ବର୍ଷ ତଳେ ୧୫ ବର୍ଷୀୟ କାର୍ତ୍ତିକେୟଙ୍କୁ କାନପୁରରୁ ଦିଲ୍ଲୀର ଭରଦ୍ୱାଜ ଏକାଡେମୀ ନେଇ ଆସିଥିଲା। କାର୍ତ୍ତିକେୟଙ୍କ ବାପା ଜଣେ କନ୍‌ଷ୍ଟେବଲ। କ୍ରିକେଟ କଦାପି ଆର୍ଥିକ ବୋଝ ସାଜିବ ନାହିଁ ବୋଲି ସେ ତାଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଥିଲେ। ଦିଲ୍ଲୀରେ ଲିଗ୍ କ୍ରିକେଟ ଖେଳୁଥିବା ବନ୍ଧୁ ରାଧେଶ୍ୟାମଙ୍କ ଛଡ଼ା ସେ ଅନ୍ୟ କାହାକୁ ଜାଣି ନ ଥିଲେ। ରାଧେଶ୍ୟାମ ତାଙ୍କୁ ଅନେକ ଏକାଡେମୀ ନେଇଥିଲେ, ହେଲେ ସମସ୍ତେ ମୋଟା ଅଙ୍କର ଫି’ ଦାବି କରିଥିଲେ। ସେମାନେ ଭରଦ୍ୱାଜଙ୍କ ନିକଟରେ ପହଞ୍ଚିବାପରେ କାର୍ତ୍ତିକେୟ କୋଚିଂ ପାଇଁ ଟଙ୍କା ଦେବା ପରିସ୍ଥିତିରେ ନ ଥିବା ସ୍ପଷ୍ଟଭାବେ କହିଥିଲେ। ମାତ୍ର ବିଧି ନିର୍ଦ୍ଦେଶ ଥିଲା ଭିନ୍ନ। କାର୍ତ୍ତିକେୟଙ୍କୁ ଏକ ଟ୍ରାଏଲ ଦେବାକୁ ରାଜି ହୋଇଥିଲେ ଭରଦ୍ୱାଜ। ନେଟ୍ସରେ ମାତ୍ର ଗୋଟିଏ ବଲ ଦେଖିବା ପରେ ତାଙ୍କୁ ପ୍ରଶିକ୍ଷଣ ଦେବାକୁ ରାଜି ହୋଇଯାଇଥିଲେ। ତାଙ୍କ ବୋଲିଂ ଶୈଳୀ ଖୁବ୍ ସରଳ ଥିଲା। ସେ ଆଙ୍ଗୁଠି ମାଧମରେ ବଲକୁ ସ୍ପିନ କରୁଥିଲେ। ଯାହାକି ଭରଦ୍ୱାଜଙ୍କୁ ପ୍ରଭାବିତ କରିଥିଲା। ଗୋଟିଏ ପ୍ୟାକେଟ୍ ବିସ୍କୁଟ୍ ପାଇଁ ୧୦ ଟଙ୍କା ସଞ୍ଚୟ କରିବା ଲାଗି ସେ ଅନେକ ବାଟ ଚାଲିଚାଲି ଯାଉଥିଲେ। କାର୍ତ୍ତିକେୟଙ୍କ କୋଚିଂ ବ୍ୟବସ୍ଥା ହୋଇସାରିଥିଲା। ତେବେ ଖାଦ୍ୟ ଓ ରହିବା ପାଇଁ ଗାଜିଆବାଦ ନିକଟସ୍ଥ ମସୁରୀସ୍ଥିତ ଏକ ଫ୍ୟାକ୍ଟ୍ରିରେ ତାଙ୍କୁ ଶ୍ରମିକ ଭାବେ କାମ କରିବାକୁ ପଡ଼ିଥିଲା। ଫ୍ୟାକ୍ଟ୍ରିଠାରୁ ଏକାଡେମୀର ଦୂରତା ୮୦ କିମି ଥିଲା। ସେ ଫ୍ୟାକ୍ଟ୍ରି ପାଖରେ ରହୁଥିଲେ। ସେ ପୂରା ରାତି ଫ୍ୟାକ୍ଟ୍ରିରେ କାମ କରୁଥିଲେ ଏବଂ ସକାଳେ ଏକାଡେମୀ ଯାଉଥିଲେ। ଏ ସମ୍ପର୍କରେ ଜାଣିବା ପରେ ଭରଦ୍ୱାଜ ତାଙ୍କୁ ଏକାଡେମୀ ପାଖରେ ରହିବାକୁ କହିଥିଲେ। ଏଥର କାର୍ତ୍ତିକେୟ ସତକଥା କହିଦେଇଥିଲେ। ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ ନାଇଟ୍ ଶିଫ୍ଟ କରୁଥିବା ପ୍ରକାଶ କରିଥିଲେ। ଏହାଜାଣି ଭରଦ୍ୱାଜ ତାଙ୍କୁ ଏକାଡେମୀର ରୋଷେୟାଙ୍କ ସହ ରୁମ୍ ଶେୟାର କରିବାକୁ ପ୍ରସ୍ତାବ ଦେଇଥିଲେ। ଏକାଡେମୀରେ ରହିବାର ପ୍ରଥମ ଦିନ କାର୍ତ୍ତିକେୟ ଅତ୍ୟନ୍ତ ଭାବପ୍ରବଣ ହୋଇପଡ଼ିଥିଲେ। କାରଣ ଯେତେବେଳେ ରୋଷେୟା ମଧ୍ୟାହ୍ନଭୋଜନ ଦେଲେ, କାର୍ତ୍ତିକେୟ କାନ୍ଦିବା ଆରମ୍ଭ କରିଥିଲେ। ସେ ବର୍ଷେ ହେଲା ମଧ୍ୟାହ୍ନଭୋଜନ କରି ନ ଥିଲେ ବୋଲି କହିଥିଲେ।

ପରେ ଭରଦ୍ୱାଜ ଏକ ସ୍କୁଲରେ କାର୍ତ୍ତିକେୟଙ୍କ ନାମ ଲେଖାଇଥିଲେ। ସେ ଡିଡିସିଏ ଲିଗ୍ ତଥା ସ୍କୁଲ ପ୍ରତିଯୋଗିତାରେ ୪୫ ଉଇକେଟ ନେଇଥିଲେ। ସେ ସମ୍ମାନଜନକ ଓମ୍ ନାଥ ସୁଦ ଟୁର୍ନାମେଣ୍ଟ ସମେତ ୩ ପ୍ରତିଯୋଗିତାରେ ପ୍ଲେୟର ଅଫ୍ ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଏହା ସତ୍ତ୍ୱେ ଡିଡିସିଏ ଟ୍ରାଏଲ୍‌ରେ ୨୦୦ ଜଣଙ୍କ ଲମ୍ବା ତାଲିକାରେ ମଧ ସ୍ଥାନ ପାଇ ନ ଥିଲେ।

ଭରଦ୍ୱାଜ ଏଭଳି ସମସ୍ୟା ସହ ପୂର୍ବରୁ ପରିଚିତ ଥିଲେ। ଗୌତମ ଗମ୍ଭୀରଙ୍କ ପିଲା ବେଳର କୋଚ୍ ଭାବେ ଜଣାଶୁଣା ଭରଦ୍ୱାଜଙ୍କଠାରୁ ପ୍ରଶିକ୍ଷଣ ନେଇଥିବା ଅମିତ ମିଶ୍ରାଙ୍କୁ ସମାନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲ୍ଲୀ ଦଳରେ ସ୍ଥାନ ନ ମିଳିବାରୁ ସେ ମିଶ୍ରାଙ୍କୁ ହରିୟାଣା ପଠାଇଥିଲେ। କିନ୍ତୁ କାର୍ତ୍ତିକେୟଙ୍କୁ ପଠାଇଥିଲେ ମଧ୍ୟପ୍ରଦେଶ। ‘‘ତାଙ୍କର ଦକ୍ଷତା ଓ ନିଷ୍ଠାକୁ ଦେଖିବା ପରେ ମୁଁ ତାଙ୍କୁ ମୋ ସାଙ୍ଗ ତଥା ଶାହଦୋଲ କ୍ରିକେଟ ଆସୋସିଏଶନ ସମ୍ପାଦକ ଅଜୟ ଦ୍ୱିବେଦୀଙ୍କ ନିକଟକୁ ପଠାଇଥିଲି। କାର୍ତ୍ତିକେୟ ସେଠାରେ ଡିଭିଜନ କ୍ରିକେଟ୍ ଖେଳି ପ୍ରଥମ ଦୁଇ ବର୍ଷରେ ୫୦ରୁ ଊର୍ଦ୍ଧ୍ୱ ଉଇକେଟ ନେଇଥିଲେ’’ ବୋଲି ଭରଦ୍ୱାଜ କହିଥିଲେ।

ରାଜ୍ୟ ଟ୍ରାଏଲ ଅବସରରେ ସେ ଅଧିକାଂଶ ମ୍ୟାଚ୍‌ରେ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏଥିଯୋଗୁ ଖୁବ୍‌ଶୀଘ୍ର ତାଙ୍କୁ ରଣଜୀ ଟ୍ରଫିରେ ସୁଯୋଗ ମିଳିଥିଲା। ଗୋଟିଏ ମାସରେ ସେ ମଧ୍ୟପ୍ରଦେଶ ପାଇଁ ୨୩ ବର୍ଷରୁ କମ୍ ଓ ରଣଜୀ ଟ୍ରଫି ପଦାର୍ପଣ କରିଥିଲେ। ୨୦୧୮ରେ ସେ ଯେତେବେଳେ ପଦାର୍ପଣ କଲେ, କାର୍ତ୍ତିକେୟଙ୍କ ବାପା ମା’ଙ୍କ ସହ ପ୍ରଥମ ଥର ପାଇଁ ଭରଦ୍ୱାଜ ଫୋନରେ କଥା ହୋଇଥିଲେ। ତା’ ପରଠୁ ଭୋପାଳରେ ଭରଦ୍ୱାଜଙ୍କ ନୂଆ ଏକାଡେମୀ କାର୍ତ୍ତିକେୟଙ୍କ ପାଇଁ ପାଲଟିଥିଲା ନୂଆ ଘର। ସେଠାରେ ରହିବା ପାଇଁ ବ୍ୟବସ୍ଥା ଥିଲା।

ଡି ୱାଇ ପାଟିଲ ଷ୍ଟାଡିୟମରେ ଏପ୍ରିଲ ୩୦ ତାରିଖରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ପଦାର୍ପଣ କରି ୧୯ ରନ୍ ବିନିମୟରେ ୧ ଉଇକେଟ ନେଇଥିଲେ କାର୍ତ୍ତିକେୟ। ମ୍ୟାଚ୍‌ରେ ଯେଉଁ ନିୟନ୍ତ୍ରଣ ସହ ସେ ବୋଲିଂ କରିଥିଲେ, ତାହା କିମ୍ବଦନ୍ତୀ ବାମହାତୀ ସ୍ପିନର ଡାନିଏଲ ଭିଟୋରିଙ୍କୁ ପ୍ରଭାବିତ କରିଥିଲା। ସେ ପୂରା ସ୍ପେଲ୍‌ରେ କୌଣସି ଖରାପ ବଲ ପକାଇ ନ ଥିଲେ। ୬ ମାସ ତଳେ କେବଳ ଫିଙ୍ଗର ସ୍ପିନର ଥିବା କାର୍ତ୍ତିକେୟଙ୍କ ରିଷ୍ଟ ସ୍ପିନ ସଭିଙ୍କୁ ପ୍ରଭାବିତ କରିଛି। ‘‘ସେ ଫ୍ରି ଥିଲା ବେଳେ ନେଟ୍ସରେ ବୋଲିଂ କରନ୍ତି। ବହୁ ଥର ସେ ମ୍ୟାଚ୍ ଶେଷ କରିବା ପରେ ରାତିରେ ଫେରି ଲାଇଟ୍ ଅନ୍ କରି ୨ରୁ ୩ ଘଣ୍ଟା ପର୍ଯ୍ୟନ୍ତ ବୋଲିଂ ଅଭ୍ୟାସ କରନ୍ତି। ଗତ ୯ ବର୍ଷ ମଧ୍ୟରେ ବୋଲିଂ ପ୍ରତି ତାଙ୍କ ଦୁର୍ବଳତା ବଢ଼ି ଯାଇଛି’’ ବୋଲି ଭରଦ୍ୱାଜ କହିଛନ୍ତି। ଆଇପିଏଲ୍‌ରେ ସେ ପ୍ରଥମ ଓଭରରେ ସଞ୍ଜୁ ସାମସନଙ୍କ ଉଇକେଟ ନେଇଥିଲେ। ତାଙ୍କ ଉଇକେଟ ତାଲିକାରେ ଯେ ଆହୁରି ଅନେକ ବଡ଼ ନାମ ସାମିଲ ହେବେ ଏଥିରେ ସନ୍ଦେହ ନାହିଁ।



**ଅତୀତ ସ୍ମୃତିରୁ...**

**ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ (୪)**

# ଗୋଲକ ସାମଲ



ଅଶୋକ ମହାନ୍ତି

ପଚାଶ ଦଶକରେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ଏବଂ ଆଥଲେଟ୍ ହିସାବରେ ସୁନାମ ଅର୍ଜନ କରିଥିବା ସ୍ୱର୍ଗତ ଗୋଲକ ସାମଲ(ବୁଲୁ) ୧୯୨୭ ନଭେମ୍ବର ୫ ତାରିଖରେ କଟକ ସହର ସୂତାହାଟରେ ଜନ୍ମଗ୍ରହଣ କରିଥିଲେ। ଖ୍ରୀଷ୍ଟ ବିଦ୍ୟାଳୟରେ ପଢୁଥିବା ସମୟରେ ତାଙ୍କର ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା। ଉଭୟ ଫୁଟବଲ ଏବଂ ଦୌଡ଼କୁଦରେ ବିଦ୍ୟାଳୟର ଶ୍ରେଷ୍ଠ କ୍ରୀଡ଼ାବିତ୍ ବିବେଚିତ ହୋଇଥିଲେ। ଯୁବାବସ୍ଥାରେ ଉଭୟ ବିଭାଗ(ଫୁଟବଲ ଏବଂ ଆଥଲେଟିକ୍ସ)ରେ ପାରଦର୍ଶିତା ହାସଲ କରିଥିଲେ ମଧ୍ୟ ଫୁଟବଲ ଖେଳରେ ତାଙ୍କର ଅସାମାନ୍ୟ ଦକ୍ଷତା ତାଙ୍କୁ ରାଜ୍ୟରେ ଲୋକ ପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲା।

**ଫୁଟବଲ:** ଓଡ଼ିଶା ଫୁଟବଲ ଦଳ ପ୍ରଥମ ଥର ପାଇଁ ୧୯୪୭ରେ ଦୀନବନ୍ଧୁ ଯାଦବଙ୍କ ନେତୃତ୍ୱରେ ସନ୍ତୋଷ ଟ୍ରଫିରେ ଭାଗନେଇ ଥିଲା। ୨୦ ବର୍ଷର ଯୁବକ ଗୋଲକ ସାମଲ ଏହି ଦଳର ସଦସ୍ୟ ଥଲେ। ତା’ ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଜଣେ ଉଚ୍ଚକୋଟୀର ଷ୍ଟ୍ରାଇକର ଏବଂ ଗୋଲ ସ୍କୋରର ଭାବେ ସେ ଲଗାତାର ୧୪ ବର୍ଷ ଧରି ୧୯୪୭ରୁ ୧୯୬୧ ପର୍ଯ୍ୟନ୍ତ ଓଡ଼ିଶା ଫୁଟବଲ ଦଳର ସଦସ୍ୟ ଭାବେ ସନ୍ତୋଷ ଟ୍ରଫିରେ ଖେଳି ଏକ ନିଆରା ରେକର୍ଡର ଅଧିକାରୀ ହୋଇଥିଲେ। କଟକ ଲିଗ୍‌ରେ ସରକାରୀ ପ୍ରେସ୍ ଦଳରେ ଖେଳୁଥିବା ଗୋଲକଙ୍କ ଖେଳ ଦେଖିବା ପାଇଁ ଦର୍ଶକଙ୍କର ଭିଡ଼ ହେଉଥିଲା। ପ୍ରାୟତଃ ରାଇଟ୍ ଆଉଟ୍ ପୋଜିଶନରେ ଖେଳୁଥିବା ବୁଲୁଙ୍କର ତୀବ୍ରଗତିରେ ବଲ ସହିତ ଅଗ୍ରଗତିକୁ କୌଣସି ରକ୍ଷଣଭାଗ ଅଟକାଇବା କଷ୍ଟକର ବ୍ୟାପାର ଥିଲା। ଡ୍ରିବ୍‌ଲିଙ୍ଗ, ବଲ କଣ୍ଟ୍ରୋଲ ଏବଂ ନିର୍ଭୁଲ ପାସ୍ ଦେବାରେ ବିଶେଷ ଦକ୍ଷତା ତାଙ୍କୁ ଜଣେ ଶ୍ରେଷ୍ଠ ଫୁଟବଲ ଖେଳାଳି ଭାବେ ପ୍ରତିଷ୍ଠିତ କରିଥିଲା। ରାଜ୍ୟର ଜଣେ ଅନ୍ୟତମ ବରିଷ୍ଠ କ୍ରୀଡ଼ା ସଂଗଠକ କୁହନ୍ତି, ୧୯୫୫ ମସିହାରେ ବମ୍ବେଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ପ୍ରତିଯୋଗିତା ସନ୍ତୋଷ ଟ୍ରଫି ଟୁର୍ନାମେଣ୍ଟରେ ଓଡ଼ିଶା ପ୍ରଥମ ମ୍ୟାଚ ବେଙ୍ଗଲ ସହିତ ଡ୍ର ରଖିଥିଲା। ବୁଲୁଙ୍କର ଦୁଇଟି ଶଟ୍ ଗୋଲପୋଷ୍ଟ କ୍ରସ୍‌ବାରରେ ବାଜି ଫେରି ଆସିଥିଲା। ଏଟି ଟୁର୍ନାମେଣ୍ଟରେ ବୁଲୁଙ୍କର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନକୁ ବିଚାରକୁ ନିଆଯାଇ କାବୁଲ ଗସ୍ତ କରିଥିବା ଭାରତୀୟ ଦଳର ସଦସ୍ୟ ଭାବେ ତାଙ୍କୁ ମନୋନୀତ କରାଯାଇଥିଲା। ଗୋଲକ ରାଜ୍ୟର ପ୍ରଥମ କ୍ରୀଡାବିତ୍ ଭାବେ ଭାରତୀୟ ଦଳର ସଦସ୍ୟ ଭାବେ ବିଦେଶ ଗସ୍ତ (କାବୁଲ, ଆଫଗାନିସ୍ତାନ) କରିଥିଲେ। ତାଙ୍କ ପୂର୍ବରୁ ଓଡ଼ିଶାର ଅବଦୁଲ ମଜିଦ (ବଚନ) ଦିଲ୍ଲୀଠାରେ ଅନୁଷ୍ଠିତ ପ୍ରଥମ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଦଳର ସଦସ୍ୟ ଥିଲେ। ସେ ସମୟରେ ଅତ୍ୟନ୍ତ ସୀମିତ ସୁବିଧା ସୁଯୋଗ ସତ୍ତ୍ୱେ ଗୋଲକ ସାମଲଙ୍କ ଭାରତୀୟ ଦଳରେ ସାମିଲ ହେବା ଥିଲା ଏକ ବଡ଼ ଉପଲବ୍ଧି।

**୫୦ ଦଶକରେ ଓଡ଼ିଶାର ଶ୍ରେଷ୍ଠ ଫୁଟବଲ ଖେଳାଳି ଏବଂ ଆଥଲେଟ୍ ହିସାବରେ ସୁନାମ ଅର୍ଜନ କରିଥିଲେ ସ୍ୱର୍ଗତ ଗୋଲକ ସାମଲ। ବୁଲୁ ନାମରେ ବିଶେଷ ପରିଚିତ ଥିବା ଗୋଲକ ସାମଲ ଏକାଧିକ କ୍ରୀଡ଼ାରେ ପାରଙ୍ଗମ ଥିଲେ...**

ପଚାଶ ଏବଂ ଷାଠିଏ ଦଶକରେ ଫୁଟବଲ ଥିଲା ରାଜ୍ୟର ସବୁଠାରେ ଲୋକପ୍ରିୟ କ୍ରୀଡ଼ା ଏବଂ ଏହାର ପ୍ରାଣକେନ୍ଦ୍ର ଥିଲା କଟକ ସହର । ବୁଲୁଙ୍କର ସମସାମୟିକ ପ୍ରସିଦ୍ଧ ଖେଳାଳିମାନଙ୍କ ମଧ୍ୟରେ ଥିଲେ ଅବଦୁଲ ମଜିଦ (ବଚନ), ତାରେକ ହୁସେନ, ଗଣେଶ ସିଂ, ବିରଞ୍ଚନ ବେରା, ନିର୍ମଳ ଚକ୍ରବର୍ତ୍ତୀ, ଏମ.ଏସ. ଆଲାମ, ଡ. ସଚ୍ଚି ଦାସ, ପ୍ରଶାନ୍ତ (ଲାଲା) ପାତ୍ର, ସେକ୍ ବାବୁ, ସଏଦ ଅଲି ୟୁନୁସ୍, ଅବଦୁଲ ଜବାର (ଗିଟୁ), ଏମ୍‌ଏଲ୍ ବାରି ପ୍ରମୁଖ । ଏମାନେ ସମସ୍ତେ ଥିଲେ ରାଜ୍ୟର କିମ୍ବଦନ୍ତୀ ଖେଳାଳି।

**ଆଥ୍‌ଲେଟିକ୍ସ ବା ଦୌଡ଼କୁଦ:** ପଚାଶ ଦଶକରେ ରାଜ୍ୟର ଶ୍ରେଷ୍ଠ ଆଥ୍‌ଲେଟ ଥିଲେ ନନ୍ଦକୃଷ୍ଣ ଦାସ, ସତୀକାନ୍ତ ଘୋଷ, ସେକ୍ ଗୁଲଜାର ଏବଂ ଗୋଲକ ସାମଲ । ୧୦୦ ମିଟର ସ୍ପ୍ରିଣ୍ଟ ଏବଂ ଲଙ୍ଗ ଜମ୍ପ ଓ ପୋଲଭଲ୍ଟରେ ଶ୍ରେଷ୍ଠ ଆଥଲେଟ ଥିଲେ ଗୋଲକ । ଏକଦା ୧୦୦ ଗଜ ଦୌଡ଼ରେ କୀର୍ତ୍ତିମାନ (୧୧ ସେକେଣ୍ଡ) ତାଙ୍କ ନାମରେ ଥିଲା। ୧୯୪୭ରୁ ୧୯୬୨ ପର୍ଯ୍ୟନ୍ତ ସେ ରାଜ୍ୟକୁ ବିଭିନ୍ନ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଥିଲେ । ୧୦୦ ମିଟର ସ୍ପ୍ରିଣ୍ଟରେ ସେ ଯେଉଁ ଧାରା ଆରମ୍ଭ କରିଥିଲେ ପରବର୍ତ୍ତୀ ପିଢ଼ିର ଖ୍ୟାତନାମା ସ୍ପ୍ରିଣ୍ଟର୍‌ମାନେ ତାକୁ ଆଗେଇ ନେଇ ସଫଳତାର ଶିଖର ଛୁଇଁଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡ. ସତୀକାନ୍ତ ଘୋଷ, କାଳିପ୍ରସନ୍ନ ଦାସ, କୀର୍ତ୍ତି ପରିଜା, ହେମନ୍ତ ପଟେଲ, ପଞ୍ଚାନନ ଗନ୍ତାୟତ, ସଚ୍ଚି ବିଶ୍ୱାଳ, ପ୍ରସନ୍ନ ଠାକୁର, ସନ୍ତୋଷ ପ୍ରଧାନ ଏବଂ ବର୍ତ୍ତମାନ ଜାତୀୟ ରେକର୍ଡର ଅଧିକାରୀ ଅମିୟ ମଲିକ । ଦୁଇ ଦଶନ୍ଧି ଧରି ରାଜ୍ୟ କ୍ରୀଡ଼ା କ୍ଷେତ୍ରରେ (ଫୁଟବଲ ଏବଂ ଆଥ୍‌ଲେଟିକ୍ସ) ଉଚ୍ଚକୋଟୀର ପ୍ରଦର୍ଶନ ଦ୍ୱାରା ଅସଂଖ୍ୟ କ୍ରୀଡ଼ାପ୍ରେମୀଙ୍କ ଦ୍ୱାରା ଆଦୃତ ହୋଇଥିବା ଗୋଲକ ସାମଲ ପ୍ରତିଯୋଗିତା ମୂଳରୁ କ୍ରୀଡ଼ାକୁ ଅବସର ନେବା ପରେ ପଟିଆଲାର ଜାତୀୟ କ୍ରୀଡ଼ା ଅନୁଷ୍ଠାନରୁ କୃତିତ୍ୱର ସହିତ ପ୍ରଶିକ୍ଷଣରେ ଡିପ୍ଲୋମା ହାସଲ କରି ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗରେ ପ୍ରଥମେ ଫୁଟବଲ ପ୍ରଶିକ୍ଷକ ଏବଂ ପରେ ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଅନେକ ଉଚ୍ଚକୋଟୀର ରାଜ୍ୟସ୍ତରୀୟ ଖେଳାଳି ପ୍ରସ୍ତୁତ କରିଥିଲେ। ତାଙ୍କ ୬ ଜଣ ସନ୍ତାନଙ୍କ ମଧ୍ୟରୁ ଜଣେ ଏରିକ୍ ସାମଲ ରାଜ୍ୟକୁ ଫୁଟବଲରେ ପ୍ରତିନିଧିତ୍ୱ କରିଥିଲେ। ଏହି ଲେଖକ ତାଙ୍କ ସହକର୍ମୀ ଥିଲେ ମଧ ତାଙ୍କୁ ପିତୃତୁଲ୍ୟ ସମ୍ମାନ କରୁଥିଲେ। ତାଙ୍କ ସମସାମୟିକ ଭାରତୀୟ ଫୁଟବଲର ଅନେକ ପ୍ରସିଦ୍ଧ ଖେଳାଳି ଯଥା ସୈଲେନ୍ ମାନ୍ନା, ପି.କେ. ବାନାର୍ଜୀ, ମେଓ୍ୱାଲାଲ, ଗିଟୁ ପ୍ରମୁଖ ତାଙ୍କ ଖେଳ ଦ୍ୱାର ପ୍ରଭାବିତ ହୋଇଥିଲେ ଏବଂ ତାଙ୍କୁ ଜଣେ ପ୍ରତିଭାବାନ ଷ୍ଟ୍ରାଇକର ଭାବେ ସମ୍ମାନ କରୁଥିଲେ।

ରାଜ୍ୟର ଏହି କିମ୍ବଦନ୍ତୀ କ୍ରୀଡ଼ାବିତ୍ ୧୯୮୩ରେ ଅବସର ଗ୍ରହଣ କରି ୨୨ ମେ ୨୦୦୮ରେ ପରଲୋକ ଗମନ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ୨୦୦୨ରେ ଓଡ଼ିଶା ସରକାର ତାଙ୍କୁ ରାଜ୍ୟର ଶ୍ରେଷ୍ଠ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରିଥିଲେ।



ଗୋଲକ ସାମଲ

# କାର୍ତ୍ତିକ, ଟେୱାଟିଆ ଦୁଇ ବିକଳ୍ପ ଫିନିଶର


ଦିନେଶ କାର୍ତ୍ତିକ ଓ ରାହୁଲ ଟେୱାଟିଆ।

**ନୂଆଦିଲ୍ଲୀ, ୧୨।୫ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦୀନେଶ କାର୍ତ୍ତିକ ଓ ରାହୁଲ ଟେୱାଟିଆ ସେମାନଙ୍କ ଦଳ ପାଇଁ ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ କ୍ରିକେଟ ଦଳ ଲାଗି ଦୁଇ ବିକଳ୍ପ ଫିନିଶର ଭାବେ ଉଭା ହୋଇଛନ୍ତି। ଆଉ ୪ ମାସ ପରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଏହି ଦୁଇଜଣଙ୍କୁ ବିକଳ୍ପ ଫିନିଶର ଭାବେ ନିଆଯାଇପାରେ। ଆସନ୍ତା ମାସରେ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜ ଖେଳାଯିବାକୁ ଥିବା ବେଳେ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନକର୍ତ୍ତାମାନଙ୍କୁ ଶୀଘ୍ର ସମ୍ଭାବ୍ୟ ଖେଳାଳି ତାଲିକା ପ୍ରସ୍ତୁତ କରିବାକୁ ପଡ଼ିବ। ଆଧୁନିକ ଖେଳରେ ଫିନିଶରମାନଙ୍କର ବିଶେଷ ଭୂମିକା ରହୁଛି। ଭାରତୀୟ ଦଳ ପ୍ରଥମ ବଲ୍‌ରୁ ପ୍ରହାର କରିପାରୁଥିବା ଖେଳାଳି ନିଶ୍ଚୟ ଆବଶ୍ୟକ କରିବ। ଫିଟ୍‌ନେସ୍ ସମସ୍ୟ ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଗତବର୍ଷ ବିଶ୍ୱକପ୍ ବିପର୍ଯ୍ୟୟ ପରେ ମିଡଲ ଅର୍ଡରରେ ଦୀପକ ହୁଡା ଓ ଭେଙ୍କଟେଶ ଆୟାରଙ୍କୁ ପରୀକ୍ଷାମୂଳକ ଭାବେ ଖେଳାଇଛି। ମାତ୍ର ସେମାନେ ଦଳର ଆବଶ୍ୟକତାକୁ ପୂରଣ କରିବାରେ ବିଫଳ ହୋଇଥିଲେ। ହାର୍ଦ୍ଦିକ ଆଇପିଏଲ୍‌ରେ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜାତୀୟ ଦଳରେ ତାଙ୍କୁ ପୁଣି ସ୍ଥାନ ମିଳିପାରେ। ହୁଡା ଓ ହାର୍ଦ୍ଦିକ ସେମାନଙ୍କ ଆଇପିଏଲ୍ ଟିମ୍‌ରେ ବ୍ୟାଟିଂ ଅର୍ଡରର ଉପରିଭାଗରେ ବ୍ୟାଟିଂ କରୁଛନ୍ତି। ଜାତୀୟ ଦଳରେ ସ୍ଥାନ ମିଳିଲେ ସେମାନଙ୍କୁ କିନ୍ତୁ ଲୋୟର ଅର୍ଡରରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି। ଆଇପିଏଲରେ ତାଙ୍କ ଦ୍ୱିତୀୟ ବର୍ଷରେ ଭେଙ୍କଟେଶ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ରବୀନ୍ଦ୍ର ଜାଡେଜା ବର୍ତ୍ତମାନ ଭାରତୀୟ ଦଳର ଏକମାତ୍ର ପ୍ରତିଷ୍ଠିତ ଫିନିଶର ରହିଛନ୍ତି। ଫଳରେ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରୁଥିବା କାର୍ତ୍ତିକ ଓ ଟେୱାଟିଆଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଟ୍ରେୱାଟିଆ ଅସମ୍ଭବ ପରିସ୍ଥିତିରେ ମ୍ୟାଚ ଜିତାଇପାରିଛନ୍ତି। ଅନ୍ୟପକ୍ଷରେ ୨୦୦୪ରେ ଭାରତ ତରଫରୁ ପଦାର୍ପଣ କରିଥିବା କାର୍ତ୍ତିକ ପ୍ରଭାବୀ ପ୍ରଦର୍ଶନ କରି ଦଳକୁ ଫେରିବା ସମ୍ଭାବନା ସୃଷ୍ଟି କରିଛନ୍ତି।

# ଜାଡେଜାଙ୍କୁ ଅନ୍‌ଫଲୋ କଲା ସିଏସ୍‌କେ

**ମୁମ୍ବାଇ,୧୨।୫:** ଗତ ୧୦ ବର୍ଷ ହେଲା ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇରହିଥିବା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଇନ୍‌ଷ୍ଟାଗ୍ରାମରେ ଅନ୍‌ଫଲୋ କରି ଦେଇଛି ଏହି ଫ୍ରାଞ୍ଚାଇଜ। ଆହତ ସମସ୍ୟା ଯୋଗୁ ଜାଡେଜା ଚଳିତ ଆଇପିଏଲ୍‌ର ଅବଶିଷ୍ଟାଂଶ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ୍‌ରେ ତାଙ୍କ ପଞ୍ଜରାରେ ଆଘାତ ଲାଗିଥିଲା। ଲିଗ୍‌ରୁ ବାଦ୍ ପଡ଼ିବା ଏବଂ ଇନ୍‌ଷ୍ଟାଗ୍ରାମରେ ସିଏସ୍‌କେ ଅନ୍‌ଫଲୋ କରିବା ଦ୍ୱୟ ଘଟଣା ଯୋଗୁ ଫ୍ରାଞ୍ଚାଇଜ ଓ ଅଲରାଉଣ୍ଡରଙ୍କ ମଧ୍ୟରେ କିଛି ଠିକ୍ ନ ଥିବା ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ, ଜାଡେଜାଙ୍କୁ ପ୍ରଥମ ଖେଳାଳି ଭାବେ ସିଏସ୍‌କେ ୧୬ କୋଟି ଟଙ୍କାରେ ରିଟେନ କରିଥିଲା। ଆଇପିଏଲ୍ ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ତାଙ୍କୁ ଅଧିନାୟକ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। କିନ୍ତୁ ତାଙ୍କ ନେତୃତ୍ୱରେ ଦଳକୁ ୮ ମ୍ୟାଚ୍‌ରେ ୬ଟିରେ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା। ଏପରି କି ଜାଡେଜା ଫର୍ମ ମଧ୍ୟ ହରାଇଥିଲେ। ସେ ୧୦ ମ୍ୟାଚ୍‌ରେ ୧୧୬ ରନ୍ କରିବା ସହ ୫ ଉଇକେଟ ନେଇଥିଲେ। ତା' ପରେ ନିଜ ଖେଳ ଉପରେ ଧ୍ୟାନ ଦେବା ପାଇଁ ମହେନ୍ଦ୍ର ସିଂ ଧୋନୀଙ୍କୁ ପୁଣି ଥରେ ଦଳର ନେତୃତ୍ୱ ନେବାକୁ ଅନୁରୋଧ କରିଥିଲେ। ଧୋନୀ ନେତୃତ୍ୱ ନେବା ପରେ ସିଏସ୍‌କେ ୩ରୁ ୨ ମ୍ୟାଚ୍ ଜିତିଛି।




# ଚେନ୍ନାଇକୁ ହରାଇଲା ମୁମ୍ବାଇ

**ମୁମ୍ବାଇ,୧୨।୫**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫.୧ ଓଭର ପୂର୍ବରୁ ୫ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ହରାଇ ଦେଇଛି। ଏହି ପରାଜୟ ଯୋଗୁ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇର ପ୍ଲେ-ଅଫ୍ ଆଶା ଶେଷ ହୋଇଛି। ଅନ୍ୟପକ୍ଷରେ ବିଜୟ ସତ୍ତ୍ୱେ ମୁମ୍ବାଇ ୬ ପଏଣ୍ଟ ସହିତ ୧୦ମ ସ୍ଥାନରେ ରହିଛି।

ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ମୁମ୍ବାଇ ଅଧିନାୟକ ରୋହିତ ଶର୍ମା। ଡାନିଏଲ ସାମ୍ସ ପ୍ରଥମ ଓଭରରେ ଦୁଇ ଉଇକେଟ ନେଇ ଉଚିତ ସାବ୍ୟସ୍ତ କରିଥିଲେ। ଦ୍ୱିତୀୟ ବଲରେ ସିଏସ୍‌କେ ଓପନର ଡେଭନ କନୱେଙ୍କୁ ଏଲବିଡବ୍ଲ୍ୟୁ କରିଥିଲେ। କିନ୍ତୁ ସେ ଅମ୍ପାୟରଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନ ଥିଲେ ମଧ୍ୟ ଡିଆର୍‌ଏସ୍ ବ୍ୟବହାର କରିପାରି ନ ଥିଲେ। କାରଣ ଫ୍ଲଡଲାଇଟ୍‌ରେ ବିଦ୍ୟୁତ ବିଭ୍ରାଟ ଯୋଗୁ ଡିଆରଏସ୍ ଉପଲବ୍ଧ ନ ଥିଲା। ସେହି ଓଭରର ଚତୁର୍ଥ ବଲରେ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ ମୋଇନ ଅଲି। ଦ୍ୱିତୀୟ ଓଭରରେ ରବିନ ଉଥପ୍ପା(୧)ଙ୍କୁ ଆଉଟ୍ କରିଥିଲେ ଯଶପ୍ରୀତ ବୁମରା। ତା' ପରେ ଋତୁରାଜ ଗାଏକ୍ୱାଡ (୭) ଓ ଅମ୍ବାତି ରାୟୁଡୁ (୧୦) ଆଉଟ୍ ହେବାରୁ ପାୱାରପ୍ଲେ ଶେଷ ସୁଦ୍ଧା ସିଏସ୍‌କେ ମାତ୍ର ୨୯ ରନ୍‌ରେ ଅଧା ଦଳକୁ ହରାଇ ସାରିଥିଲା। ସେଠାରୁ ଅଧିନାୟକ ଧୋନୀ ନିମ୍ନକ୍ରମର ବ୍ୟାଟର ଶିବମ ଦୁବେ(୧୨), ଡ୍ୱେନ ବ୍ରାଭୋ(୧୨)ଙ୍କ ସହ ମିଶି ଦଳୀୟ ସ୍କୋରକୁ ୯୭ରେ ପହଞ୍ଚାଇଥିଲେ। ଅନ୍ତିମ ବ୍ୟାଟର ଭାବେ ମୁକେଶ ଚୌଧାରୀ (୪) ରନ୍ ଆଉଟ୍ ହୋଇଥିଲେ। ଆଇପିଏଲ ଇତିହାସରେ ଦ୍ୱିତୀୟ ଥର ପାଇଁ ୧୦୦ ତଳେ ଅଲଆଉଟ୍ ହୋଇଛି ଚେନ୍ନାଇ। ଅଧିନାୟକ ଧୋନୀ ୩୩ ବଲରେ ୩୬ ରନ୍ କରି ଅପରାଜିତ ଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୨ ଛକା ସାମିଲ ଥିଲା। ଦଳକୁ ଅତିରିକ୍ତ ବାବଦରେ ୧୫ ରନ୍ ମିଳିଥିଲା। ମୁମ୍ବାଇ ପକ୍ଷରୁ ଡାନିଏଲ ସାମ୍ସ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ରିଲେ ମେରେଡିଥ ଏବଂ କୁମାର କାର୍ତ୍ତିକେୟ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁମ୍ବାଇକୁ ବି ଭଲ ଆରମ୍ଭ ମିଳି ନ ଥିଲା। ଦଳ ପ୍ରଥମ ଓଭରରେ ଇଷନ (୪)ଙ୍କୁ ହରାଇଥିଲା। ଭଲ ବ୍ୟାଟିଂ କରୁଥିବା ଅଧିନାୟକ ରୋହିତ (୧୮ ରନ୍ ଓ ୪ ଚୌକା) ମଧ୍ୟ ବଡ଼ ଇନିଂସ ଖେଳିପାରି ନ ଥିଲେ। ଚତୁର୍ଥ ଓଭରରେ ଡାନିଏଲ ସାମ୍ସ (୧) ଓ ଟ୍ରିଷ୍ଟାନ ଷ୍ଟବ୍ସ (୦)ଙ୍କୁ ପ୍ୟାଭିଲିଅନ ପଠାଇ ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ ମୁକେଶ ଚୌଧାରୀ। କିନ୍ତୁ ତିଲକ ବର୍ମା ଏବଂ ହ୍ରିତିକ ଶୋକିନ(୧୮) ସିଏସ୍‌କେର କୌଣସି ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ପଞ୍ଚମ ଉଇକେଟ ପାଇଁ ୪୮ ରନ୍ କରି ଚେନ୍ନାଇ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ। ମୁମ୍ବାଇ ୧୪.୫ ଓଭରରେ ମୁମ୍ବାଇ ୫ ଉଇକେଟ ରାଇ ୧୦୩ ରନ କରି ମ୍ୟାଚ୍ ଜିତି ନେଇଥିଲା।


ମୁମ୍ବାଇକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ତିଲକ ବର୍ମା ଓ ହ୍ରିତିକ ଶୋକିନ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ପଞ୍ଜାବ କିଙ୍ଗ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ: ୧୬ ଓଭରରେ ୯୭/ଅଲଆଉଟ୍(ମହେନ୍ଦ୍ର ସିଂ ଧୋନୀ–୩୬*, ଡ୍ୱେନ ବ୍ରାଭୋ–୧୨, ଡାନିଏଲ ସାମ୍ସ–୩/୧୬, କୁମାର କାର୍ତ୍ତିକେୟ–୨/୨୨, ରିଲେ ମେରେଡିଥ୍–୨/୨୭,)। ମୁମ୍ବାଇ ଇଣ୍ଡିଆନ୍ସ: ୧୪.୫ ଓଭରରେ ୧୦୩/୫ (ତିଲକ ବର୍ମା–୩୪*,ରୋହିତ ଶର୍ମା–୧୮, ହ୍ରିତିକ ଶୋକିନ–୧୮, ମୁକେଶ ଚୌଧାରୀ–୩/୨୩, ସିମରଜିତ ସିଂ–୧/୨୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୨ | ୯ | ୩ | ୧୮ | +୦.୩୭୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୨ | ୮ | ୪ | ୧୬ | +୦.୩୮୫ |
| ରାଜସ୍ଥାନ ରୟାଲ୍ସ | ୧୨ | ୭ | ୫ | ୧୪ | +୦.୨୨୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୭ | ୫ | ୧୪ | -୦.୧୧୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | +୦.୨୧୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୧ | ୫ | ୬ | ୧୦ | -୦.୦୩୧ |
| କୋଲକାତା ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | -୦.୦୫୭ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୨ | ୪ | ୮ | ୮ | +୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୩ | ୯ | ୬ | -୦.୬୧୩ |







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଡିମିଶର ପୋଲ ପାଇଁ ଟଙ୍କା ନାହିଁ

ନୟାଗଡ଼ ଅଫିସ,୧୨।୫

ନୟାଗଡ଼ ଜିଲାର ଶରଣକୁଳ ଲଡୁବାବାଙ୍କ ଧାମରୁ ଶ୍ରୀକ୍ଷେତ୍ର ପୁରୀକୁ ପଡିଥିବା ନୂଆ ଜଗନ୍ନାଥ ସଡ଼କର ଡିମିଶର ପଦାରିଛକସ୍ଥିତ ଦୁଆଣ୍ଟ ନଦୀ ପୋଲ ଭୁଶୁଡି ପଡିବାର ସାଢ଼େ ୪ମାସ ବିତିଛି। ହେଲେ ନୂଆ ପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇପାରୁନାହିଁ। ଏଥିପାଇଁ ଆଗାମୀ ବର୍ଷାରେ ଗୋଡିପଡା, ଡମସାହି, ପଞ୍ଚୁମୁ ପରି ୫୦ରୁ ଊର୍ଦ୍ଧ୍ୱ ଗାଁ ଜିଲା ସଦର ମହକୁମାରୁ ବିଚ୍ଛିନ୍ନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଅନ୍ୟପକ୍ଷେ ନଦୀ ଭିତରେ ତିଆରି ହୋଇଥିବା ଅସ୍ଥାୟୀ ରାସ୍ତା ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଦୁଆଣ୍ଟ ପୋଲ ଦବିବା ପରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୁଃଖ ବଢ଼ିଛି ।

ପ୍ରାୟ ୩୮ ବର୍ଷ ତଳେ ତତ୍କାଳୀନ ରଣପୁର ବିଧାୟକ ରମାକାନ୍ତ ମିଶ୍ର ଦୁଆଣ୍ଟ ନଦୀର ପୋଲକୁ ଉଦ୍‌ଘାଟନ କରିଥିଲେ। ଏହି ପୋଲ ଉପରେ ଆଖପାଖ ଗାଁର ଲୋକେ ନିର୍ଭର କରୁଥିଲେ । ହେଲେ ବାଲି ମାଫିଆମାନେ ନଦୀରୁ ପ୍ରତିଦିନ ବାଲି ଚୋରା ଚାଲାଣ କରିବା ପରେ ବିରାଟ ଗାତ ସୃଷ୍ଟି ହୋଇଥିଲା । ଏହାପରେ ବନ୍ୟା ଆସିବା ଯୋଗୁ ପୋଲର ରାଫ୍ଟ ଫାଉଣ୍ଡେଶନର ପାର୍ଶ୍ୱ ଦୁର୍ବଳ ହୋଇପଡିଥିଲା । ରାଫ୍ଟ ଫାଉଣ୍ଡେଶନର ଗର୍ତ୍ତକୁ ମରାମତି ନେଇ



ଦବି ଯାଇଥିବା ଦୁଆଣ୍ଟ ପୋଲ ।

ସ୍ଥାନୀୟ ଲୋକମାନେ ବାରମ୍ବାର ଦାବି କରିଥିଲେ। ହେଲେ ପୂର୍ତ୍ତ ବିଭାଗ ଲୋକଙ୍କ ଦାବି ପ୍ରତି ଅଣଦେଖା କରିଥିଲା । ଫଳରେ ୨୦୨୧ ଡିସେମ୍ବର୨୯ରେ ପୋଲଟି ଦବି ଯାଇଥିଲା। ସେଦିନଠାରୁ ଉକ୍ତ ପୋଲରେ ଯାତାୟତ ବନ୍ଦ ରହିଛି। ଯଦିଓ ପୋଲଟି ସମ୍ପୂର୍ଣ୍ଣ ଭୁଶୁଡ଼ି ନାହିଁ ତେବେ ଧିରେ ଧିରେ ଦବି ଚାଲିଛି । ଏପରି ସ୍ଥିତିକୁ ଦେଖି ପୂର୍ତ୍ତ ବିଭାଗ ଉକ୍ତ ପୋଲକୁ ବିପଦସଙ୍କୁଳ ଘୋଷଣା କରିଛି। ସେଠାରେ ଏକ ସୂଚନା ଫଳକ ଲଗାଯାଇ ପୋଲରେ ଯାତାୟତ ବନ୍ଦ କରାଯାଇଛି ।

ଅନ୍ୟପକ୍ଷେ ପୋଲପାର୍ଶ୍ୱ ନଦୀ ଭିତରେ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି । ତାହା ବି ବିପଦସଙ୍କୁଳ ଅବସ୍ଥାରେ ରହିଛି । ଉକ୍ତ ରାସ୍ତାରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଗତ ଜାନୁୟାରୀ ୨୫ ତାରିଖ ରାତିରେ ଏକ ଅଟୋରିକ୍ସା ସେହି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡିବାରୁ କୁରୁଡଙ୍ଗର ଧ୍ରୁବ ମହାରଣା(୬୨)ଙ୍କ ମୃତ୍ୟୁ ଘଟିଥିଲା । ସେହିପରି ପୋଲ ଦବିବାର ସାଢ଼େ ୪ମାସ ଭିତରେ ପ୍ରାୟ ୧୬୭ ଜଣ ବାଇକ୍ ଓ ସାଇକେଲ ଚାଳକ ଉକ୍ତ ରାସ୍ତାରେ ପଡି ଆହତ ହୋଇଥିବା ସୂଚନା ମିଳିଛି । ଏନେଇ ଡିମିଶର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ପ୍ରଧାନ, ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ପଞ୍ଚୁମରୁ ପୂର୍ବତନ ସରପଞ୍ଚ ଜୀବନ ରାୟ ଓ ନାରାୟଣ ସାହୁ କୁହନ୍ତି, ନଦୀ ଭିତର ଅସ୍ଥାୟୀ ରାସ୍ତାର କାମ ଠିକ୍‌ରେ କରାଯାଇନି। ହ୍ୟୁମ୍ ପାଇପ ପଡିଥିବା ଅଞ୍ଚଳ ଖାଲ ହୋଇଥିବାରୁ ମାଲ ବୋଝେଇ ଗାଡ଼ିଗୁଡିକ ଉଠିବା କଷ୍ଟ ହେଉଛି। ସାମାନ୍ୟ ବର୍ଷା ହେଲେ ଅସ୍ଥାୟୀ ରାସ୍ତା ଧୋଇ ହୋଇଯିବ । ଅସ୍ଥାୟୀ ରାସ୍ତାକୁ ଟିକେ ଉଚ୍ଚା କରି ସିମେଣ୍ଟ କରାଯିବା ଦରକାର । ନଚେତ୍ ବର୍ଷାଋତୁରେ ୫୦ରୁ ଊର୍ଦ୍ଧ୍ୱ ଗାଁ ସହିତ ଯୋଗାଯୋଗ ବିଚ୍ଛିନ୍ନ ହେବ ବୋଲି ସେ କହିଛନ୍ତି । ଡ୍ରାଇଭର ରାମଚନ୍ଦ୍ର ମହାପାତ୍ର କୁହନ୍ତି, ଅଟୋରିକ୍ସା ନେଇ ନୟାଗଡ଼ରୁ ଗୋଡିପଡ଼ା ଯାଇଥିଲି। ଡିମିଶର ନଦୀର ଅସ୍ଥାୟୀ ପୋଲରେ ଗାଡ଼ି ଅଟକି ଗଲା । ଯାତ୍ରୀଙ୍କୁ ଉଠାଇବା ପରେ

- ବର୍ଷାରେ ବିଚ୍ଛିନ୍ନ ହେବ ୫୦ରୁ ଊର୍ଦ୍ଧ୍ୱ ଗାଁ
- ନଦୀ ଭିତର ଅସ୍ଥାୟୀ ରାସ୍ତା ବି ବିପଦସଙ୍କୁଳ
- ଦୁଆଣ୍ଟ ପୋଲ ଦବିବା ପରେ ବଢ଼ିଲା ଦୁଃଖ

ଅଟୋ ଉଠିଥିଲା । ସେହି ସମୟରେ ବିପରିତ ଦିଗରୁ ଆସୁଥିବା ଏକ ପନିପରିବା ବୋଝେଇ ଡାଲା ଅଟୋ ଓଲଟି ପଡିଥିଲା। ପୂର୍ତ୍ତ ବିଭାଗର ଖାମଖିଆଲି ରାସ୍ତା ନିର୍ମାଣ ଯୋଗୁ ଲୋକମାନେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ସରକାର ତୁରନ୍ତ ଅର୍ଥ ବ୍ୟବସ୍ଥା କରିବା ସହିତ କାମ ଆରମ୍ଭ କରାଯାଉ । ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରମୋଦ କୁମାର ଧର କୁହନ୍ତି, ଡିମିଶର ପୋଲର ଆଲଟମେଣ୍ଟ ଆପ୍ରୁଭ ହୋଇ ସାରିଛି। ଡିଜାଇନ ଆପ୍ରୁଭ ହେବାକୁ ରହିଛି। ଡିଜାଇନ ଖୁବ୍‌ଶୀଘ୍ର ଆପ୍ରୁଭ ହେବ । ଜୁନ୍ ୩୦ ତାରିଖ ଭିତରେ ଟେଣ୍ଡର ହେବା ବୋଲି ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପକ୍ଷେ ଅସ୍ଥାୟୀ ରାସ୍ତାକୁ ବର୍ଷାଋତୁ ପୂର୍ବରୁ ପୁଣି ମରାମତି କରାଯିବ । ପୂର୍ତ୍ତ ବିଭାଗ ପକ୍ଷରୁ ପୋଲ ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ସିଡିଏମ୍‌ଓଙ୍କୁ ଭେଟିଲେ ଆଶାକର୍ମୀ



**ନୟାଗଡ଼ ଅଫିସ,୧୨।୫:** ନୟାଗଡ଼ ଜିଲାର ୭ ବ୍ଲକରେ ଆଶାକର୍ମୀମାନେ ପ୍ରୋତ୍ସାହନ ରାଶି ବାବଦକୁ ୧ ହଜାର ଟଙ୍କା ପାଇ ସାରିଲଣି । ତେବେ ଓଡଗାଁ ବ୍ଲକରେ ଆଶା କର୍ମୀମାନଙ୍କୁ ପ୍ରୋତ୍ସାହନ ରାଶି ମିଳିନାହିଁ । ଏଭଳିସ୍ଥଳେ ଓଡ଼ଗାଁ ବ୍ଲକର ଆଶାକର୍ମୀମାନେ ଶରଣକୁଳ ଗୋଷ୍ଠୀ ଚିକିତ୍ସା ଅଧିକାରୀଙ୍କୁ ଭେଟି ମାର୍ଚ୍ଚ ୨୪ରେ ଅବଗତ କରାଇଥିଲେ। ତଥାପି ଆଶା କର୍ମୀଙ୍କୁ ପ୍ରୋତ୍ସାହନ ରାଶି ମିଳିଲା ନାହିଁ। ଏଣୁ ଆଶାକର୍ମୀମାନେ ସିଡିଏମଓଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି। ୭ ଦିନ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ନୟାଗଡ଼ ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି।

### ମୟୂରକୁ ବାନ୍ଧି ମଜା ନେଲେ ଯୁବକ

**ଭିଡିଓ ଭାଇରାଲ କଲେ, ପରେ ମାରି ଖାଇଲେ**

**ନୟାଗଡ଼ ଅଫିସ,୧୨।୫:** ସରକାର ମୟୂରକୁ ଜାତୀୟ ପକ୍ଷୀ ଭାବେ ଘୋଷଣା କରିଛନ୍ତି ।ହେଲେ ସେହି ପକ୍ଷୀମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉ ନ ଥିବା ଏକ ଭିଡିଓ ଭାଇରାଲ ହେବା ପରେ ସ୍ପଷ୍ଟ ହୋଇଛି । ନୟାଗଡ଼ ବ୍ଲକ ଇଟିରି ପଞ୍ଚାୟତ ତେନ୍ତୁଳିଆପଲ୍ଲୀରେ ଜଣେ ଯୁବକ ନିକଟସ୍ଥ ଜଙ୍ଗଲରୁ ଏକ ମୟୂରକୁ ଧରି ଆଣି ତାକୁ ବାନ୍ଧି ମଜା ଉଠାଇଥିଲେ । ଏନେଇ ଭିଡିଓ ଭାଇରାଲ କରି ସୋସିଆଲ ମିଡିଆରେ ଛାଡିଥିଲେ । ଶେଷରେ ମୟୂରକୁ ମାରି ତାର ମାଂସ ଖାଇଛନ୍ତି । ଏଭଳି ଘଟଣା ଜଣାପଡିବା ପରେ ନୟାଗଡ଼ ଜିଲାର ପରିବେଶବିତ୍‌ମାନେ ଉଦ୍‌ବେଗ୍ ପ୍ରକାଶ କରିଛନ୍ତି। ପରିବେଶବତ୍ ବିଭୁ ପ୍ରସାଦ ଦାଶ, ଗଛସାର ଅନ୍ତର୍ଯ୍ୟାମୀ ସାହୁ କହିଛନ୍ତି, ବନ୍ୟ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ସରକାର ଅନେକ ଆଇନ ଓ ଦଣ୍ଡ ବ୍ୟବସ୍ଥା କରିଛନ୍ତି । କିନ୍ତୁ କେତେଜଣ ଅସାଧୁ ବ୍ୟକ୍ତି ସରକାରୀ ନିୟମକୁ ଅବମାନନା କରି ବନ୍ୟ ପ୍ରାଣୀମାନଙ୍କୁ ଧରିଆଣି ମାରୁଛନ୍ତି । ହେଲେ ସରକାର ଓ ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ ନୀରବ ଦ୍ରଷ୍ଟା ସାଜିଛନ୍ତି। ଏହି ପରିପ୍ରେକ୍ଷୀରେ ମୟୂର ମୃତ୍ୟୁ ଓ ତାକୁ ବାନ୍ଧି ମଜା ନେଉଥିବା ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

### ୪ ଡକାୟତ ଅଟକ : ପୋଲିସକୁ ଗୁଳିମାଡ଼ କରି ଖସିଯିବାକୁ ଉଦ୍ୟମ

**ନୟାଗଡ଼ ଅଫିସ,୧୨।୫:** ଶରଣକୁଳ ଥାନା ପୋଲିସ ଗୋଡିପଡ଼ାରୁ ୪ ଡକାୟତିଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଡକାୟତମାନେ ପୋଲିସକୁ ଚକ୍‌ମା ଦେଖାଇ ଖସି ଯିବାକୁ ଉଦ୍ୟମ କରିଥିଲେ । ଏପରି କି ପୋଲିସ ଉପରକୁ ଗୁଳି ଚାଳନା କରିଥିଲେ । ତେବେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ଏଥିରେ ଗୋଡିପଡା ଖଇରପଟି ଓ କଇଁଫୁଲିଆର ଦୁଇ ଯୁବକ ଅଛନ୍ତି।

## ବାଲ୍ୟ ବିବାହ ରୋକାଗଲା

ନୂଆଗାଁ/ନୟାଗଡ ଅଫିସ, ୧୨।୫ (ଡି.ଏନ୍.ଏ.)

ବାଲ୍ୟ ବିବାହରେ ଲଗାମ ଦେବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ବୁଧବାର ନୂଆଗାଁ ବ୍ଲକର ଅଭୟପୁର ଗାଁରେ ଏକ ନାବାଳିକା ବିବାହ ହେଉଥିଲା। ଖବର ପାଇ ନୟାଗଡ଼ ଚାଇଲ୍ଡ ଲାଇନ, ବାଲ୍ୟ ବିବାହ ନିଷେଧ ଅଧିକାରୀ ଓ ନୂଆଗାଁ ଥାନା ପୋଲିସ ସମ୍ପୃକ୍ତ ଗାଁରେ ପହଞ୍ଚି ବିବାହକୁ ବନ୍ଦ କରାଇଛନ୍ତି । ବିବାହ ପାଇଁ ଝିଅ ଘରେ ଭୋଜି ଭାତ ଚାଲିଥିଲା । ବୁଧବାର ରାତିରେ ନୟାଗଡ଼ ମାଳିସାହିର ସାଗର ନାୟକ(୨୫) ବିବାହ କରିବାକୁ ଆସିଥାନ୍ତେ । ହେଲେ ଝିଅର ବାପା ମା'ଙ୍କୁ ବୁଝାଶୁଝା କରି ବିବାହ ବାତିଲ କରାଯାଇଛି। ୧୬ ବର୍ଷର ନାବାଳିକାଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି ।

## ବୃଦ୍ଧାଶ୍ରମ ସଂସ୍ଥାପକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ଓଡ଼ଗାଁ,୧୨।୫ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ପଥରାକରେ ପ୍ରତିଷ୍ଠିତ ମହର୍ଷି ଦୟାନନ୍ଦ ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତଥା ବୃଦ୍ଧାଶ୍ରମର ସଂସ୍ଥାପକ ସାମାଜିକ କର୍ମୀ ଶଶୀ ଭୂଷଣ ଆଚାରୀଙ୍କ ଗୁରୁବାର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ମୁଖ୍ୟଅତିଥି ଓ ପ୍ରାକ୍ତନ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ହୋତା ସ୍ୱର୍ଗତ ଆଚାରୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ନୟାଗଡ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ନିଖିଳ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସମ୍ପାଦକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ଜିଲା ଆର୍ଯ୍ୟ ସମାଜ ସଭାପତି ରଘୁନାଥ ନାୟକ, ହରିୟାଣାର ଭୂତପୂର୍ବ ସୈନିକ ସଂଘ କର୍ମକର୍ତ୍ତା ସୁବେଦାର ନାରାୟଣ ସିଂହ ବର୍ମା ଓ ଯୁବ କୃଷି ଉଦ୍ୟୋଗୀ ବେଦପାଲ ସିଂହ ପ୍ରମୁଖ ଯୋଗଦେଇଥିଲେ।

## ସ୍କୁଲ ବନ୍ଦ ପ୍ରତିବାଦରେ ଗ୍ରାମବାସୀଙ୍କ ଧାରଣା

**ଛାତ୍ରୀଛାତ୍ର ବି ଆନ୍ଦୋଳନରେ ସାମିଲ**

ଖଣ୍ଡପଡ଼ା,୧୨।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ପଥୁରିଆ ରାମଚଣ୍ଡୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ପ୍ରତିବାଦରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ ଧାରଣା ଦେଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ଥିବା ରାମଚଣ୍ଡୀ ପ୍ରାଥମିକ ବିଦ୍ୟାଳୟରେ ସମ୍ପ୍ରତି ୪୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଗତ ୨ବର୍ଷ ତଳେ ରାଜ୍ୟ ସରକାର କମ୍ ପିଲା ପଢୁଥିବା ତଥା ବିଦ୍ୟାଳୟ ମିଶ୍ରଣ ବ୍ୟବସ୍ଥାରେ ନୂତନ ନିୟମ ଆଣିବା ପରେ ଉକ୍ତ ସ୍କୁଲଟି ବନ୍ଦ ହୋଇଯାଇଥିଲା ।

ପୂର୍ବରୁ ବିଭାଗୀୟ ଅଧିକାରୀ ତଥା ଜିଲା ପ୍ରଶାସନକୁ ସମସ୍ୟା ସମ୍ପର୍କରେ ଚିଠି ଲେଖାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ଫଳରେ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଭଳି ସ୍କୁଲ ଚାଲିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତେବେ ଗଣଶିକ୍ଷା ବିଭାଗ ତଥା ଜିଲା ପ୍ରଶାସନ ଏ ନେଇ କୌଣସି ପଦକ୍ଷେପ ନ ନେବାରୁ ଗତ ମାର୍ଚ୍ଚ ୧୪ରେ ଛାତ୍ରୀଛାତ୍ରଙ୍କ ସମେତ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ । ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ମିଳିଥିଲେ ମଧ ସମସ୍ୟାର ସମାଧାନ ହୋଇ ନ ଥିଲା। ଏହାର ପ୍ରତିବାଦରେ ଗୁରୁବାର ସକାଳେ ଶତାଧିକ ଗ୍ରାମବାସୀ ଓ ଛାତ୍ରୀଛାତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଅପରାହ୍ନରେ ଖଣ୍ଡପଡା ତହସିଲଦାର ପାର୍ଥସାରଥୀ ହାଁସଦା, ପୋଲିସ ଆଇଆଇସି ବିଶ୍ୱଜିତ୍ ରାଉତରାୟ, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ହଟିଥିଲା ।



ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ସହ ଗ୍ରାମବାସୀ ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୩ବର୍ଷର ଶିଶୁ ଆଭାସ




ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ସହ ଆଭାସ ।

ନୟାଗଡ଼ ଅଫିସ,୧୨।୫

ନୟାଗଡ଼ ବ୍ଲକ ଲାଠିପଡ଼ା ଗାଁର ୩ ବର୍ଷର ଶିଶୁ ଆଭାସ ଓଁମ ପ୍ରକାଶ ସାହୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ନୟାଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି । ସେ ଇଂଲିଶ ବର୍ଣ୍ଣମାଳା, ୪ ଋତୁ, ୧ ହିନ୍ଦୀ ଓ ୫ ଇଂଲିଶ ପଦ୍ୟ , ୧୨ ମାସର ନାମକୁ ଇଂଲିଶରେ ନିର୍ଭୁଲ ଭାବେ କହିପାରୁଛନ୍ତି। ସେହିପରି ୧୦ ପନିପରିବା, ୮ ଗ୍ରହ, ୧୩ ପ୍ରାଣୀ, ୧୦ ଯାନ, ଶରୀରର ୧୬ଟି ଅଂଶର ନାମ, ଅପୋଜିଟ ୱାର୍ଡ, ୧ରୁ ୧୦୦ ପର୍ଯ୍ୟନ୍ତ ଗଣତି ସହ ପୂରଣ ବାଚକ ସଂଖ୍ୟାର ନାମ, ସଂସ୍କୃତ ଶ୍ଳୋକ, ବିଭିନ୍ନ ପ୍ରାଣୀଙ୍କ ନାମକୁ ଚମତ୍କାର ଭାବେ କହି ପାରୁଛନ୍ତି । ପୁଣି ଜାତୀୟ ସଙ୍ଗୀତକୁ ଅତି ସୁନ୍ଦର ଭାବେ ସେ ବୋଲି ପାରୁଛନ୍ତି। ପୁଅର ଏସବୁ କଥାବାର୍ତ୍ତାକୁ ଭିଡିଓ କରି ଆଭାସଙ୍କ ମା' ୨୦୨୨ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନାମ ସାମିଲ ପାଇଁ ପଠାଇଥିଲେ । ଖୁସିର କଥା ଆଭାସଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ମାନପତ୍ର, ପ୍ରଶଂସା ପତ୍ର, ମେଡାଲ ସୋମବାର ମିଳିଛି । ଏନେଇ ଆଭାସଙ୍କ ମା'ମଧୁସ୍ମିତା ସାହୁ ଓ ବାପା ପ୍ରଭାସ କୁମାର କୁହନ୍ତି, ଆମ ନିଜ ଘର ଲାଠିପଡ଼ାରେ । ଆମେ ବେଙ୍ଗାଲୁରରେ ରହୁଛୁ । ଆଭାସ ଆମର ସାନପୁଅ । ପିଲାଟି ଦିନରୁ ତାର ଏପରି ପ୍ରତିଭାର ପରିଚୟ ମିଳିଥିଲା । ତାକୁ ଯାହା କହିଲେ ତାର ମନ ରହୁଥିଲା। ତାକୁ ୯ ମାସ ହେବା ପରେ ଆମେ ତାକୁ ବିଭିନ୍ନ କଥା ଶିଖାଇ ଚାଲିଥିଲୁ । ପୁଅ ସବୁ ସ୍ମରଣ ରଖି ସହଜରେ କହିପାରୁଥିଲା ।

- ଇଂଲିଶରେ କହୁଛନ୍ତି ବିଭିନ୍ନ ଶବ୍ଦ
- ସ୍ମରଣ ରଖିପାରୁଛନ୍ତି ସଂସ୍କୃତ ଶ୍ଳୋକ

## ମହିଳାଙ୍କୁ ବଳାତ୍କାର ଉଦ୍ୟମ

ନୟାଗଡ଼ ଅଫିସ,୧୨।୫

ଶରଣକୁଳ ଥାନା ମଗରବନ୍ଧ ପଞ୍ଚାୟତ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୫୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମହିଳାଙ୍କ ସହ ବଳାତ୍କାର ଉଦ୍ୟମ କରିଥିବା ଯୁବକଙ୍କ ପରିବାର ସହ ପୂର୍ବରୁ ବିବାଦ ଥିଲା । ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବାକୁ ଚାହୁଁ ଥିବାବେଳେ ଗତ ଏପ୍ରିଲ ୧ରେ ଗାଁଲୋକଙ୍କ ସହମତିରେ ଏହି ବିବାଦର ସମାଧାନ ହୋଇଥିଲା । କିନ୍ତୁ ଗତ ୭ ତାରିଖ ସନ୍ଧ୍ୟାରେ ପ୍ରଫୁଲ ପ୍ରଧାନ ସମ୍ପୃକ୍ତା ମହିଳାଙ୍କୁ ବାରିପଟେ ଆସି ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି।

## କାରକୁ ଧକ୍କା ଦେଇ ବାଇକ୍ ଚୂର୍‌ମାର

ଖଣ୍ଡପଡ଼ା,୧୨।୫ (ସ୍ୱ.ପ୍ର.)

ଗୁରୁବାର ସକାଳୁ ନୟାଗଡ଼ରୁ କୋସକା ଯାଉଥିବା ଏକ କାରକୁ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଧକ୍କା ଦେବା ଫଳରେ ବାଇକ୍‌ଟି ଚୁରମାର ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ସହିତ କାରରେ ଯାଉଥିବା ୪ ବ୍ୟକ୍ତିଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, କଟକ ନୂଆପଡ଼ା ଅଞ୍ଚଳର ପ୍ରମୋଦ କୁମାର ବେହେରା ଗୁରୁବାର ସକାଳେ ନିଜ ବନ୍ଧୁଙ୍କ କାରରେ କୋସକାକୁ ଯାଉଥିଲେ । ଏହି ସମୟରେ ଗଡିଆସାହି ସିଂଘାପଡା ରାସ୍ତାର ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍‌ଟି ମୁହାଁମୁହିଁ ଉକ୍ତ କାରକୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ବାଇକଟି ଚୁରମାର ହୋଇଯାଇଥିବା ବେଳେ କାରରେ ଥିବା ୪ ବ୍ୟକ୍ତି ଆହତ ହୋଇଛନ୍ତି । ଆହତ ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ପ୍ରମୋଦ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।



ଦୁର୍ଘଟଣାଗ୍ରସ୍ତ ବାଇକ୍।

## ପାହାଡ଼ ତଳି ଗାଁ ଇଜ୍ଜତ ଘୋଡ଼ାମାରୀ

ଖଣ୍ଡପଡ଼ା,୧୨।୫(ସ୍ୱ.ପ୍ର.)

ସମାଜରେ ଦଳିତ ଓ ଅସହାୟଙ୍କ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତରେ ପ୍ରଶାସନିକ ଅବହେଳା ଓ ଦୂରଦୃଷ୍ଟି ଅଭାବ ଯୋଗୁ ସରକାରଙ୍କ କଲ୍ୟାଣ ଯୋଜନା ସୁଫଳ ରୂପାୟନ ହୋଇପାରୁ ନ ଥିବା ଅଭିଯୋଗ ହେଉଛି । ଏହି ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତର ଖଣ୍ଡପଡ଼ା-କଣ୍ଟିଲୋ ମୁଖ୍ୟ ରାସ୍ତାର ଦେଢ କିଲୋମିଟର ଦୂରରେ ଥିବା ପାହାଡ ତଳି ଗାଁ ଇଜ୍ଜତ ଘୋଡାମାରୀକୁ ଉଦାହରଣ ଭାବେ ନିଆଯାଇପାରେ। ବ୍ଲକ ପ୍ରଶାସନର ଉଦାସୀନତା ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ମତ ପ୍ରକାଶ ପାଇଛି ।

ଉକ୍ତ ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବସବାସ କରୁଛନ୍ତି । ଜନସଂଖ୍ୟା ମାତ୍ର ୩୫ । ଝାଟିମାଟି ଚାଳଛପର ଘରେ ବହୁ ବର୍ଷ ଧରି ବସବାସ କରୁଥିବା ସେହି ପରିବାର ସଦସ୍ୟଙ୍କୁ କୌଣସି ଆବାସ ଯୋଜନାରେ ସାମିଲ କରାଯାଇନାହିଁ । ପ୍ରଶାସନର ଅଣଦେଖା ଯୋଗୁ ଆମକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ ବୋଲି ଗ୍ରାମର କନକ ପ୍ରଧାନ, ମାଗୁଣି ପ୍ରଧାନ, ନିବାସ ପ୍ରଧାନ,ସୁବାସ ପ୍ରଧାନ,ଲୋଚନ ପ୍ରଧାନ ପ୍ରମୁଖ କହିଛନ୍ତି । ବହୁ ବର୍ଷ ତଳେ ଆମ ଗ୍ରାମର ୨/୩ ପରିବାରକୁ ୨୫ ହଜାର ଟଙ୍କିଆ ଆବାସ ଗୃହ ମିଳିଥିଲା । ହେଲେ ଅନ୍ୟମାନଙ୍କୁ ଆଜିପର୍ଯ୍ୟନ୍ତ କୌଣସି ଆବାସ ଯୋଜନାରେ ସାମିଲ କରାଯାଇନାହିଁ । ଏ ସଂକ୍ରାନ୍ତରେ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। କ୍ଷେତବାଡି ନ ଥିବା ସଂପୃକ୍ତ ଗ୍ରାମର ବାସିନ୍ଦା ପରିବାର ପ୍ରତିପୋଷଣ ପାଇଁ ବାହାରକୁ ଦାଦନ ଖଟିବାକୁ ଯାଉଥିବା ବେଳେ ମହିଳାମାନେ ନିକଟସ୍ଥ ଜଙ୍ଗଲରୁ ପତ୍ର ଗୋଟାଇ ଖଲି ସିଲାଇ କରୁଛନ୍ତି । ସେହି ଖଲିକୁ ବିକ୍ରି କରି ସେମାନେ ନିଜର ତେଲଲୁଣର ସଂସାର ଚଳାଇ ଆସୁଛନ୍ତି।

୨୦୧୬-୧୭ରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଗାଁରେ ସିମେଣ୍ଟ କଂକ୍ରିଟ ରାସ୍ତାଟିଏ ନିର୍ମାଣ କରାଯାଇଥିଲା । ଏବେ ସେହି ରାସ୍ତା ଅବସ୍ଥା ଶୋଚନୀୟ । ପାନୀୟ ଜଳ ଗରାଏ ସଂଗ୍ରହ ପାଇଁ ଗାଁର ମହିଳାମାନଙ୍କୁ ହରାଇଣ ହେବାକୁ ପଡୁଛି। ଗାଁରେ ଥିବା ନଳକୂପରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି । ଗ୍ରାମବାସୀ ବାଧ୍ୟ ହୋଇ ସେହି ପାଣିକୁ ବ୍ୟବହାର କରୁଛନ୍ତି । ଅତି ଜରୁରୀ ପଡିଲେ ଗହିର ବିଲରେ ଥିବା ଏକ କୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି । ସ୍ନାନ ଶୌଚାଦି ପାଇଁ ଗ୍ରାମବାସୀ ପ୍ରାୟ୨ କିଲୋମିଟର ଦୂର କୁଞ୍ଜବେଲ୍ଲୀ ଗ୍ରାମର ଏକ ପୋଖରୀ ଉପରେ ନିର୍ଭର କରୁଛନ୍ତି। ଗ୍ରାମରେ କୋଠଘର କି ଭାଗବତ ଘର ନାହିଁ । ନାନା ସମସ୍ୟା ମଧ୍ୟରେ ଦିନ କାଟୁଥିବା ଗ୍ରାମବାସୀ ଏ ସଂକ୍ରାନ୍ତରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏ ସମ୍ପର୍କରେ ବିଡିଓ ଅରୁଣିମା ସାହୁ କହିଛନ୍ତି, ଆବାସ ଯୋଜନା ପାଇଁ ଟାର୍ଗେଟ ଆସିନାହିଁ। ଟାର୍ଗେଟ ଆସିଲେ ଉକ୍ତ ଗାଁକୁ ଯାଇ ତଦନ୍ତ କରାଯିବ। ଯେଉଁମାନେ ପ୍ରକୃତ ହିତାଧିକାରୀ ସେମାନଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯିବ ।

- ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ
- ନିର୍ବାଚନ ସମୟରେ ନେତାଙ୍କ ପାଦ ପଡ଼େ





ଇଜ୍ଜତ ଘୋଡାମାରୀ ଗାଁର ଅବହେଳିତ ଗ୍ରାମବାସୀ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ମେ, ୨୦୨୨



## ସଂକ୍ଷେପରେ

### ଟ୍ରକ୍ ସହ ଅଟୋରିକ୍ସା ଧକ୍କା: ମହିଳା ମୃତ, ୩ ଗୁରୁତର

**ଯାଜପୁର ରୋଡ,୧୨।୫(ଡି.ଏନ.ଏ.):** ଯାଜପୁର ରୋଡକୁ ସଂଯୋଗ କରୁଥିବା ୨୦୦ ନଂ. ଜାତୀୟ ରାଜପଥର ଅଲିଆ ଛକ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦାନଗଦିରୁ ଏକ ଅଟୋରିକ୍ସାରେ ଗୋଟିଏ ପରିବାରର ୫ ଜଣ ବିଞ୍ଝାରପୁରକୁ କୌଣସି କାମରେ ଯାଉଥିଲେ। ଏହି ସମୟରେ ଏକ ୧୦ ଚକିଆ ଟ୍ରକ ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଫଳରେ ଜଣେ ମହିଳା ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସେମାନଙ୍କ ପରିଚୟ ମିଳି ପାରିନାହିଁ। କୋରେଇ ପୋଲିସ ତଦନ୍ତ ଜାରି ରଖିଛି।

### ୧୪ରେ ଖବରଦାତାଙ୍କୁ ବୁଷ୍ଟର ଡୋଜ୍

**ଧର୍ମଶାଳା,୧୨।୫(ଡି.ଏନ.ଏ.):** ଧର୍ମଶାଳା ପ୍ରେସ୍ କ୍ଲବଠାରେ ଖବରଦାତାମାନଙ୍କୁ ଆସନ୍ତା ୧୪ ତାରିଖରେ କୋଭିଡ୍ ବୁଷ୍ଟର ଡୋଜ୍ ଦିଆଯିବାକୁ ସ୍ଥିର କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଖବରଦାତାଙ୍କୁ ଟିକାକରଣ ପାଇଁ ବ୍ୟବସ୍ଥା କରାଯାଇ ପ୍ରଥମ ଓ ଦ୍ୱିତୀୟ ଡୋଜ ଟିକାକରଣ କରାଯାଇଥିଲା। ତେବେ ଦ୍ୱିତୀୟ ଡୋଜ ଟିକା ନେବାର ୯ ମାସ ପରେ ତୃତୀୟ ଡୋଜ ନେବାର ବ୍ୟବସ୍ଥା ରହିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ଟିକାକରଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ୧୪ ତାରିଖ ପୂର୍ବାହ୍ନ ୮ଟା୩୦ରେ ଟିକାକରଣ କରାଯିବ। ଏଠାରେ ଧର୍ମଶାଳା ବ୍ଲକ ସମେତ ବଡ଼ଚଣା ଓ ରସୁଲପୁର ବ୍ଲକରେ କାର୍ଯ୍ୟରତ ଖବରଦାତାମାନେ ଟିକା ନେଇପାରିବେ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି।

### ସଂଗଠିତ ହୋଇ ରହିଲେ ସମସ୍ୟା ସମାଧାନ ସହଜ ହେବ

**କାଳିଆପାଣି,୧୨।୫(ଡି.ଏନ.ଏ.):** କ୍ରୋମାଇଟ୍ ଖଣି ଅଞ୍ଚଳରୁ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଭଡ଼ା ବୃଦ୍ଧି କରାଯାଇଥିବାରୁ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଖଣି ପ୍ରଭାବିତ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପ୍ରିଲ ୨୧ରୁ ଟ୍ରକ୍ ଭଡ଼ା ବୃଦ୍ଧି ନିମନ୍ତେ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ନେତୃତ୍ୱରେ କ୍ରୋମାଇଟ ପରିବହନରେ ଅସହଯୋଗ ଆନ୍ଦୋଳନ କରାଯାଇଥିଲା। ଫଳରେ ୧୫ ଦିନ ଧରି ପରିବହନ ଠପ୍ ହୋଇଥିଲା। ଟ୍ରକ୍ ମାଲିକଙ୍କ ସମସ୍ୟାକୁ ହୃଦଙ୍ଗମ କରି ବିଧାୟକ ଘଡ଼ାଇ ସମାଧାନ ସୂତ୍ର ବାହାର କରିଥିଲେ। ୨୦% ପରିବହନ ଭଡ଼ା ବୃଦ୍ଧି ପାଇଁ ସଂଘ ଦାବି କରିଥିବାବେଳେ ବର୍ତ୍ତମାନ ୧୦% ଓ ୬ ମାସ ପରେ ୫% ଓ ବର୍ଷ ଶେଷ ସୁଦ୍ଧା ଆଉ ୫% ବୃଦ୍ଧି କରିବା ପାଇଁ ସହମତି ପ୍ରକାଶ ପାଇଛି। ବିଧାୟକଙ୍କ ସହଯୋଗକୁ ଟ୍ରକ୍ ମାଲିକମାନେ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ତେବେ ସଂଗଠିତ ହୋଇ ରହିଲେ ସବୁ ସମସ୍ୟା ସମାଧାନ ସହଜ ହେବ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ସୁକିନ୍ଦା ମିନେରାଲ ଟ୍ରକ୍ ମାଲିକ ସଂଘ ସଭାପତି ବିଦ୍ୟାଧର ପାତ୍ର ସଭାପତିତ୍ୱ କରିଥିଲେ। ଖଣି ପ୍ରଭାବିତ ସଂଘ ପକ୍ଷରୁ ବୈକୁଣ୍ଠ ମହାନ୍ତ, କୃତ୍ତିବାସ ଭଞ୍ଜ, ଦାନଗଦୀ ସଂଘ ପକ୍ଷରୁ ଜ୍ୟୋତିପ୍ରକାଶ ସାହୁ, ଡୁବୁରୀରୁ ସଞ୍ଜି ରାଉତ, ଟମକାରୁ ଗୁଣ ମହାନ୍ତ, କୁହିକାରୁ ବିଚିତ୍ର ନାୟକ ଓ ସୁକିନ୍ଦାରୁ ନାଦିର ସାହ ଯୋଗ ଦେଇଥିଲେ।

# ଅଧିକାରୀଙ୍କୁ ଫାଇଦା ଚାଷୀଙ୍କ ଅଭିଯୋଗ

## ପାକ୍ସରେ ଧାନ କିଣା ଦୁର୍ନୀତି ମାମଲା

- ବହୁ ବର୍ଷ ଧରି ଚାଲିଛି ତଦନ୍ତ
- ପୁଣି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

**ଯାଜପୁର ଅଫିସ,୧୨।୫**

ଯାଜପୁର ଜିଲାର କେତେକ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)ରେ ଦୁର୍ନୀତି ଏବଂ ତାକୁ ଘଣ୍ଟ ଘୋଡାଇବାକୁ ଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବା ସାଧାରଣ କଥା ହୋଇଛି। ଚାଷୀଙ୍କ ପକ୍ଷରୁ କୌଣସି ଅଭିଯୋଗ ହେଲେ ତଦନ୍ତକାରୀ ଅଧିକାରୀଙ୍କୁ ସୁହାଉଥିବା ମନେ ହେଉଛି। ଅଭିଯୋଗକୁ ଭିତ୍ତିକରି ତଦନ୍ତକାରୀ ଅଧିକାରୀ ଓ ଦୁର୍ନୀତିଗ୍ରସ୍ତ ପାକ୍ସ କର୍ମଚାରୀଙ୍କ ମଧ୍ୟରେ ସଲାସୁତୁରା ହୋଇ ବଡଧରଣର ମୁଲଚାଲ ହେଉଥିବା ସନ୍ଦେହ କରାଯାଉଛି। ଫଳରେ ତଦନ୍ତ ନିର୍ଦ୍ଦେଶ ବହୁ ବର୍ଷ ଧରି କାଗଜକଲମରେ ସୀମିତ ରହୁଛି ବୋଲି ମତପ୍ରକାଶ ପାଇଛି। ଏହି କାରବାରରେ କେତେଜଣ ରାଜନେତାଙ୍କ ସହଯୋଗ ରହିଥିବାରୁ ଦୁର୍ନୀତି ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଚାପି ହୋଇଯାଇଛି। ସମ୍ପୃକ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଏଥିରେ କୌଣସି କ୍ଷତି ହେଉ ନାହିଁ। ବରଂ ଅସହାୟ ଚାଷୀ ଦହଗଞ୍ଜ ହେଉଛନ୍ତି ବୋଲି ମତ ପ୍ରକାଶ ପାଇଛି ।

ଗତ ୪ ମାସ ହେଲା କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ଓ ବରୁଣେଇ ପାକ୍ସରେ ଧାନ ସଂଗ୍ରହରେ ଅନିୟମିତତା ଅଭିଯୋଗର ତଦନ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରିନାହିଁ। ଏହି କ୍ରମରେ ରାଜ୍ୟ ସମବାୟ ସମିତିର ଉପନିବନ୍ଧକ ୭ଦିନ ମଧ୍ୟରେ ଅଭିଯୋଗର ତଦନ୍ତ କରି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରିବାକୁ କଟକ ଡିଭିଜନ-୨ର ଡିଆରସିଏସ୍ (ଡେପୁଟି ରେଜିଷ୍ଟ୍ରାର ଅଫ୍ କୋପରେଟିଭ ସୋସାଇଟି)ଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ବଡ଼ଚଣା ପାକ୍ସରେ ଟୋକନ ନମ୍ବର ଜାଲିଆତି ଏବଂ ରଖିଦେଇପୁର ପାକ୍ସରେ ଚାଷୀଙ୍କ ନାମ ପଞ୍ଜୀକରଣରେ ଦୁର୍ନୀତି ଅଭିଯୋଗ ଉପରେ ଏଭଳି କେତେକ ନିର୍ଦ୍ଦେଶ ଫାଇଲରେ ସୀମିତ ରହୁଥିବାରୁ ଚାଷୀଙ୍କ ନ୍ୟାୟ ପାଇବା ଆଶା ମଉଳି ଯାଉଛି ବୋଲି ଚର୍ଚ୍ଚା ହେଉଛି।

ଅଭିଯାଗ ଅନୁଯାୟୀ, ବରୁଣ୍ଡେଇ ଓ ଧନେଶ୍ୱର ପାକ୍ସରେ ଧାନ କିଣାରେ ଅନିୟମିତତା ଏବଂ ଚାଷୀମାନେ ଧାନ ଦେଇ ସରକାରୀ ଦରରେ ଟଙ୍କା ନ ପାଇ ମିଲ ଦରରେ ୧୩୮୦ ଟଙ୍କାରେ ପ୍ରାପ୍ୟ ଦିଆଯାଇଥିବା ନେଇ ଚାଷୀ ବଳରାମ ରାଉତ ସମିତିର ରେଜିଷ୍ଟ୍ରାରଙ୍କୁ ୨୭।୧୨।୨୦୨୧ରେ ଲିଖିତ ଭାବେ ଜଣାଇଥିଲେ। ଏହାସହ ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବାକୁ ସେ ଅନୁରୋଧ କରିଥିଲେ। ଏହି ଅଭିଯୋଗ ଉପରେ ଅନୁରୂପ ଭାବେ ପଦକ୍ଷେପ ନେବାକୁ କଟକ ଡିଭିଜନ-୨ର ଡିଆରସିଏସ୍‌ଙ୍କୁ ଗତ ୧୭।୧।୨୦୨୨ରେ ନିର୍ଦ୍ଦେଶ ଦେଇଥିଲେ, ହେଲେ ଆଜି ପର୍ଯ୍ୟନ୍ତ ସେହି ନିର୍ଦ୍ଦେଶ ଉପରେ କୌଣସି ତଦନ୍ତ ରିପୋର୍ଟ ନିର୍ଦ୍ଦେଶାଳୟକୁ ମିଳିନାହିଁ ବୋଲି ସମବାୟ ସମିତିର ଉପନିବନ୍ଧକ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ଯାହାକି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା ଏବଂ କର୍ତ୍ତବ୍ୟରେ ଅବହେଳାକୁ ଇଙ୍ଗିତ କରୁଛି। ସେହିପରି ଗତ ନଭେମ୍ବରରେ ଧର୍ମଶାଳା ବ୍ଲକ ରଖିଦେଇପୁର ପାକ୍ସ ଅଧୀନସ୍ଥ କବାଟବନ୍ଧ ଗ୍ରାମର ଚାଷୀ ଅନୁପମା ସାହୁ ପ୍ରତିବର୍ଷ ରଖିଦେଇପୁର ପାକ୍ସର ସମ୍ପାଦକ ଚାଷୀ ପଞ୍ଜୀକରଣ ପାଇଁ ୫୦୦ ଟଙ୍କା ନେଇଥାନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ଆବଶ୍ୟକ ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସମବାୟ ସମିତି (କ୍ରେଡିଟ)ର ଡେପୁଟୀ ରେଜିଷ୍ଟ୍ରାର ନିର୍ଦ୍ଦେଶ ଜାରି କରିଥିଲେ। ସେହିପରି ଗତ ୫।୪।୨୦୨୧ରେ ବଡଚଣା ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ ୧୨୫, ୨୪୫, ୭୭, ୧୮୯, ୪୨୫, ୪୮୭, ୧୦, ୩୯, ୧୦୨, ୧୬୮, ୨୮୪, ୩୪୬, ୩୮୫, ୧୮୭, ୧୨୧, ୨୪୩, ୨୯୯, ୧୫୫, ୩୧, ୭୨ ଇତ୍ୟାଦି ଟୋକନ ନମ୍ବର ଜାଲିଆତି କରିଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ପୈତୃକ ଚାଷଜମିକୁ ଜାଲିଆତି କରି କେତେଜଣ ଲୋକଙ୍କ ନାମରେ ଅନ୍‌ଲାଇନ ନାମ ପଞ୍ଜୀକରଣ କରାଇ ସେମାନଙ୍କଠାରୁ ଧାନ କିଣାଯାଇ ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିଲା। ଏହି ଅଭିଯୋଗ ଉପରେ ତଦନ୍ତ କରି ରିପୋର୍ଟ ଦେବାକୁ ଏକାଧିକ ଥର ନିର୍ଦ୍ଦେଶ ହୋଇଥିଲା। ଯାହାକି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

ଏ ସଂକ୍ରାନ୍ତରେ ଯାଜପୁର ସିଆରସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଧନେଶ୍ୱର ଓ ବରୁଣ୍ଡେଇ ପାକ୍ସରେ ଦୁର୍ନୀତି ଅଭିଯୋଗ ମାମଲାର ତଦନ୍ତ ଚାଲିଛି। ସେହିପରି ବଡ଼ଚଣା ପାକ୍ସରେ ଟୋକନ ଜାଲିଆତି ଅଭିଯୋଗ ଉପରେ ତଦନ୍ତ ରିପୋର୍ଟ ଦାଖଲ ହୋଇ ସାରିଛି । ବଡଚଣା ପାକ୍ସରେ ଦୁର୍ନୀତି ମାମଲାକୁ ୧ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ହେଲେ ସରକାରୀ ତଦନ୍ତର କେବେ ପୂର୍ଣ୍ଣଚ୍ଛେଦ ପଡିବ ସେନେଇ ଚାଷୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ୩ୟ ଦିନରେ

**ଚଣ୍ଡିଖୋଲ,୧୨।୫(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଶାଳପଡ଼ା ପଞ୍ଚାୟତ ଝଟିଆପଡ଼ା ପ୍ରାଥମିକ ବିଦ୍ୟାଳୟ ବନ୍ଦ ପ୍ରତିବାଦରେ ଗ୍ରାମବାସୀ ବଡ଼ଚଣା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହି ଧାରଣା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ତେବେ ଅଦ୍ୟାବଧି ସେମାନଙ୍କ ସମସ୍ୟା ସମାଧାନ ହୋଇନାହିଁ କିମ୍ବା ବ୍ଲକ ଶିକ୍ଷାଧିକାରୀ ତାଙ୍କ ସହିତ କୌଣସି ଆଲୋଚନା କରୁନାହାନ୍ତି। ଫଳରେ ଏହାକୁ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ୨୦୧୯ରେ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶିବା ପାଇଁ ନିର୍ଦ୍ଦେଶନାମା ଥିଲା। ସେହି ହାରରେ ଝଟିଆପଡ଼ା ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବାରୁ ଏହାକୁ ଶାଇଲପଡ଼ା ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ଏବେ କିନ୍ତୁ ଗ୍ରାମବାସୀ ବିଦ୍ୟାଳୟରେ ୨୯ ପିଲା ଥିବା ସତ୍ତ୍ୱେ କାହିଁକି ବନ୍ଦ କରାଗଲା ବୋଲି ଦାବି କରି ଧାରଣା ଜାରି ରଖିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**ରସୁଲପୁର,୧୨।୫(ଡି.ଏନ.ଏ.)**

କୁଆଖିଆ ଥାନା ଅଧୀନ ୨୦ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ କୋଇଲା ଡିପୋରେ ଚାଳକ ଭାବେ କାମ କରୁଥିବା ପ୍ରଦୀପ କୁମାର ମୁଣ୍ଡା ଆତ୍ମହତ୍ୟା କରିଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା ଡୁଡୁମୁଙ୍ଗା ଥାନା ଖୁଣ୍ଟପିଙ୍ଗୁ ଅଞ୍ଚଳରେ ବୋଲି ଜଣାପଡିଛି। ପାରିବାରିକ କଳହକୁ କେନ୍ଦ୍ରକରି ପ୍ରଦୀପ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବୁଧବାର ରାତିରେ ପ୍ରଦୀପ ଡିପୋ ନିକଟରେ ରହୁଥିବା ଘରଠାରୁ କିଛି ଦୂରରେ ରଶି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରଦୀପଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପ୍ରଦୀପଙ୍କ ବଡ଼ ଭାଇ ପ୍ରଫୁଲ୍ଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୦/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରଦୀପଙ୍କ ସ୍ତ୍ରୀ କେନ୍ଦୁଝରରେ ରହୁଛନ୍ତି। ପୋଲିସ ତାଙ୍କ ବୟାନ ରେକର୍ଡ କରିବ। ଏଥିସହିତ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି କୁହାଯାଉଛି।

# ଝିଅଙ୍କ ଡ୍ରପ୍ ଆଉଟ ତଥ୍ୟ ସଂଗ୍ରହ କରାଯିବ



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଯାଜପୁର ଟାଉନ,୧୨।୫(ଡି.ଏନ.ଏ.)**

## ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ କର୍ମଶାଳା

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲା ପ୍ରଶାସନ, ୟୁନିସେଫ୍ ଓ ସ୍ୱେଚ୍ଛାସେବୀ ସଂଗଠନ ଆକ୍ସନଏଡ୍‌ର ସହାୟତାରେ ଏକ ଦିବସୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି କହିଥିଲେ, ସରକାରୀସ୍ତରରେ ଜିଲାସ୍ତରୀୟ, ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ପ୍ରତିରୋଧ ପାଇଁ ଟାସ୍କଫୋର୍ସ ଗଠନ ସହ ନିୟମିତ ସମୀକ୍ଷା କରାଯାଉଛି। ବର୍ତ୍ତମାନ ନୂତନ ଭାବେ ପଞ୍ଚାୟତ ଓ ପୌରାଞ୍ଚଳରେ ଲୋକ ପ୍ରତିନିଧି ନିର୍ବାଚିତ ହୋଇଥିବାରୁ ସେମାନଙ୍କୁ ସାମିଲ ଓ ସଚେତନ କରି ତାଙ୍କ ସହାୟତା ନେବାର ବ୍ୟବସ୍ଥା କରାଯାଉଛି। ବାଲ୍ୟ ବିବାହକୁ ପ୍ରତିସ୍ତରରେ ପ୍ରତିହତ ପାଇଁ ଉଦ୍ୟମ ସ୍ୱରୂପ ବିଦ୍ୟାଳୟରୁ ଝିଅ ପିଲାଙ୍କ ଡ୍ରପ୍ ଆଉଟର ତଥ୍ୟ ନିୟମିତ ସଂଗ୍ରହ ସହ ବିଦ୍ୟାଳୟକୁ ନ ଆସିବାର କାରଣ ଓ ସଚେତନତା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଶିଶୁ ସୁରକ୍ଷା ବିଭାଗ, ସମାଜ କଲ୍ୟାଣ ବିଭାଗ, ଶିକ୍ଷା ବିଭାଗ, ଲୋକ ପ୍ରତିନିଧି ଓ ସ୍ୱେଚ୍ଛାସେବୀଙ୍କ ମିଳିତ ସମନ୍ୱୟକୁ ଗୁରୁତ୍ୱ ଦେବା ସହ ଅଙ୍ଗନୱାଡି କର୍ମୀ ଓ ଶିକ୍ଷକମାନେ ନିୟମିତ ଡ୍ରପ୍ ଆଉଟ ସ୍ଥିତିକୁ ଅନୁଧ୍ୟାନ ଓ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ସନ୍ଦ୍ର ସାମଲ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସାମାଜିକ କର୍ମୀ ମଣ୍ଟୁ ଦାସ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା, ବାଲ୍ୟ ବିବାହର କାରଣ, ନିରାକରଣ, ସଚେତନତା, ଆକ୍ସନ ପ୍ଲାନ ପ୍ରସ୍ତୁତି, ପାରସ୍ପରିକ ସମନ୍ୱୟ ଓ ନିୟମିତ ସମୀକ୍ଷା ସମ୍ପର୍କରେ ବିଶଦ ଆଲୋକପାତ କରିଥିଲେ। ପ୍ରତ୍ୟେକ ଜିଲାସ୍ତରୀୟ, ବ୍ଲକସ୍ତରୀୟ, ପଞ୍ଚାୟତସ୍ତରୀୟ ବୈଠକରେ ବାଲ୍ୟ ବିବାହ ସମ୍ପର୍କରେ ଏକ କାର୍ଯ୍ୟସୂଚୀ ରଖାଯାଇଥିବାରୁ ଏହାର ସମୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି।

# ଗୋମାତାକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପାଇଁ ପଦଯାତ୍ରା

**ରସୁଲପୁର,୧୨।୫(ଡି.ଏନ.ଏ.)**

## ଅଢ଼େଇ ବର୍ଷରେ ୪ ଧାମ ଓ ୧୨ ଜ୍ୟୋତିର୍ଲିଙ୍ଗ ସ୍ଥଳରେ ପହଞ୍ଚିବେ


ଯୁବ ଇଞ୍ଜିନିୟର ଶିବରାଜ ସିଂ ଶେଖାୱତ ପଦଯାତ୍ରାରେ ଯାଉଛନ୍ତି।

ଗାଇକୁ ମାତା ବୋଲି ସମ୍ବୋଧନ କରାଯାଉଛି। ଆମ ଧର୍ମଶାସ୍ତ୍ର ଅନୁସାରେ ସମୁଦ୍ର ମନ୍ଥନ ବେଳେ ଜୀବଜଗତକୁ ୧୪ଟି ରତ୍ନ ପ୍ରାପ୍ତ ହୋଇଥିଲା। ସେଥିରେ ଗୋ-ମାତା ଅନ୍ୟତମ। ଗୋ-ମାତାଠାରୁ ମିଳୁଥିବା ସମସ୍ତ ଦ୍ରବ୍ୟ ମାନବ ସମାଜ କଲ୍ୟାଣରେ ଲାଗିଥାଏ। ସେହି ଅମୂଲ୍ୟ ସମ୍ପଦ ଗୋମାତାକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ ଓ ଗୋ-ହତ୍ୟା ବନ୍ଦ କରିବା ଦାବି କରି ସମଗ୍ର ଭାରତବର୍ଷ ପରିକ୍ରମଣ କରିବା ପଣ କରିଛନ୍ତି ୨୭ ବର୍ଷୀୟ ଯୁବ ଇଞ୍ଜିନିୟର ଶିବରାଜ ସିଂ ଶେଖାୱତ। ପଦଯାତ୍ରୀ ଶେଖାୱତ ଏକ ଲାଲ ରଙ୍ଗର ପତାକା ଧରି ଯାଉଥିବା ବେଳେ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦୁର୍ଗାଦେବୀ ମନ୍ଦିରରେ ବିଶ୍ରାମ ନେଇଥିଲେ। ଏହି ଅବସରରେ 'ଧରିତ୍ରୀ' ପ୍ରତିନିଧିଙ୍କ ସହ ତାଙ୍କର ବାର୍ତ୍ତାଳାପ ହୋଇଥିଲା। ଏହି ସମୟରେ ସେ ତାଙ୍କ ଯାତ୍ରା ଲକ୍ଷ୍ୟ ସମ୍ପର୍କରେ କେତେକ ସୂଚନା ଦେଇଥିଲେ।

ତାଙ୍କ ସୂଚନାରୁ ଜଣାଯାଏ, ଶେଖାୱତ ରାଜସ୍ଥାନ ଜୟପୁର ସିଟ୍‌ର ନିବାସୀ। ତାଙ୍କ ପଦଯାତ୍ରା ୧୧ ଡିସେମ୍ବର ୨୦୨୧ରୁ ତାମିଲନାଡୁ ରାମେଶ୍ୱର ମନ୍ଦିର ପରିସରରୁ ଆରମ୍ଭ ହୋଇଛି। ସେ ସାରା ଭାରତ ପରିଭ୍ରମଣ କରିବା ଯୋଜନା ରଖିଛନ୍ତି। ଯାତ୍ରା ସମୟରେ ସେ ୪ଟି ତୀର୍ଥ ଧାମ ଓ ୧୨ଟି ଜ୍ୟୋତିର୍ଲିଙ୍ଗ ଧର୍ମପୀଠ ସ୍ଥଳରେ ପହଞ୍ଚିବେ। ସେସବୁ ସ୍ଥାନରେ ପହଞ୍ଚି ତାଙ୍କର ଦାବି ଉପସ୍ଥାପନ କରିବା ସହ ଗୋ-ମାତା ସୁରକ୍ଷା ସ୍ୱରକୁ ଶାଣିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ତାଙ୍କୁ ଅଢ଼େଇ ବର୍ଷ ସମୟ ଲାଗିପାରେ ବୋଲି ଶେଖାୱତ ଆକଳନ କରିଛନ୍ତି। ଦିନକୁ ୨୫ ରୁ ୩୦ କି.ମି. ରାସ୍ତା ଅତିକ୍ରମ କରୁଛନ୍ତି। ପଦଯାତ୍ରା ସମୟରେ ସେ ରାସ୍ତାକଡ଼ର ମନ୍ଦିର, ମଠ, ଧର୍ମଶାଳା ଆଦି ସ୍ଥାନରେ ରାତ୍ରି ଯାପନ କରୁଛନ୍ତି। ସେଠାରେ ଯାହାକିଛି ମିଳୁଛି ତାହାକୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି। ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବ୍ରତୀ ହୋଇ ଆଗକୁ ମାଡ଼ି ଚାଲିଛନ୍ତି। ଭାରତ ଭଳି ଧର୍ମ ନିରପେକ୍ଷ ରାଷ୍ଟ୍ରରେ ଗୋ-ମାତାର ଗୁରୁତ୍ୱକୁ ବୁଝାଇବାରେ ସେ ସଫଳ ହେବେ ବୋଲି ଆଶାବାଦୀ ଅଛନ୍ତି। ସେଥି ଲାଗି ତାଙ୍କୁ ସଫ୍ଟୱେର ଇଞ୍ଜିନିୟର ଚାକିରି ଛାଡ଼ିବାକୁ ପଡ଼ିଛି। ଗୋ-ମାତା ସୁରକ୍ଷା ଚିନ୍ତା ତାଙ୍କୁ ଉଦ୍‌ବେଳିତ କରି ପକାଇଲା। ସେ ନିଜକୁ ଅଟକାଇ ପାରିଲେ ନାହିଁ। ଈଶ୍ୱରଙ୍କ ଇଚ୍ଛା ଅନୁସାରେ ନିଜର ସ୍ୱପ୍ନକୁ ସାକାର ପାଇଁ ସେ ଚାକିରି ଛାଡ଼ିବାକୁ ବାଧ୍ୟ ହେଲେ। ଏବେ ସେ ପୁରୀ ଧାମରେ ପହଞ୍ଚି ସାରିଛନ୍ତି। ଏହାରି ଭିତରେ ସେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର ଓ ଛତିଶଗଡ଼ ଭଳି ୫ଟି ରାଜ୍ୟକୁ ଅତିକ୍ରମ କରି ସାରି ଓଡ଼ିଶାରେ ପାଦ ଥାପିଛନ୍ତି। ଏହି ଅବସରରେ ୨ଟି ଧାମ ଓ ୪ଟି ଜ୍ୟୋତିର୍ଲିଙ୍ଗ ଭଳି ଧର୍ମୀୟ ସ୍ଥାନରେ ପାଦ ଥାପିବାରେ ସଫଳ ହୋଇପାରିଛନ୍ତି। ବାକି ରାଜ୍ୟରେ ଥିବା ବଦ୍ରିନାଥ ଓ ଦ୍ୱାରିକାନାଥ ଭଳି ୨ଟି ଧାମ ଓ ୮ଟି ଜ୍ୟୋତିର୍ଲିଙ୍ଗ ସ୍ଥଳ ପରିଦର୍ଶନ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ଅପରାଜିତାଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା,୧୨।୫(ଡି.ଏନ.ଏ.)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଗୁରୁବାର ଜାରକାଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଏମ୍‌ପି ଷଡ଼ଙ୍ଗୀ ବାରିପଦାଠାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଯାଉଥିଲେ। ଏହି ଅବସରରେ ବୁଦ୍ଧିଜୀବୀ ଓ ବ୍ୟବସାୟୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ସମର୍ଥର ରାଜ୍ୟ ସଭାପତି କାହ୍ନୁଚରଣ ଦାଶଙ୍କ ନେତୃତ୍ୱରେ ଜାରକାବଜାର ଦୁର୍ଗାମଣ୍ଡପ ନିକଟରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମା', ପୁଅଙ୍କୁ ଆକ୍ରମଣ ମାମଲା:୪ ଅଭିଯୁକ୍ତଙ୍କୁ ଜେଲ

**ଯାଜପୁର ଟାଉନ,୧୨।୫(ଡି.ଏନ.ଏ.)**

ମା',ପୁଅଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଯାଜପୁର ଜିଲା ସହକାରୀ ଦୌରାଜଜ୍ ପି. ସୁଜାତା ମାମଲାର ବିଚାର କରି ୪ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି।

ବିବରଣୀରୁ ପ୍ରକାଶ, ୨୦୧୮ ଏପ୍ରିଲ ୨୬ ତାରିଖରେ ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଜେନାପୁର ଥାନା ଅନ୍ତର୍ଗତ ଚଉଷଠିପଡ଼ା ଗ୍ରାମର ରଘୁନାଥ ସିଂ ମାନ୍ଧାତା ସାମନ୍ତଙ୍କ ପୁଅ ଦେବବ୍ରତ ସାମନ୍ତଙ୍କୁ ଆକ୍ରମଣ ହୋଇଥିଲା। ସେ ସନ୍ଧ୍ୟାରେ ବଜାରରେ ବୁଲୁଥିବା ବେଳେ ସେହି ଗ୍ରାମର ନୀଳମଣି ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ମହେଶ୍ୱର ବାରିକ ଓ ନବକିଶୋର ବାରିକ ତାଙ୍କୁ ଖଣ୍ଡା, ଲୁହାରଡ୍ ଆଦି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବର ପାଇ ଦେବବ୍ରତଙ୍କ ମା' ରସାଳମଞ୍ଜରୀ ଦେବୀ ପହଞ୍ଚି ଆକ୍ରମଣକାରୀଙ୍କୁ ବିରୋଧ କରିଥିଲେ। ଏହି ସମୟରେ ତାଙ୍କୁ ମଧ୍ୟ ଅଭିଯୁକ୍ତ ମାଡ଼ମାରି ରକ୍ତାକ୍ତ କରିଥିଲେ। ସ୍ଥାନୀୟ ଲୋକେ ମା',ପୁଅଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ପରେ ସେମାନଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୧୦୯/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ୭ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଦୌରାଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଜରିମାନା ଅର୍ଥ ଆହତ ଦେବବ୍ରତ ଓ ତାଙ୍କ ମା'ଙ୍କୁ ଦେବାପାଇଁ ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ଶୈଳେନ୍ଦ୍ର ସାମଲ ମକୋଦ୍ଦମା ପରିଚାଳନା କରୁଥିଲେ।

# ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ବିକ୍ଷୋଭ

**ଯାଜପୁର ଟାଉନ,୧୨।୫(ଡି.ଏନ.ଏ.)**

ଯାଜପୁର ଜିଲାରେ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ସମେତ ଅନ୍ୟ ନଦୀରୁ କାରଖାନାଗୁଡ଼ିକ ପାଣି ନେଉଥିବାରୁ ନଦୀଜଳ ସ୍ରୋତ ଶୁଖି ଗଲାଣି। କଳକାରଖାନାର ମଇଳା ପାଣିକୁ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ସଫା କରି ପୁନର୍ବାର ସେହି ପାଣିକୁ ବ୍ୟବହାର କରିବା କଥା। କିନ୍ତୁ କଳ କାରଖାନା ମଇଳା ପାଣିକୁ ସିଧା ନଦୀକୁ ଛାଡିଦେଉଥିବାରୁ ନଦୀ ପାଣି ପ୍ରଦୂଷିତ ହୋଇ ଜଳଚର ଜୀବ ମରି ଯାଉଛନ୍ତି। ଲୋକେ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଜିଲାରେ ଶାସକ ଦଳ ସହଯୋଗରେ ବାଲି ମାଫିଆ ଚୋରାବାଲି ଚାଲାଣ କରୁଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମାଫିଆଙ୍କ ଦୌରାତ୍ମ୍ୟରେ ଲୋକେ ହଇରାଣ ହରକତ ହେଉଛନ୍ତି। ଏପରି କି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ମଧ୍ୟ ଘଟିଛି। ଜିଲାରେ ବାଲି ମାଫିଆଙ୍କ ଆତଙ୍କରାଜ୍‌ରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଏହାର ପ୍ରତିବାଦରେ ଯାଜପୁର ଜିଲା ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ରାଜ୍ୟପାଳଙ୍କୁ ଜିଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ)ର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

ଆଗାମୀ ଦିନରେ ଏହାର ପ୍ରତିକାର କରା ନ ଗଲେ ଭାଜପା ନଦୀ ସୁରକ୍ଷା ସମିତି ତରଫରୁ ଜିଲା ବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ମହେଶ୍ୱର ସାହୁ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ନଦୀ ସୁରକ୍ଷା ସମିତି ରାଜ୍ୟ ସହସଂଯୋଜକ ଡ. ରବିନାରାୟଣ ବେହେରା, ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ବିକ୍ରମ କେଶରୀ ବିଶ୍ୱାଳ, ଭାଜପା ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ଗୁରୁଚରଣ ସେଠୀ, ଅଶୋକ କୁମାର ସାହୁ, ସର୍ବେଶ୍ୱର ଦାସ, ନିରଞ୍ଜନ ଭୋଇ, ଫନୀନ୍ଦ୍ର ମିଶ୍ର, ଭରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ରେଳଧାରଣାରେ କଟି ଯୁବକ ମୃତ

**ଚଣ୍ଡିଖୋଲ,୧୨।୫(ଡି.ଏନ୍.ଏ.)**

ହରିଦାସପୁର-ପାରାଦୀପ ରେଳଧାରଣାରେ କଟି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ବାଲିଚନ୍ଦ୍ରପୁର ଗ୍ରାମର ସୁକାନ୍ତ ପାଢ଼ୀଙ୍କ ପୁଅ ସ୍ୱରୂପ ପାଢ଼ୀ (୧୮)। ସ୍ୱରୂପ ଗୁରୁବାର ଏହି ଧାରଣାରେ ଯାଉଥିବାବେଳେ ଏକ କୋଇଲା ବୋଝେଇ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ସ୍ୱରୂପ ରେଳଧାରଣାକୁ କାହିଁକି ଯାଇଥିଲେ ଓ କିଭଳି ଦୁର୍ଘଟଣା ଘଟିଲା ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ। ସ୍ୱରୂପ ସାହାସପୁର ମହାବିଦ୍ୟାଳୟରେ ଯୁକ୍ତ ୨ ଧନ୍ଦାମୂଳକ ଶିକ୍ଷାର ଛାତ୍ର ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବାଲିଚନ୍ଦ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କୋଭିଡ୍ ମୃତକଙ୍କ ପରିବାରକୁ ୪ଲକ୍ଷ ସହାୟତା ମିଳୁ



ବୈଠକରେ ଯୋଗ ଦେଇଥିବା ଯୁବ କଂଗ୍ରେସର କର୍ମକର୍ତ୍ତା ଓ ଅନ୍ୟମାନେ।

**ଯାଜପୁର ସଦର,୧୨।୫(ଡ଼ି.ଏନ୍.ଏ)**

## ଯାଜପୁର ଜିଲା ଯୁବକଂଗ୍ରେସର ଦାବି

ଯାଜପୁର ଜିଲା ଯୁବକଂଗ୍ରେସର ଏକ ବୈଠକ ଗୁରୁବାର କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅପାରଗତା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରକୃତ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ସାମ୍ନାକୁ ଆଣିବା ନିମନ୍ତେ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଦାବି ହୋଇଥିଲା। ଏଥି ସହିତ କୋଭିଡ ମୃତକ ପରିବାରଙ୍କୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ମଧ୍ୟ ଦାବି କରାଯାଇଥିଲା। ଏବେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଆସିବା ପରେ ସରକାର କୋଭିଡ୍ ମୃତକଙ୍କ ସଂଖ୍ୟା ଲୁଚାଇଥିବା ଓ ବ୍ୟାପକ କୋଭିଡ୍ ସହାୟତା ପାଣ୍ଠି ହେରଫେର କରିଥିବା ସ୍ପଷ୍ଟ ଜଣାପଡିଛି। ଏଣୁ ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପାଇଁ ସରକାର ସବୁଦଳର ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ସଂଗ୍ରାମ ଜେନା, ସରୋଜ ନାୟକ, ସଂଗ୍ରାମ ସାହାଣୀ, ଅରଜିତ ନାୟକ, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ଶରଦେନ୍ଦୁ ପତି, ସୁନିଲ ନାୟକ, ଅନିତା ସାହୁ ପ୍ରମୁଖ ଯୁବକଂଗ୍ରେସର କର୍ମୀମାନେ ଯୋଗଦେଇଥିଲେ।

# ପ୍ରାଚୀନ ବୌଦ୍ଧଯୁଗୀୟ ବୋଧିସତ୍ତ୍ୱ ମୂର୍ତ୍ତି ଉଦ୍ଧାର

**ଚଣ୍ଡିଖୋଲ,୧୨।୫(ଡି.ଏନ୍.ଏ.)**

ଏବେବି ମାଟିତଳେ ଅନେକ ପ୍ରାଚୀନ କୀର୍ତ୍ତିରାଜି ପୋତି ହୋଇ ରହିଛି। ବିଭିନ୍ନ ସମୟରେ ଖନନ କରାଯିବା ହେତୁ ଏହାର ସନ୍ଧାନ ମିଳୁଛି। ଗୁରୁବାର ଯାଜପୁର ଜିଲା ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆ ପଞ୍ଚାୟତ ଅଧୀନ ପାଇକରାପୁର ଗ୍ରାମରେ ଏକ ପୋଖରୀ ଖନନ ସମୟରେ ପ୍ରାଚୀନ ବୌଦ୍ଧ ଯୁଗୀୟ ବୋଧିସତ୍ତ୍ୱ ମୂର୍ତ୍ତି ଉଦ୍ଧାର କରାଯାଇଛି। ମୂର୍ତ୍ତିଟି ଦେଢ଼ ଫୁଟ ଲମ୍ବ ଓ ଦେଢ଼ଫୁଟ ଚଉଡ଼ାରେ ହୋଇଥିବାବେଳେ ମନ୍ଦିର ଆକୃତିର ଶିଳା ମଧ୍ୟରେ ଖୋଦିତ ହୋଇଛି। ପୋଖରୀରୁ ମିଳିଥିବା ଏହି ଶିଳାଟି ପ୍ରାଚୀନ ବୌଦ୍ଧ ବିହାର ମଧ୍ୟରେ ଶୋଭା ପାଉଥିବା ୪ ଫୁଟ ଉଚ୍ଚର ଓ ୩ ଫୁଟ ଗୋଲେଇ ସ୍ତୂପ ଭଳି ଦେଖାଯାଉଛି। ଏ ସମ୍ପର୍କରେ ଐତିହାସିକ ତଥା ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପୃଷ୍ଟି କହିଛନ୍ତି, ଏହା ଏକ ବୋଧିସତ୍ତ୍ୱ ମୂର୍ତ୍ତି ବୋଲି ଅନୁମାନ କରାଯାଉଛି। ଏହା ଦଶମ ଓ ଏକାଦଶ ଖ୍ରୀଷ୍ଟାବ୍ଦର ହୋଇଥାଇ ପାରେ ବୋଲି ସେ ସୂଚନା ଦେଇଛନ୍ତି। ମୂର୍ତ୍ତିଟି ପଦ୍ମାସନରେ ଲଳିତ ମୁଦ୍ରାରେ ବସିଥିବା ଦେଖାଯାଉଛି। ଏହାର ଚତୁଃପାର୍ଶ୍ୱରେ ପଥରର ଖୋଲ ସୃଷ୍ଟି କରାଯାଇଛି। ସେ ସମୟରେ ମୂର୍ତ୍ତିକୁ ସୁରକ୍ଷିତ ରଖିବା ପାଇଁ ଏହା କରାଯାଇଥିବା ଅନୁମାନ କରାଯାଉଛି। ସୂଚନା ଥାଉକି, କଣ୍ଟିଗଡ଼ିଆ ପାହାଡ଼ରେ ପ୍ରାଚୀନ ବୌଦ୍ଧ ଗୁମ୍ଫା ଓ ବୌଦ୍ଧ ମୂର୍ତ୍ତି ପୂର୍ବରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାଦ୍ୱାରା ଆବିଷ୍କୃତ ହୋଇଛି। ଏଠାରେ ଚାରୋଟି ବୌଦ୍ଧ ଗୁମ୍ଫା ରହିଥିବା ବେଳେ ପାହାଡ଼ର ନାସି ନିକଟରେ ପ୍ରାଚୀନ ବୌଦ୍ଧ ମୂର୍ତ୍ତିମାନ ରହିଛି। ଯେହେତୁ କଣ୍ଟିଗଡ଼ିଆ ପାହାଡ଼ ତଳେ ପାଇକରାପୁର ଗ୍ରାମ ଅବସ୍ଥିତ ସେଥିପାଇଁ ଏହି ପାହାଡ଼ରେ ବୌଦ୍ଧ କୀର୍ତ୍ତିରାଜି ପାହାଡ଼ ପାଦଦେଶରେ ଥିବା ଗ୍ରାମଗୁଡ଼ିକରେ ପୋତି ହୋଇ ଥାଏ ପାରେ ବୋଲି ଡ. ପୃଷ୍ଟି କହିଛନ୍ତି। ମୂର୍ତ୍ତି ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଏହାକୁ ଦେଖିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ତେବେ ମୂର୍ତ୍ତିଟି ସମ୍ପର୍କରେ ସବିଶେଷ କେହି ଜାଣି ନ ଥିବାରୁ ଏହା ଦେବଦେବୀଙ୍କ ମୂର୍ତ୍ତି ବୋଲି ସେମାନେ ଅନୁମାନ କରୁଛନ୍ତି। ନିକଟସ୍ଥ କଣ୍ଟିଗଡ଼ିଆ ପାହାଡ଼ ସମେତ ଶଙ୍ଖ, ଲାଙ୍ଗୁଡ଼ି ଓ କାଏମାରେ ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ରହିଥିବା ବେଳେ ଏହାକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ନିଜ ଅଧୀନକୁ ନେଇ ସୁରକ୍ଷିତ ରଖିଛି। ଏହି କଣ୍ଟିଗଡ଼ିଆ ପାହାଡ଼ରେ ଆବିଷ୍କୃତ ହୋଇଥିବା ବୌଦ୍ଧ ଗୁମ୍ଫାଗୁଡ଼ିକ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ହୋଇଥିବାବେଳେ ଏହାର ପରିପାର୍ଶ୍ୱରେ ଅଧିକ ବୌଦ୍ଧ କୀର୍ତ୍ତିରାଜି ମିଳିପାରେ ବୋଲି ସୂଚନା ମିଳିଛି।



କଣ୍ଟିଗଡ଼ିଆ ପାହାଡ଼ ନିକଟ ପାଇକରାପୁର ଗ୍ରାମରୁ ମିଳିଥିବା ବୋଧିସତ୍ତ୍ୱ ମୂର୍ତ୍ତି।

## ୨ ଫେରାର ଅଭିଯୁକ୍ତ ଗିରଫ

**ରସୁଲପୁର,୧୨।୫(ଡି.ଏନ.ଏ.):** କୁଆଖିଆ ଥାନା ବଡ଼କଇଞ୍ଚ ପଞ୍ଚାୟତରୁ ୨ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ପଞ୍ଚାୟତ ଗୋପୀନାଥପୁର ଗ୍ରାମର ଚକ୍ରଧର ସେଠୀ ଓ ପାଳସାହିର ଅମୂଲ୍ୟ ସାହୁ। ଉଭୟ କୋର୍ଟରୁ ଜାମିନରେ ଆସିଥିଲେ। ପରେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ ସେମାନଙ୍କ ନାଁରେ କୋର୍ଟ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା।

## ମଲା ଶିଶୁପୁତ୍ର ଜନ୍ମଦେଲେ ଯୁବତୀ: ଯୁବକ ଗିରଫ

**ବ୍ରହ୍ମବରଦା,୧୨।୫(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ତଥା ବ୍ରହ୍ମବରଦା ଫାଣ୍ଡି ଅଧୀନ ମଙ୍ଗଳପୁର ଗ୍ରାମର ଯୁବକ ବଳରାମ ତରାଇ ଜଣେ ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିବା ପରେ ଯୁବତୀ ଗର୍ଭବତୀ ହୋଇ ଏକ ମଲା ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଏଥିସହିତ ଯୁବତୀ ଜଣକ ଗୁରୁତର ହୋଇ କଟକ ବଡ଼ମେଡିକାଲ ଆଇସିୟୁରେ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଶୁକ୍ରବାର ତାଙ୍କର ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଯୁବତୀ ଗର୍ଭବତୀ ହୋଇଥିବା ଯୁବକ ଜାଣିବା ପରେ ଗର୍ଭ ନଷ୍ଟ ପାଇଁ ତାଙ୍କୁ ଔଷଧ ଖୁଆଇଥିଲେ। ତେବେ ୭ ତାରିଖରେ ଯୁବତୀଙ୍କ ପେଟରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଯୁବତୀଙ୍କ ମଲା ଶିଶୁପୁତ୍ର ଜନ୍ମ ହୋଇଥିଲା। ଏହି ଘଟଣାକୁ ନେଇ ଯୁବତୀଙ୍କ ଭାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକରୀ ଯୁବକଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଯୁବକଙ୍କ ଘରେ ପହଞ୍ଚିବାରୁ ସେ ଫେରାର ହୋଇଯାଇଥିଲେ। ଫଳରେ ପୋଲିସ ତାଙ୍କ ବଡ଼ଭାଇକୁ ଥାନାକୁ ଆଣି ଅଟକ ରଖିଥିଲା। ଖବର ପାଇ ବଳରାମ ଥାନାକୁ ଯାଇଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କ ବଡ଼ଭାଇଙ୍କୁ ଛାଡ଼ି ଦେଇଥିଲା।


### ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ସିକେପି-ସେଣ୍ଟ୍ରାଲ-୨୨-୨୩-୦୩, (୨) ସିକେପି-ସେଣ୍ଟ୍ରାଲ-୨୨-୨୩-୦୪, ତାରିଖ: ୧୦।୦୫।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ., କାର୍ଯ୍ୟର ନାମ: (୧) ଡିଏମ୍‌ଏଫ୍‌ଠାରେ ୩୨ ଶଯ୍ୟାବିଶିଷ୍ଟ (୧୬ ଗୋଟି କୋଠରି) ନୂଆ ରନିଂ ରୁମ୍‌ର ନିର୍ମାଣ । (୨) ବିଏନ୍‌ଡିଏମ୍ ଏ କ୍ୟାବିନ୍ - ବିଏକ୍ସଏଫ୍ ମଧ୍ୟରେ ବିଭିନ୍ନ ଅଂଶରେ ୯.୧୪୩ ଟିଆର୍ କିମି ପାଇଁ ଟିଟ୍‌ବ୍ୟୁଆର୍ (ମୋବାଇଲ ଫ୍ଲାଶ୍ ବଟ୍ ୱେଲ୍‌ଡିଂ ଦ୍ୱାରା) । ଟେଣ୍ଡର ମୂଲ୍ୟ: ₹୧,୫୦,୨୪,୮୩୧.୯୫ (କ୍ର.ସଂ. ୧ ପାଇଁ), ₹୧,୫୧,୦୪,୬୧୭.୪୫ (କ୍ର.ସଂ. ୨ ପାଇଁ) । ଇଏମ୍‌ଡି: ₹୨,୨୫,୧୦୦/- (କ୍ର.ସଂ. ୧ ପାଇଁ), ₹୨,୨୫,୫୦୦/- (କ୍ର.ସଂ. ୨ ପାଇଁ) । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ₹୦/- । ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ୧୦।୦୬।୨୦୨୨ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡ଼ରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-110)

### ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2022-03 ତା.09.05.2022ରିଖ

**କାର୍ଯ୍ୟର ନାମ :** ମଣ୍ଡଳ ସୁରକ୍ଷା ନିୟନ୍ତ୍ରଣ/ସମ୍ବଲପୁର ଠାରେ ଲଗାଯାଇଥିବା ସୁରକ୍ଷା ହେଲ୍‌ପ ଲାଇନ୍-182 (ବର୍ତ୍ତମାନ-139) ର ଅଟୋମେଟିକ୍ କଲ୍ ଡିଷ୍ଟ୍ରିବ୍ୟୁସନ (ACD) ସିଷ୍ଟମ୍ ନିମନ୍ତେ ବ୍ୟାପକ ଅନ୍ ସାଇଟ୍ (On site) ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
**ଟେଣ୍ଡର ମୂଲ୍ୟ (ଟଙ୍କାରେ):** 2,65,850.60, EMD (ଟଙ୍କାରେ): 5,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/-
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.01.06.2022 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-104/N/22-23

---

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

### ଆଲ୍‌କହଲିଜମ୍ ଏବଂ ନିଶାଦ୍ରବ୍ୟ (ଡ୍ରଗ୍‌ସ)ର ଦୁରୁପଯୋଗକୁ ପ୍ରତିରୋଧ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ଜାତୀୟ ପୁରସ୍କାର, ୨୦୨୨ ଲାଗି ଦରଖାସ୍ତ ଆହ୍ୱାନ

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ୨୬ ଜୁନ୍, ୨୦୨୨ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଦୁରୁପଯୋଗ ଏବଂ ବେଆଇନ ଚାଲାଣ ବିରୋଧୀ ଦିବସ ଅବସରରେ ଜାତୀୟ ପୁରସ୍କାର ବିତରଣ କରିବ । ଆଲ୍‌କହଲିଜମ୍ ଏବଂ ନିଶାଦ୍ରବ୍ୟ (ଡ୍ରଗ୍‌ସ)ର ଦୁରୁପଯୋଗକୁ ପ୍ରତିରୋଧ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ଜାତୀୟ ପୁରସ୍କାର ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି ।

ବର୍ଗ, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିବରଣୀ ପାଇଁ ଆଗ୍ରହୀ ସଂଗଠନ/ବ୍ୟକ୍ତିବିଶେଷ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (www.socialjustice.nic.in) ଏବଂ ଇ-ଅନୁଦାନ ୱେବ୍‌ସାଇଟ୍ (https://grants.msje.gov.in/ngo-login) ଦେଖିପାରିବେ । ପ୍ରସ୍ତାବଗୁଡ଼ିକ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଜାତୀୟ ପୁରସ୍କାର ପୋର୍ଟାଲ https://awards.gov.in/ ରେ ଅନ୍‌ଲାଇନ୍‌ରେ ୦୫ ମେ ୨୦୨୨ରୁ ୨୦ ମେ, ୨୦୨୨ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ ।

davp 38101/11/0011/2223

---

GOVERNMENT OF ODISHA E-mail: eerwkesinga@yahoo.com

### OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA

**e-Procurement Notice**

No. O-203 BID IDENTIFICATION No. SERWKSNG - Online - 01/2022-23

1. Name of works : 1 No. Building (As per annexure)
2. Total No. of work : 1 No.
3. Estimated Cost : Please refer DTCN
4. E.M.D. : Please refer DTCN
5. Cost of Tender document : Please refer DTCN
6. Class of Contractor : Please refer DTCN
7. Period of Completion : As per DTCN
8. Other details : As per DTCN

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | SERWKSNG - Online - 01/2022-23 | 18.05.2022 at 11.00 A.M. | 31.05.2022 upto 13.00 P.M. | 30.05.2021 upto 11.00 A.M. | 01.06.2022 at 11.00 A.M. |

Further details can be seen from the website i.e. www.tenderodisha.gov.in.
OIPR-25153/11/0001/2223 Sd./- Superintending Engineer, Rural Works Division, Kesinga

---

### OFFICE OF THE EXECUTIVE ENGINEER, RWS&S DIVISION, KENDRAPARA

At: Ichhapur, Post: Shree Baladevjew, E-mail: eerwsskendrapara@gmail.com
Identification No. RWS/04/2022-23

Letter No. 3391 Dated: 04.05.2022

**2nd Corrigendum**

No. O-201: This corrigendum has been made for the NIT-04 invited online vide this office letter No. 2851/ Dated 07.04.2022 with date for selling, closing, clarification and opening which was on Dt.07.05.2022 (selling date), 23.05.2022 (closing date), 09.05.2022 (clarification date), 24.05.2022 (opening date) as per 1st corrigendum has been amended and to be read as 18.05.2022, 04.06.2022, 21.05.2022 and 06.06.2022 respectively as follows.

| Sl. No. | Name of Work | Estimated Cost (Apprx.) Rs. in Lakhs | EMD to be Deposited Online | Class of Bidder | Cost of Tender Paper | Period of Completion |
|---|---|---|---|---|---|---|
| 1 | Execution of 40 LPCD Retrofitting RPWS Scheme to **Chandol** under **Derabish** Block in the District of Kendrapara. **(JJM Funds)** | Rs.494.48 | NIL | "A" and "Special" | Rs.10000 | 360 Days |

OIPR-25004/11/0030/2223 Sd./- (Er. B.K. Nayak), Executive Engineer, RWS&S Division, Kendrapara

---

### ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ପୁରୀ

ଚିଠି ନଂ. ୫୪୫ ତାରିଖ: ୧୦।୦୫।୨୦୨୨

**ବିଜ୍ଞପ୍ତି**

No. g-16

| କ୍ର.ନଂ. | ମା' ଓ ଶିଶୁଙ୍କ ପରିଚୟ | ମହିଳା/ ପୁରୁଷ | ବୟସ | ଫଟୋ | |
|---|---|---|---|---|---|
| | | | | ଝିଅ | ମଙ୍ଗୁଳୀ (ମା') |
| ୧. | ନାମ: ଜଣା ନାହିଁ | ମହିଳା | ୨ ବର୍ଷ |  |  |
| ୨. | ମାତା: ମଙ୍ଗୁଳୀ<br>ପିତା: ଜଣାନାହିଁ<br>ଠିକଣା: ଉପଲବ୍ଧ ନାହିଁ | ମହିଳା | ୨୦ ବର୍ଷ | | |

ଗତ ତା୨୧।୦୪।୨୦୨୨ରିଖ ପୁରୀର ବଳଙ୍ଗା ଥାନା ପୋଲିସ ଅଧିକାରୀ ମଙ୍ଗୁଳୀ (ପ୍ରାୟ ୨୦ ବର୍ଷ) ନାମକ ଏକ ମାନସିକ ଅନଗ୍ରସର ମହିଳାଙ୍କ ସହ ଦୁଇ ବର୍ଷର ଏକ ଶିଶୁକନ୍ୟାକୁ ଉଦ୍ଧାରକରି ପୁରୀ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିକଟରେ ଉପସ୍ଥାପିତ କରାଇଥିଲେ। ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୁରୀଙ୍କ ନିର୍ଦ୍ଦେଶାଙ୍କ ନଂ. ୯୧୯୪/CWC/୨୧।୦୪।୨୦୨୨ ଅନୁସାରେ ମା' ଏବଂ ଝିଅଙ୍କୁ ଯଥାକ୍ରମେ କଲ୍ୟାଣୀ ଥଇଥାନ କେନ୍ଦ୍ର ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନ, କଣାସଠାରେ ଭର୍ତ୍ତି କରାଯାଇଅଛି।

ଯଦି ଏହି ମା' ଏବଂ ଶିଶୁଙ୍କର କେହି ଅଭିଭାବକ ବା ପରିବାରବର୍ଗ ଓ ଅନ୍ୟ ସମ୍ପର୍କୀୟ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ଭିତରେ ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର, ନରେନ୍ଦ୍ରକୋଣ, ପୁରୀ (ଫୋନ୍ ନଂ.: ୯୪୩୭୧୧୪୪୬୧)/ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର (ଫୋନ୍ ନଂ.: ୯୪୩୮୬୪୮୦୬୭), ପୁରୀଙ୍କ ସହ ଯୋଗାଯୋଗ କରନ୍ତୁ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା ୩୮ ଉପଧାରା (୧) ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବା ପାଇଁ ପଦକ୍ଷେପ ନିଆଯିବ।

OIPR-33018/11/0001/2223 ସ୍ୱା./- ଜିଲ୍ଲାପାଳ, ପୁରୀ

---

ଓଡ଼ିଶା ସରକାର
ଉଚ୍ଚଶିକ୍ଷା ବିଭାଗ

### ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ୧୫୦୦୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା (Laptop DBT) ଯୋଜନା-୨୦୨୧ ଆବେଦନ ଅବଧିର ଶେଷ ତାରିଖ ତା.୩୧.୦୫.୨୦୨୨ ରିଖକୁ ବୃଦ୍ଧି କରାଗଲା

**No.N-07:** ଏହି ଯୋଜନାର ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କଠାରୁ (ତାଲିକା www.dhe.odisha.gov.in ଓ www.scholarship.odisha.gov.in ୱେବସାଇଟ୍‌ରେ ଉପଲବ୍ଧ) ତା.୨୯.୦୩.୨୦୨୨ ରିଖଠାରୁ ଆବେଦନ ଗ୍ରହଣ କରାଯାଉଅଛି । ଏପର୍ଯ୍ୟନ୍ତ ଆବେଦନ କରିପାରି ନ ଥିବା ଛାତ୍ରଛାତ୍ରୀମାନେ www.scholarship.odisha.gov.in. ରେ ନିଜର ଆଧାର ନମ୍ବର ଓ ଆଧାର ସହିତ ସଂଯୋଗ ହୋଇଥିବା ମୋବାଇଲ୍ ନମ୍ବର ମାଧ୍ୟମରେ Registration କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ ନିଜର ବିବରଣୀ ତା.୩୧.୦୫.୨୦୨୨ ରିଖ ମଧ୍ୟରେ ପ୍ରଦାନ କରିବାକୁ ଅନୁରୋଧ ।

ସ୍ୱା./-
ସ୍ୱତନ୍ତ୍ର ଶାସନ ସଚିବ
OIPR-11001/11/0004/2223

---

### ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

**ଇ-ଟେଣ୍ଡର ବିଜ୍ଞପ୍ତି**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ । କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ । ଏହି ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ ।

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୨୨୯୮୭ | ବୋଲଷ୍ଟର୍ | ୧୯।୦୫।୨୦୨୨ ୧୦.୩୦ ଘଟିକାରେ | ୩୬ ଗୋଟି |
| ୨ | ୦୪୨୨୧୨୬୪ | ପୋର୍ସିଲେନ୍ ଷ୍ଟେ ଆର୍ମ ଇନ୍‌ସୁଲେଟର୍ | ୨୩।୦୫।୨୦୨୨ ୧୦.୩୦ ଘଟିକାରେ | ୮୫୦ ଗୋଟି |
| ୩ | ୦୫୨୨୧୨୦୦ | ଜିଆଇ ବୁମ୍ (୩୨ ଫୁଟ) | ୨୩।୦୫।୨୦୨୨ ୧୦.୩୦ ଘଟିକାରେ | ୪୯୧ ଗୋଟି |
| ୪ | ୦୪୨୨୧୯୦୨ | ୨୫ କେଡବ୍ଲ୍ୟୁ, ୧୧୦/୧୩୦ ଭୋଲ୍ଟର ବ୍ରଶ୍‌ଲେସ୍ ଅଲ୍ଟରନେଟର୍ | ୨୬।୦୫।୨୦୨୨ ୧୦.୩୦ ଘଟିକାରେ | ୧୭ ଗୋଟି |
| ୫ | ୦୩୨୨୧୧୧୦ | ଅଣ-ଆଜବେଷ୍ଟସ୍ ଭିତ୍ତିକ 'କେ' ଟାଇପ୍ ହାଇ ଫ୍ରିକ୍ସନ୍ କମ୍ପୋଜିଟ୍ ବ୍ରେକ୍ ବ୍ଲକ୍ | ୨୭।୦୫।୨୦୨୨ ୧୦.୩୦ ଘଟିକାରେ | ୨୧୮୮୮ ଗୋଟି |
| ୬ | ୦୪୨୨୧୧୯୨ | ଜଏଣ୍ଟଲେସ୍ ଗ୍ରୁଭଡ କପର୍ କଣ୍ଟାକ୍ଟ ଓ୍ୟାର୍, ୧୦୭ ବର୍ଗ ମିମି | ୩୦।୦୫।୨୦୨୨ ୧୦.୩୦ ଘଟିକାରେ | ୪.୫୦ ଏମ୍‌ଟି |
| ୭ | ୦୪୨୨୨୪୦୬ଏ | ୧୧୦ଭି ଟ୍ରେନ୍ ଲାଇଟିଂ ସିଷ୍ଟମ୍ ପାଇଁ ୧୨ଭି, ୭୦ଏଏଚ୍ | ୩୧।୦୫।୨୦୨୨ ୧୦.୩୦ ଘଟିକାରେ | ୪୧ ସେଟ୍ |
| ୮ | ୦୨୨୨୩୮୯୪ | ମାଷ୍ଟର୍ କଣ୍ଟ୍ରୋଲର | ୦୨।୦୬।୨୦୨୨ ୧୦.୩୦ ଘଟିକାରେ | ୫୦ ଗୋଟି |
| ୯ | ୦୩୨୨୧୪୮୪ | ସେଣ୍ଟର୍ ପାଇଭଟ୍ ବଟମ୍ | ୧୦।୦୬।୨୦୨୨ ୧୦.୩୦ ଘଟିକାରେ | ୨୭୪୩ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ତଥା ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।

ଏଏମ୍‌ଏମ୍/ଆଇଭି (ପିସିଏମ୍‌ଏମ୍‌ଙ୍କ ପାଇଁ)
ଦ.ପୂ.ମ. ରେଳପଥ, ବିଳାସପୁର
CPR/10-32
South East Central Railway @secrail

---

### ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
### OFFICE OF THE NOTIFIED AREA COUNCIL, CHAMPUA

Mail- champuanac@gmail.com

**QUOTATION CALL NOTICE**

Letter No.1139 Date:12.05.2022

No.C-273: Sealed quotation (s) are invited from the intending Transporter/Carriage Contractor / Contractor for shifting the Solid Waste i.e, non saleable plastic materials from MCC Centre at Munda Sahi, Panchapokharia in Ward No-02 to Barbil Municipality MRF site for ultimate disposal. The quotation(s) should reach on or before dt-20.05.2022 at 12:00 Noon during the office hour. The quotation(s) will be opened on the same day at 1:00 PM in presence of the quotationer(s) or their authorized agent by the Tender Committee Members. The undersigned reserves the right to accept or cancel any or all quotations without assigning any reason thereof.

| Sl. No. | Description | Unit | Rate in Figures | Rate in Words |
|---|---|---|---|---|
| 1 | Shifting of non saleable Wastage Plastic Materials for transportation, loading, unloading etc. complete and lifting from Munda Sahi, Panchapokharia to disposing at MRF centre at Barbil Municipality. | Per Ton | | |

Sd./- Executive Officer, Champua, NAC
OIPR-13157/11/0002/2223

---

### BERHAMPUR MUNICIPAL CORPORATION, GANJAM
### INVITATIONS FOR BIDS (IFB)

Letter No. 5201 Date: 10.05.2022

No. C-271 **Invitation for Bids**

**NATIONAL COMPETITIVE BIDDING THROUGH E-PROCUREMENT**

**Bid Identification No. BMC (BAM): 259/2022-2023**

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per Annexure "A" | |
| 2 | Nature of work | Civil |
| 3 | No. of work | 02 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 0% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A" |
| 7 | Availability of Bid Documents in the website | From 10.00 hrs. of 12.05.2022 to 17.00 hrs. of 26.05.2022 |
| 8 | Date & time of Opening of Technical Bids | 11.30 hrs. onwards on Dt.27.05.2022 |
| 9 | Date & time of opening of financial bids | Shall be intimated to the responsive Technically qualified bidder after evolution of Technical Bids. |
| 10 | Mode of submission of tender | Tender should submitted Online in **www.tendersorissa.gov.in**. |
| 11 | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- Commissioner
Berhampur Municipla Corporation
Berhampur, Odisha
OIPR-13035/11/0007/2223

See Career Appointment on every Wednesday & Saturday

---

### ODISHA HYDRO POWER CORPORATION LTD.,

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-56/14/ 2190 Date : 12.05.2022

No.CAD-494: **TENDER NOTICE NO. HHEP-18/2022**

Sealed tenders are invited on percentage rate contract basis from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway having valid EPF, GST, IT PAN for the following work

| Sl. No | Name of work | Approx. tender value (In Rs.) | Cost of tender (Non-Refundable) | Class of contractor |
|---|---|---|---|---|
| 1 | Renovation of water supply system with provision of overhead tank to Power House of HHEP, Burla | 1,37,928/- | Rs. 708/- (Rs. 600/- + GST 18%) | D & C |

- Sale of tender paper : **18.05.2022 (11.00AM) to 31.05.2022 upto 11.00AM**
- Receipt of tender paper : **31.05.2022 upto 12.00PM**
- Date & time of opening of tender: **31.05.2022 at 12.30PM**

Further details like tender specification, corrigendum to the tender call notice etc can only be available in our website **www.ohpcltd.com.**

Sd./- C&P Head, HHEP, Burla
OIPR-04007/11/0007/2223

---

### ZILLA SWASTHYA SAMITI, PURI
### O/o. the Chief District Medical & Public Health Officer, Puri,Pin-752001

No.2250 Date:11.05.22

**Tender Call Notice for supply of IEC & Printing Materials**

**No.E-79:** Sealed tenders are invited from interested firms / Suppliers having adequate experience for supply of IEC and Printing Materials under NHM, 0/o-CDM & PHO, Puri. The tender papers along with terms & conditions are available in the district website www.Puri.nic.in. The bid documents should reach to the O/o the undersigned latest by dt.31.05.2022 by 5.30 PM through registered post/speed post/courier only & it will be opened on dt.02.06.2022 at 11 AM at DTU. The undersigned reserves every right to accept or reject any or all bids without assigning any reason thereof. The authority will not be held responsible for any postal delay. Any further communication in this regard will be hosted in website only.

Sd./-CDM&PHO-cum-District Mission Director, Puri
OIPR-10021/11/0008/2223

---

### TPWODL
### TP WESTERN ODISHA DISTRIBUTION LIMITED

(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/AK/O/SU/ 041**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Supply of Angle and Channel of various sizes**

Interested bidders to submit Tender Participation Fee and Authorization Letter through email on or before **21st May 2022, 15:00Hrs**, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

---

### OFFICE OF THE ENGINEER-IN-CHIEF
### RURAL WATER SUPPLY & SANITATION

JAL "O" PARIMAL BHAWAN, UNIT - V, BHUBANESWAR - 751001, ODISHA
Tel.: 0674-2395734, Fax: 0674-2394946, e-mail: cerwssodisha@gmail.com

**CORRIGENDUM TO THE INVITATION FOR BIDS NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT**

No. 3791 Date: 11.05.2022

No. O-202: In the **INVITATION FOR BIDS (IFB) No. 3501 Dated 30.04.2022,** the following amendment, is hereby authorized under intimation to all concerned.

1. In Sl. No. 1 & 2 of the said IFB, "06 different packages in the State of Odisha" may please be read as **"07 different packages in the State of Odisha"**.
2. In Sl. No. 3 of the said IFB, "06 Nos individual works" may please be read as **"07 Nos individual works"**.
3. In Sl. No. 7 of the said IFB, "From 05.00 P.M. of 12.05.2022 to 05.00 P.M. of 16.06.2022" may please be read as **"From 05.00 P.M. of 17.05.2022 to 05.00 P.M. of 16.06.2022"**.

Sd./- Engineer-in-Chief, RWSS
OIPR-25003/11/0006/2223

---

### OFFICE OF THE SUPERINTENDING ENGINEER, GANJAM (R&B) DIVISION NO.II, BERHAMPUR

E-mail ID:-sernb2.ganjam@gmail.com, Tel :-0680-2233996

**GOVERNMENT OF ODISHA**

**NOTICE INVITING QUOTATION CALL NOTICE**

**BUDGETARY QUOTATION CALL NOTICE No. 3105 dt.07.02.2022**

**No.B-178:** In pursuance of decision to revise the Schedule of Rates – 2014, Sealed budgetary Quotation are invited from the Quarry owners/ Crusher owners/ Manufacturers / Suppliers / Dealers and other Stakeholders in their letter head as applicable and authorized for respective items having valid GSTIN of materials (available in the office of the Superintending Engineer, Ganjam (R&B) Division No.II, Berhampur as well as in the website of Works Department) confirming to relevant IS specifications for inclusion in the revised Scheduled of Rates in Government of Odisha to be used in different Civil construction / infrastructure works and repair works. The interested party i.e. the bidder shall quote his price in the following format.

**BASIC RATE OF MATERIALS FOR 2022 (FOR GANJAM UN-DIVIDED DISTRICT)**

| Sl. No. | Name of Items | Unit | Price excluding Royalty and GST in Rs. | |
|---|---|---|---|---|
| 1 | 2 | 3 | 4 | 5 |
| | Details enclosed | | Rate in figures | Rate in Words |

The name of items of material and the unit for which rate to be quoted will be available in the Official website of Works Department, Government of Odisha with effect from 13.05.2022.

The sealed quotations with all supporting documents complete in all respects will be received from 10.00 AM of dt.13.05.2022 to 5.00 PM of dt.26.05.2022 in the quotation box available in the office of the Superintending Engineer, Ganjam (R&B) Division No.1, Berhampur and will be opened on Dt.27.05.2022 at 12.30 PM in presence of the quotationers or their authorized representatives who desire to be present. This quotation is invited to ascertain and assess the Rate of Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of the firm mentioning GSTIN No. failing which quotation shall be rejected.

The undersigned reserves the right to accept or reject / cancel any or all quotations without assigning any reason thereof.

Sd./- Superintending Engineer,
Ganjam (R&B) Division No.II, Berhampur
OIPR-34080/11/0008/2223